ଓଡ଼ିଶାର ପ୍ରଥମ ସମ୍ପୂର୍ଣ୍ଣ ଓଡ଼ିଆ ସାହିତ୍ୟ ଇ-ପତ୍ରିକା

# ଆହ୍ୱାନ

୫



ଅଗଷ୍ଟ ୨୦୧୨
ବ୍ୟଙ୍ଗ ରଚନା
ବିଶେଷ

ଓଡ଼ିଆ ଭାଷାର ପ୍ରଥମ ସମ୍ପୂର୍ଣ୍ଣ ଓଡ଼ିଆ ସାହିତ୍ୟ ଇ-ପତ୍ରିକା

# ଆହ୍ୱାନ

ଆହ୍ୱାନ ଓଡ଼ିଆ ପରିବାର

ଆସ ଓଡ଼ିଆରେ ଲେଖିବା, ପଢ଼ିବା ଓ ପଢ଼ାଇବା

ପ୍ରତିଷ୍ଠାତା ସମ୍ପାଦକ

**ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ**

( ଏମ୍.ବି.ବି.ଏସ୍., ପିଜିଡ଼ିଏମ୍‌ସିଏଚ୍, ପିଜିଡ଼ିଏଚ୍‌ଏମ୍ )

ବୀମାନଗର, ୨ୟ ଗଳି, ବ୍ରହ୍ମପୁର, ଓଡ଼ିଶା, ୭୬୦୦୧୦ ଫୋନ୍: ୯୦୪୦୯୮୫୪୬୩

ବ୍ୟଙ୍ଗ ସାହିତ୍ୟ, ସାହିତ୍ୟର ଏକ ଅନନ୍ୟ ଅଂଶ। ଯୁଗଯୁଗରୁ ମନୁଷ୍ୟର ଭାରାକ୍ରାନ୍ତ ମନକୁ ହାଲୁକା କରିବା ତଥା ସମୟ ସମୟରେ ସମାଜରେ ଘଟୁଥିବା ଭିନ୍ନ ଭିନ୍ନ ଘଟଣାବଳୀକୁ ଏକ ଭିନ୍ନ ସ୍ବାଦରେ ଉପସ୍ଥାପନ କରିବାରେ ବ୍ୟଙ୍ଗ ସାହିତ୍ୟର ପ୍ରମୁଖ ଭୂମିକା ରହିଛି। ଆମର ଚଳିତ ସଂସ୍କରଣରେ ବ୍ୟଙ୍ଗ ସାହିତ୍ୟକୁ ଆଦରି ନେଇଥିବା ଏବଂ ବ୍ୟଙ୍ଗ ଲେଖିବାକୁ ଚେଷ୍ଟା କରୁଥିବା ସମସ୍ତ ଲେଖକ ଲେଖିକା ମାନଙ୍କୁ ସମର୍ପିତ।




## ପ୍ରଚ୍ଛଦ

ସରଳ ନିଷ୍କପଟ ଶିଶୁ ମୁହଁରେ ହାସ୍ୟୋଦ୍ଦୀପକ ଭାବଭଙ୍ଗୀ, ଚଳିତ ସଂସ୍କରଣରେ ମଧ୍ୟ ସମ ପରିମାଣର ସରଳ ଓ ନିଷ୍କପଟ ବ୍ୟଙ୍ଗର ଅବତାରଣା କରାଯାଇଥିବା ପରିପ୍ରେକ୍ଷୀରେ ଏହି ପ୍ରଚ୍ଛଦ ଦିଆଯାଇଛି |

- ଆହ୍ବାନ ଇ-ପତ୍ରିକା ଓଡ଼ିଶାରୁ ପ୍ରକାଶିତ ପ୍ରଥମ ଏବଂ ଏକମାତ୍ର ସଂପୂର୍ଣ୍ଣ ଓଡ଼ିଆରେ ପ୍ରକାଶିତ ସାହିତ୍ୟ ଇ-ପତ୍ରିକା। ଏହା ପ୍ରତ୍ୟେକ ମାସର ପ୍ରଥମ ସପ୍ତାହରେ ପ୍ରକାଶିତ ହୋଇଥାଏ। ବେଳେ ବେଳେ ପୂଜାପର୍ବପର୍ବାଣୀ ସମୟରେ ସମୟୋପଯୋଗୀ ବିଶେଷ ସଂସ୍କରଣମାନ ମଧ୍ୟ ପ୍ରକାଶିତ ହୁଏ।
- ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭାଗ ଯଥା, ଗଳ୍ପ, କବିତା, ପ୍ରବନ୍ଧ, ରମ୍ୟ ରଚନା, ଶିଶୁ ରଚନା, ଭ୍ରମଣ କାହାଣୀ ଇତ୍ୟାଦି ଏଥିରେ ପ୍ରକାଶିତ ହୁଏ।
- ଏହି ପତ୍ରିକାରେ ଲେଖା ପ୍ରକାଶିତ କରିବା ପାଇଁ ନୂଆ ଓ ପୁରୁଣା ଉଭୟ ସାହିତ୍ୟକାରଙ୍କୁ ପ୍ରୋତ୍ସାହନ ଦିଆଯାଇଥାଏ। ଯେହେତୁ ଏହି ପତ୍ରିକା ନିଃଶୁଳ୍କ ବିତରଣ ନିମିତ୍ତ ଉଦ୍ଦିଷ୍ଟ ତେଣୁ ଲେଖକ, ଲେଖିକାମାନଙ୍କୁ କୌଣସି ପ୍ରକାରର ପ୍ରୋତ୍ସାହନ ରାଶି ଦିଆଯାଏ ନାହିଁ । ପାରିଶ୍ରମିକ ଆଶା କରୁଥିବା ଲେଖକ ଲେଖିକାମାନେ ନିଜ ଲେଖା ବ୍ୟବସାୟିକ ପତ୍ରପତ୍ରିକାକୁ ପଠାଇ ପାରିବେ।
- ଏହି ପତ୍ରିକା ପ୍ରତ୍ୟେକ ମାସରେ ଇଣ୍ଟରନେଟ୍‌ରେ ନିଃଶୁଳ୍କ ପଢ଼ିବା ପାଇଁ ଉପଲବ୍ଧ ହୋଇଥାଏ। ପାଠକ ଚାହିଁଲେ ଏହି ପତ୍ରିକାର ଗୋଟିଏ ପ୍ରତିଲିପି ନିଜ କଂପ୍ୟୁଟରରେ ଡ଼ାଉନ୍‌ଲୋଡ୍ କରି ପାରିବେ।
- ଲେଖକ ଲେଖିକାମାନେ ନିଜ କୃତି ଆମ ନିକଟକୁ ଡ଼ାକଦ୍ବାରା କିମ୍ବା ଇ-ମେଲ୍ ଦ୍ବାରା ପଠାଇପାରିବେ। ଡ଼ାକ ଦ୍ବାରା ପଠାଉଥିଲେ ନିଜ ଲେଖାକୁ ଧଳା କାଗଜର ଗୋଟିଏ ପାର୍ଶ୍ବରେ ନିର୍ଭୁଲ ହସ୍ତାକ୍ଷରରେ ଲେଖି ପଠାନ୍ତୁ, କିମ୍ବା ଟାଇପ୍ କରି ମଧ୍ୟ ପଠାନ୍ତୁ। ଇ-ମେଲ୍ ଦ୍ବାରା ପଠାଉଥିଲେ ଲେଖାକୁ ଲେଖି ସାରିବ ପରେ ସ୍କାନିଂ କରି ଆମ ଇ-ମେଲ୍ ଠିକଣାରେ ପଠାନ୍ତୁ।
- ଆହ୍ବାନର ପ୍ରକାଶନ ସଂପୂର୍ଣ୍ଣ ପରିବେଶ ଅନୁକୂଳ, କାରଣ ଏହାଦ୍ବାରା କାଗଜର ବ୍ୟବହାର କମ ହୋଇଥାଏ, ଯେଉଁଥିପାଇଁ ଗଛ କାଟିବାକୁ ପଡ଼େନାହିଁ। ଆମେ ପରିବେଶ ପ୍ରଦୁଷଣ ବିରୋଧ କରୁ।
- ଏହି ପତ୍ରିକା ଉନ୍ନତି ହେତୁ ଆପଣଙ୍କ ସହାୟତା ଆମର ଏକାନ୍ତ କାମ୍ୟ।

ଆମକୁ ଲେଖା ପଠାଇବା ଠିକଣା : -

## ଡ଼ା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ବୀମା ନଗର, ୨ୟ ଗଳି, ଆମ୍ବପୁଆ, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା, ଫୋନ୍:- ୯୦୪୦୯୮୫୪୬୩
ଇ-ମେଲ୍ : aahwaan@gmail.com

# ସୂଚୀପତ୍ର


ସମ୍ପାଦକୀୟ ୭

ଜୁଲାଇ ସଂସ୍କରଣ ସମୀକ୍ଷା
ରଶ୍ମୀ ରଞ୍ଜନ ଦାଶ (ବାପ୍ପୁ) ୧୦

ପରିବର୍ତ୍ତିତ ମୂଲ୍ୟବୋଧ ଯୁଗରେ ବିଶ୍ବାସ ଓ ବନ୍ଧୁତା
ମନୋଜ ଦାସ ୧୩

ରଂଗ୍ ନମ୍ବର
ଡଃ କୁଳାଙ୍ଗାର ୧୯

ଫେସବୁକ୍ ପ୍ରେମ
ନିତ୍ୟଦର୍ଶନ ମିଶ୍ର ୨୧

ମନ୍ଦିର ପଣ୍ଡାଙ୍କୁ ଦୁରୁ ଜୁହାର
ସ୍ବରୂପ କୁମାର ମଲ୍ଲ ୨୬

ବିବାହିତ ବିଦେଶୀ ଦମ୍ପତିଙ୍କ ହିନ୍ଦୁ ବିବାହ : ତାମସୀ
ବାଲ୍ମୀକି ନାୟକ ୨୮

ମଦର୍ ଇଣ୍ଡିଆ
ବିଧୁଭୂଷଣ ମିଶ୍ର (ପିଣ୍ଟୁ) ୩୨

ବକ୍ର ଦୃଷ୍ଟି
ସୁନୀଲ୍ ମିଶ୍ର ୩୩

ବିଭିନ୍ନ ମନ୍ତବ୍ୟ
ରଶ୍ମୀ ରଞ୍ଜନ କର ୩୫

ଜାଣେ ମୁଁ ପଥର ଟିଏ...
ଦେବାଶିଷ ସାମଲ ୩୬

ଆମ ଗାଁ ହାଲଚାଲ
ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ ୩୭

ଦୁଇଟି ସନ୍ତକ
ଶାନ୍ତିଲତା ଦାଶ ୪୨

ରାକ୍ଷୀ ତୁ ରହିଲୁ ସାକ୍ଷୀ
ଦୟାନିଧି ଦାଶ ୪୪

ମୁଁ ଖୋଜୁଛି ମୋତେ ଆଜି
କମଳ କୁମାର ଦାଶ ୪୫

ରାଜନୀତି ଉବାଚ
ଆଦିତ୍ୟ ସାହୁ ୪୬

ପେଙ୍ଗୁନଳୀ
ବିନୟ ମୋହନ ଦାସ ୪୮

ଚାଲ କାମରେ ଲାଗିଯାଅ
ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ ୫୧

ସ୍ବାମୀର ଆତ୍ମକଥା
ସୌମ୍ୟ ସାରସ୍ବତ ଦାଶ ୫୨

ବିବାହ ମନ୍ତ୍ର
ଆଶାରାଣୀ ବେଉରା ୫୪

ଫେସବୁକ୍ - ୧
ପ୍ରଶାନ୍ତ କୁମାର ଭୂୟାଁ ୫୭

ସୁଲତାନା
ଆୟୁଷ ଠାକୁର ୬୧

ରାକ୍ଷୀ
ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ ୬୯

ଭାରିଜା ଭାବନ୍ତି ମୋତେ ବହୁତ ପର
ବ୍ୟଙ୍ଗକବି ଇଂ ଚିତ୍ତରଞ୍ଜନ ଓଝା ୭୨

ସାବିତ୍ରୀ ଉବାଚ (ଓଡ଼ିଆ ଓ କୋଶଳୀ)
ଶାଶ୍ବତ ସାହୁ ୭୪

ସପ୍ତମ ଋତୁ... ପ୍ରେମ
ଦୀପ୍ସା ରଥ ୭୫

ହସିବନି ଜମା
ସରୋଜ ମିଶ୍ର ୭୭

ଅନୁପମାର ବର
ସ୍ବପ୍ନଲତା ମିଶ୍ର (ରଥ) ୭୮

ବିରୋଧୀ ଦଳର ହାତ
ବିଜୟ ପ୍ରଧାନ ୮୫

ଅଭିଶାପ
ଶ୍ବେତା ଆଚାର୍ଯ୍ୟ ୮୬

ମୁଁ ନାଥୁରାମ୍ କହୁଛି
ସନ୍ତୋଷ କୁମାର ମହାରଣା ୮୮

ମଦ ଉପାଖ୍ୟାନ
ଅକ୍ଷୟ କୁମାର ରାଉତ ୯୩

ମୋ ଭ୍ରମଣ କାହାଣୀ - ଟରୋଣ୍ଟୋ
ପ୍ରଶାନ୍ତ କୁମାର ଭୂୟାଁ ୯୫

ଶେଷ ସମ୍ବାଦ ୧୦୩

ବିଶେଷ ସୂଚନା ୧୦୪

# ସମ୍ପାଦକୀୟ



ଆହ୍ବାନର ସମସ୍ତ ପାଠକ ପାଠିକା ମାନଙ୍କୁ ସାଦର ଅଭିନନ୍ଦନ ଜଣାଉଛି।

ବିଗତ ସଂସ୍କରଣ ପ୍ରକାଶନ ସମୟର ଲେଖକ ଲେଖିକା ମାନଙ୍କ ଉତ୍ସାହକୁ ଆଖିରେ ରଖି ଚଳିତ ସଂସ୍କରଣ ପ୍ରକାଶନରେ ଶୀଘ୍ରତା ଆସିବା ସ୍ବାଭାବିକ ଥିଲା। ସମୟର ବହୁ ପୂର୍ବରୁ ଲେଖା ମିଳିଯିବା ହେତୁ ଏହି ସଂସ୍କରଣକୁ ଆମେ ଶୀଘ୍ର ପ୍ରକାଶ କରିଦେଉଛୁ ।

ଅଗଷ୍ଟ ମାସ ଓଡ଼ିଆ ତଥା ଭାରତୀୟ କ୍ୟାଲେଣ୍ଡରରେ ଏକ ପ୍ରମୁଖ ମାସ ବୋଲି ଧରାଯାଇପାରେ। ରକ୍ଷା ବନ୍ଧନ, କୃଷ୍ଣ ଜନ୍ମାଷ୍ଟମୀ ସମେତ ଭାରତୀୟ ଉପଖଣ୍ଡର ସ୍ବାଧୀନତା ଦିବସ ମଧ୍ୟ ଏହି ମାସରେ ପଡ଼େ। ତେଣୁ ଏହାର ସ୍ବାତନ୍ତ୍ର୍ୟତା ରହିଛି। ଏହିପରି ଏକ ମାସରେ ପତ୍ରିକା ପାଇଁ ଏକ ଥିମ୍ ବା ବିଷୟବସ୍ତୁ ବାଛିବା ସମୟରେ ଧାର୍ମିକ କିମ୍ବା ସ୍ବତନ୍ତ୍ରତା ସହିତ ସାମଞ୍ଜସ୍ୟ ଥିବା କୌଣସି ଲେଖା ଆହ୍ବାନ କରିବା ବିଧେୟ ଥିବା ସମୟରେ ବ୍ୟଙ୍ଗ ଲେଖା ଆହ୍ବାନ କରିବାର ଅଭିପ୍ରାୟ ସମସ୍ତଙ୍କୁ ଆଚମ୍ବିତ କରିଥାଇପାରେ। ଗମ୍ଭୀର ଓ ସ୍ବତନ୍ତ୍ର ଏହି ମାସରେ ପୁଣି ବ୍ୟଙ୍ଗ ?

ଭାରତୀୟ ସ୍ବାଧୀନତା ସଂଗ୍ରାମ ଏବଂ ପରବର୍ତ୍ତୀ ସମୟରେ ଭାରତର ଅବସ୍ଥାକୁ ନେଇ ଯେ କୌଣସି ବ୍ୟକ୍ତି ବ୍ୟଙ୍ଗୋକ୍ତି କରିବା ସ୍ବାଭାବିକ। ଆଜିର ଦିନରେ ଏହି ଦେଶରେ ବଞ୍ଚିବାଟା ଏକ ବ୍ୟଙ୍ଗ ହୋଇଯାଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ଯେତେବେଳେ ଜଣେ ବ୍ୟକ୍ତି ଏହି ସ୍ବାଧୀନ ଭାରତରେ ବଞ୍ଚିବାପାଇଁ ସଂଘର୍ଷ କରୁଛି, ଓଳିଏ ଖାଇଲେ ଆର ଓଳି ପାଇଁ ଚିନ୍ତାରେ ପେଟରେ ଓଦାକନା ଦେଇ ଶୋଇଯାଉଛି, ଯେତେବେଳେ ଦେଶର ଅର୍ଦ୍ଧାଧିକ ଭାଗ ଦିନବେଳେ ବି ଅନ୍ଧକାରରେ ରହିଯାଉଛି, ନିରୀହ ଯାତ୍ରୀମାନଙ୍କୁ (ଟ୍ରେନ ସମେତ) ଧର୍ମ ନାମରେ ଜାଳି ଦିଆଯାଉଛି, ବନ୍ୟାବାତ୍ୟାରେ ପଡ଼ିଥିବା ପୀଡ଼ିତ ମାନଙ୍କୁ ରିଲିଫ ମିଳୁନଥିବା ବେଳେ ଆମ ସରକାରୀ କର୍ମଚାରୀମାନେ ଅଫିସରେ ୩୫ ଲକ୍ଷ ଟଙ୍କାର ପାଇଖାନା ନିର୍ମାଣ କରାଉଛନ୍ତି, ସେହି ସମୟରେ ମନୁଷ୍ୟ ଜୀବନଟା ଏକ ବ୍ୟଙ୍ଗ ହୋଇ ରହିଯାଉଛି ।

ବ୍ୟକ୍ତି ବିଶେଷ ସମାଜରୁ ଉର୍ଦ୍ଧ୍ବକୁ ଉଠି ଚିନ୍ତା କଲେ ଦେଖିବେ ଯେ ସ୍ବାଧୀନତାର ଷାଠିଏ ବର୍ଷ ବିତିଗଲା ପରେ ମଧ୍ୟ ଆମେ ପରାଧିନ ହିଁ ହୋଇ ରହିଛୁ। ଆମ ପିଲେ ପାଠ ପଢ଼ିବା ପାଇଁ ଚାହିଁଲେ ସରକାର ସଂରକ୍ଷଣ ନାମରେ ଆମଠାରୁ ସେ ଅଧିକାର ଛଡ଼ାଇ ନେଉଛନ୍ତି, ଜାଗା ଖଣ୍ଡେ କିଣିବା ପାଇଁ ଚାହିଁଲେ ବାର ଦୁଆର ଶୁଣ୍ଢିପିଣ୍ଢା ହେବାକୁ ପଡୁଛି ଅଥଚ ଯିଏ ଆୟ

କରୁନାହିଁ କିମ୍ବା ଦେଶର ଉନ୍ନତିରେ କୌଣସି ସାହାଯ କରୁନାହିଁ ତା'କୁ ଇନ୍ଦିରା ଆବାସ ନାମରେ ଜାଗା ଆଉ ଘର ଯୋଗାଇ ଦିଆଯାଉଛି, ଆମେ ତିରିଶି ଟଙ୍କା ଦେଇ ଚାଉଳ କିଲେ ଖାଇବା ସମୟରେ ଆମ ଦେଶ ଭିତରକୁ ବେଆଇନ ପଶି ଆସିଥିବା ବାଙ୍ଗାଲାଦେଶୀ ଅସ୍ଥାୟୀ ନାଗରିକ ମାନଙ୍କୁ ରେସନ କାର୍ଡ଼ରେ ଦୁଇଟଙ୍କିଆ ଚାଉଳ ଯୋଗାଇ ଦିଆଯାଉଛି, ଏହା ସବୁ ଆମ ସହିତ ବ୍ୟଙ୍ଗ ହେଉନାହିଁ ତ ଆଉ କ'ଣ ?

ଟିଭି ସିରିଅଲ୍‌ରେ ଶାଶୁବୋହୁଙ୍କ କଳି ଏବେ ଆଉ ସେତେ ଦେଖିବାକୁ ମିଳୁନାହିଁ, କାରଣ ଲୋକମାନେ ବୋର୍ ହେଇଗଲେଣି, ସେଇ ସେଇ ଜିନିଷ ଦେଖି ଦେଖି, ଏବେ ଆମ ଉପରେ ଆହୁରି ଅନେକ ପାଶ୍ଚାତ୍ୟ ସଭ୍ୟତାର ଛାପକୁ ଛାପିଦେବାପାଇଁ ଟିଭି ସିରିୟଲ୍ ନିର୍ମାତା ମାନେ ଅଣ୍ଟା ବାନ୍ଧିଲେଣି। ସେମାନେ ଯାହା ଦେଖାଇବେ ଆମେ ଦେଖିବା ପାଇଁ ଏକରକମ ବାଧ କହିଲେ ଅତ୍ୟୁକ୍ତି ହେବ ନାହିଁ। ରେଭ୍ ପାର୍ଟି, ଯୌନ ଉଶୃଙ୍ଖଳତା, ବିଭତ୍ସତା, ଭୟ ଓ ବିକାରଗ୍ରସ୍ତ କାର୍ଯ୍ୟକ୍ରମ ମାଧମରେ ଆମ ସମାଜକୁ କେଉଁ ଦିଗରେ ନିଆଯାଉଛି ତାହା ଆମେ ବୁଝିବା ଭଳି ସ୍ଥିତିରେ ନୋହୁଁ। ଅସ୍ପଷ୍ଟ ଧାର୍ମିକ ଚିନ୍ତାଧାରାକୁ ଭାରତୀୟ ଧାର୍ମିକ ପରମ୍ପରା ଉପରେ ଭାରୀ କରି ଲଦି ଦେବାର ପ୍ରୟାସ ଚାଲିଛି। ପାଶ୍ଚାତ୍ୟ ଚିନ୍ତାଧାରା, ଧାର୍ମିକ ଭାବନା, ପାରିବାରିକ ପରିସ୍ଥିତି ଆଦି ଭାରତୀୟ ପରିବାରରେ ଏବେ ଦେଖିବାକୁ ମିଳିଲାଣି। ଚକୁଳି, ଚିତଉ ଯାଗାରେ ଏବେ ବ୍ରେଡ୍ ବଟର୍ ମିଳିଲାଣି। ସୁଦ୍ଧ ଶାକାହାରୀ ଭୋଜନ ସ୍ଥାନରେ କେ ଏଫ୍ ସି ଆଉ ମ୍ୟାକ୍ ଡୋନାଲ୍‌ଡର ଆଧିପତ୍ୟ ଅଧିକ ଦେଖିବାକୁ ମିଳିଲାଣି। ସେହି ବ୍ୟବସ୍ଥାରେ ଆମେ ବି ନିଜକୁ ହଜାଇ ଦେଲୁଣୁ ।

ମନୋରଞ୍ଜନ ନାମରେ ଘଣ୍ଟା ଘଣ୍ଟା ଧରି ଟିଭିରେ କ୍ରିକେଟ୍ ଦେଖାଇ ଦେଶକୁ ସ୍ଥାଣୁ କରିଦେବାରେ ସକ୍ଷମ ହେଉଛନ୍ତି ଟିଭି ଚ୍ୟାନେଲ ମାନେ। ସେହି ଖେଳ ଦେଖିବାରେ ଯେତେ ଲୋକ ବ୍ୟସ୍ତ ତା'ଠୁ ଢେର୍ ଅଧିକ ଲୋକ ଖେଳର ହାରଜିତକୁ ନେଇ ବାଜି ଲଗାଇବାରେ ବ୍ୟସ୍ତ। ରାଷ୍ଟ୍ରୀୟ ଖେଳ ହକି ଯାହା ପାଇଁ ଦିନେ ଭାରତ ବିଶ୍ବସ୍ତରରେ ବିଖ୍ୟାତ ଥିଲା ଆଜି ଅବହେଳିତ। ହକି ଖେଳୁଥିବା କିଛି ଉତ୍ସୁକବ୍ୟକ୍ତି ବିଶେଷ ଏହି ଖେଳକୁ ବଞ୍ଚାଇ ରଖିଛନ୍ତି, ସମ୍ଭବତଃ ଆଉ କିଛି ଦଶନ୍ଧିପରେ ଏହି ଖେଳ କେବଳ ସଂଗ୍ରହାଳୟରେ ଦେଖିବାକୁ ମିଳିପାରେ। ଅଲିମ୍ପିକ ପରି ଏକ ବିଶ୍ବସ୍ତରୀୟ ସ୍ପର୍ଦ୍ଧାରେ ଭାଗ ନେବାପାଇଁ ଲୋକମାନେ ବହୁତ କଷ୍ଟ କରୁଥିବା ବେଳେ ଅଜଣା ଅଶୁଣା ମହିଳା ଜଣେ ଭାରତୀୟ ଦଳର ସମ୍ମୁଖରେ ରହି ଷ୍ଟାଡ଼ିୟମରେ ବୁଲି ପାରୁଛନ୍ତି, ଏହା ବ୍ୟଙ୍ଗ ନୁହେଁ ତ ଆଉ କ'ଣ? ଯେଉଁ ମାନଙ୍କ ଉପରେ

ଆମେ ପଦକ ପାଇବା ଆଶା ରଖୁଛୁ ସେମାନେ ଦେଶର ବୃହତ୍ତର ସ୍ୱାର୍ଥକୁ ଜଳାଞ୍ଜଳୀ ଦେଇ ନିଜର ବ୍ୟକ୍ତିଗତ ସ୍ୱାର୍ଥକୁ ଆଗରେ ରଖି ଖେଳିବାକୁ ମନ କରୁଛନ୍ତି ଏବଂ ଆମ ସରକାର ସେମାନଙ୍କ କଥାରେ ରାଜି ହେଉଛନ୍ତି, ଏହା ବ୍ୟଙ୍ଗ ନୁହେଁ ତ ଆଉ କ'ଣ ? ଶତାଧିକ ପଦକ ପାଇଁ ହେଉଥିବା ସ୍ପର୍ଦ୍ଧାରେ ଆମେ ଗୋଟିଏ କିମ୍ବା ଦୁଇଟି ପଦକରେ ସନ୍ତୁଷ୍ଟ ହେଉଛୁ, ଏହାଠୁ ବଳି ଦୁଃଖର ବିଷୟ ଆଉ କଣ ହୋଇପାରେ ?

ଦେଶ ଉନ୍ନତି କରୁଛି କୋଉଠି ? ବମ୍ବେ ବାଙ୍ଗାଲୋରରେ ଜୀବନଯାତ୍ରା ଆକାଶଠୁ ବି ଅଧିକ ମହଙ୍ଗା ହୋଇଗଲାଣି, ତଥାପି ସ୍ୱପ୍ନାବିଷ୍ଟ ଆମର ଯୁବପୀଢ଼ି ସହରାଭିମୁଖୀ। ଓଡ଼ିଶାରେ ରହି ଚାକିରୀ କରିବାକୁ ଇଚ୍ଛା ନାହିଁ ଅଥଚ ଦିଲ୍ଲୀ ପରି ସମ୍ଭ୍ରାନ୍ତ ସହରରେ ମାତ୍ର ଚାରି ପାଞ୍ଚ ହଜାରରେ ଚାକିରି କରିବାକୁ ଇଜ୍ଜତ ବୋଲି ଧରିନେଇଛନ୍ତି। ଏହା ସବୁ ବ୍ୟଙ୍ଗ ନୁହେଁ ତ ଆଉ କ'ଣ ? ଦୂର ପର୍ବତ ସୁନ୍ଦର ନ୍ୟାୟରେ, ନିଜ ଗାଁ ସହର ଛାଡ଼ି ଓଡ଼ିଶା ବାହାରେ ରହିଛନ୍ତି, ଏବଂ ଓଡ଼ିଆ ଭାଷାକୁ ବଞ୍ଚାଇବା ନାଁରେ କଦର୍ଯ୍ୟ କରି ଦେଖାଇ ଫୁଟାଣି ମାରୁଛନ୍ତି, ଏହା ବ୍ୟଙ୍ଗ ନୁହେଁ ତ ଆଉ କ'ଣ ?

ସମ୍ପ୍ରତି ସମାଜରେ ବ୍ୟଙ୍ଗର ବହୁତ ଆବଶ୍ୟକତା ରହିଛି। ଭାରାକ୍ରାନ୍ତ ମନକୁ ହାଲୁକା କରିବାରେ ବ୍ୟଙ୍ଗର ଭୂମିକା ଅତୁଳନୀୟ। ଦିନସାରା ଅଫିସ୍‌ରେ ମୁଣ୍ଡ ଖଟେଇ ଘରକୁ ଫେରିଥିବା ବ୍ୟକ୍ତିଟି ଘରର ଯାବତୀୟ ଦାବୀ ପୂରଣ କରୁ କରୁ ଭାରାକ୍ରାନ୍ତ ହୋଇ ପଡୁଛି। ଏହିପରି ସମୟରେ ମନକୁ ଭାରମୁକ୍ତ କରିବାପାଇଁ ବ୍ୟଙ୍ଗର ଏବଂ ବ୍ୟଙ୍ଗ ସାହିତ୍ୟର ଭୂମିକା ରହିଛି। ଅତୀତରେ ଆମ ଦେଶଜ ପରମ୍ପରାରେ ନାଟକରେ ହାସ୍ୟ କଳାକାରଙ୍କ ପାଇଁ ସ୍ୱତନ୍ତ୍ର ସ୍ଥାନ ଥିଲା। ଏବେ ବି ରହିଛି। ଆଉ ସାହିତ୍ୟରେ ବ୍ୟଙ୍ଗର ସ୍ଥାନ ବହୁତ ଅଧିକ। ଅଧିକାଂଶ କଥାକାହାଣୀରେ ଏକ ସ୍ୱତନ୍ତ୍ର ଚରିତ୍ରର ଅବତାରଣା ଅବଶ୍ୟ କରାଯାଇଥାଏ, ଯାହା ମୁଖ୍ୟତଃ ହାସ୍ୟରସ ପାଇଁ ସୃଷ୍ଟି ହୋଇଥାଏ। ସେ ଯା'ହେଉ ଆମର ପତ୍ରିକାର ଚଳିତ ସଂସ୍କରଣକୁ ବ୍ୟଙ୍ଗ ବିଶେଷ ବୋଲି କହିବା ବୋଧହୁଏ ଯୁକ୍ତିଯୁକ୍ତ ହେବ ନାହିଁ କାରଣ ଏଠାରେ ବ୍ୟଙ୍ଗ ସହିତ ଆହୁରି ଅନେକ ଲେଖା ରହିଛି, ତଥାପି ବ୍ୟଙ୍ଗ ସାହିତ୍ୟରେ ନିଜର ରଚି ଓ ପ୍ରବେଶ କରାଇବାରେ ଅନେକ ବନ୍ଧୁ ଚେଷ୍ଟିତ ଅଛନ୍ତି, ସେହିମାନଙ୍କ ଉଦ୍ଦେଶ୍ୟରେ ଏହି ସଂସ୍କରଣ ସମର୍ପିତ ।

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ



## ଜୁଲାଇ ୨୦୧୨ ମସିହାର ଆହ୍ବାନ ଇ-ପତ୍ରିକା ପଢ଼ିବା ପରେ ଆମ ପରିବାରର ସଦସ୍ୟ ଶ୍ରୀ ରଶ୍ମୀ ରଞ୍ଜନ ଦାଶ(ବାପୁ) ନିଜର ମନ୍ତବ୍ୟ ଏକ କବିତାରେ ବ୍ୟକ୍ତ କରିବାର ଚେଷ୍ଟା କରିଛନ୍ତି...

ଓଡ଼ିଆ ଭାଷାର ତେଜୋଦୀପ୍ତ ଜ୍ୟୋତି ପ୍ରଜ୍ବଳିତ କରିବାକୁ
ଭାଷା ବରପୁତ୍ର ସେ ଜ୍ୟୋତିପ୍ରସାଦ ସୃଜିଥିଲେ ଆହ୍ବାନକୁ
ସେ ଆହ୍ବାନର ଆହ୍ବାନେ ମାତିଲେ କେତେ ଯେ ଓଡ଼ିଆ ବୀର
ତା'ର ମୁକସାକ୍ଷୀ ଜୁଲାଇ ଆହ୍ବାନ ଓ ଗଳ୍ପ,କବିତା ତା'ର
ଆମ ଜାତି ଗର୍ବ ମନୋଜ ଦେଖନ୍ତି  ନୀଶାର୍ଧରେ ପୁରୀ ବୁଲି
ଅସୁର ତେଜିଣ ଆସୁରିକ ବୁଦ୍ଧି ଜଗାପାଶେ କାଳେ ଆସିଛି ଚାଲି
ଛୋଟ କବିତାରେ କେଡେବଡ଼ କଥା କହିଛନ୍ତି ସତେ ସିଏ
ଅସୁର ପ୍ରବୃତ୍ତି ନଷ୍ଟ ହେଲେ ସିନା ଦେବତ୍ବ ଯେ ମିଳିଥାଏ
ହିଂସାଦ୍ବେଷ ଆଉ କଳହଦିଗକୁ ଅଙ୍ଗୁଳି ନୀର୍ଦ୍ଦେଷ କରି
ସାବଧାନ ଆଜି କରନ୍ତି ଜାତି କୁ ଦେଖ ଜ୍ୟୋତି କେଉଁପରି
ଜାତି ନନ୍ଦିଘୋଷ ଟାଣିବା ପାଇଁକି ଭାଷା ରଜ୍ଜୁ ଲୋଡୁଥାନ୍ତି
ଧନ୍ୟ ଧନ୍ୟ ସେହି ଜ୍ୟୋତିପ୍ରସାଦ ଓ ଧନ୍ୟ ତାଙ୍କ ଭାଷାପ୍ରିତୀ
ଅବଳା ନାରୀର ଗହନ ଦୂଃଖକୁ ଦୟାନିଧି ହିଁ ବୁଝିଲେ ଖାଲି
ସମବେଦନାର ସ୍ବରରେ ଲେଖିଲେ "ତୁ ଝିଅ ଟିଏ ବୋଲି"
ଯଉତୁକ ଅବା କୁମାରୀ ମାତୃତ୍ଵ ଅବା ବଧୂ ନୀର୍ଯାତନା
ସବୁଠି ହୁଅଇ ଏ ଜାତି ଦ୍ରୌପଦୀ ନିତି ନିତି ବିବସନା
ସେ କଥା ପୁଣି ଏ ଜାତି ଆଗେ ରଖି କେଡେ ବଡ ପୂଣ୍ୟ କଲେ
ନିଜ ଲେଖନୀର ସାର୍ଥକ ସୃଷ୍ଟିକୁ ମା-ଜାତିକୁ ସମର୍ପିଲେ
ଜଗନ୍ନାଥଙ୍କର ଚରଣସେବିକା ଜଗନ୍ନାଥ ତତ୍ତ୍ବଦର୍ଶୀ
ଜଗା ରଥ ଯାତ ମୂଳଭାବଧାରା ଗାଇଲେ ହେନେରିତା ଆସି
ଧନ୍ୟା ସେ ଭକତ ଧନ୍ୟ ସେ ଭକତି ଧନ୍ୟ ପ୍ରଭୁ ଜଗନ୍ନାଥ
ମାନବବାଦର ଯାତ୍ରା ରୂପେ ସେଯେ କଲେ ଏହାକୁ ବିଦିତ
ଜଗନ୍ନାଥ ବିନା ଜଗତର ସତ୍ତା ଯାଣି ଥାଅ କ୍ଷଣ ସ୍ଥାୟୀ
ଭାବାର୍ଥ ସହିତ ବୁଝାଇଲେ ଆହା କି ସୁନ୍ଦର ଶ୍ଳୋକ ଗାଇ
ଜଗା ରଥ ପରେ ପ୍ରଶାନ୍ତ ଭୂୟାଁ ମୁମ୍ବାଇ ବୁଲାଇ ନେଲେ
କେଡେ ସୁନ୍ଦରସେ ଭ୍ରମଣ କାହାଣୀ ଗପ କରି ପ୍ରକାଶିଲେ
ବାଣୀବିହାର ର ରାଜଧାନୀ ଜୀବନ ଅନୁରାଗ ଅନୁଭୁତି
ମାନବିକତା ଆଜି ବଞ୍ଚିଅଛି ସତ. (ହେଲେ)ନିଘା ନାହିଁ ତାହା ପ୍ରତି
ଏ କୁମାର ଙ୍କ କଲମ ସତେ ଯେ ଛାତି କୁ ଥରାଇ ଦେଲା
ଭିକାରୀ ହେଲେବି ତା ଗପ ଆଜି  ଚେତନା ଜାଗ୍ରତ କଲା

ଜ୍ୟୋତିଙ୍କ ଲେଖନୀ ପୁଣି ଚାଲିଲା ଗାଁ କଥା କହିବାକୁ
ଗାଁ ଛୁଆ ଆମେ ଗାଁ ଆମ ପ୍ରାଣ ଏହି କଥା ହେଜିବାକୁ
ଅଭିମାନ ପ୍ରେମ ଦୁଃଖ ବିରହ ଆବେଗମୟ କବିତା
ପ୍ରିୟତମା ନାମେ ସାମ୍ନାକୁ ଆସିଲା ତାପସ ଙ୍କ ର ସେ ଲେଖା
ଧ୍ବଂସର ଅସୁର ସେଯେ ଲୁସିଫର ସଭିଙ୍କ ଠି କାଳେ ଆଜି
ଭାଇ ଭାଇ ଆଉ ମନ୍ଦିର ମସ୍‌ଜିଦ୍ ସବୁଠି ରହିଛି ସାଜି
ସଭିଏଁ କରନ୍ତି କୁଆଡେ ଏଇଠି ବିନାଶ ର ହିଁ ପ୍ରୟାସ
ଇଶ୍ଵରଙ୍କ ର ଶକ୍ତି ଉପରେ ବି ପୁଣି ନଥାଏ ତାଙ୍କ ବିଶ୍ୱାସ
ଶ୍ଵେତା ଙ୍କର ସେହି ପଦବିନ୍ୟାସ ସତେ ବହୁ ହୃଦସ୍ପର୍ଶୀ
କରନ୍ତୁ କାଳିଆ କଉ ଲୁସିଫର ନପାରୁ ଯେ କେବେ ଆସି
ସ୍ବରୁପ ଙ୍କର“ ମୋ ଭାଇ” ଲେଖା ସମାଜ ର ଏକ ରୂପ
ଭାଇ ର ମହତ୍ଵ ନାରୀ ର ଗୁରୁତ୍ଵ ବୁଝିବେ କେବେଯେ ଲୋକ
ଅଜିତ ଲେଖନ୍ତି ବିରହ ଜ୍ଵାଳାରେ ପ୍ରିୟାର ବିଧୁର ଗିତୀ
ପ୍ରିୟା ଗଲା ପରେ କବିତା ଲେଖାଏ ପ୍ରିୟା ର ଅଭୁଲା ସ୍ମୃତି
ଆତ୍ମଚିନ୍ତନର ଶୈଳୀରେ ମଣନ୍ତି ନିଜକୁ କ୍ଷୁଦ୍ରତର
ଗର୍ବ ହନ୍ତା ସେଯେଆମରି ଲେଖକ ରଶ୍ମୀରଞ୍ଜନ କର
ତୂଣୀର ର ରୁ ତୀର ଓଠୁ ବାକ୍ୟ ଧାର ବାହାରିଲେ ଫେରେ ନାହିଁ
ବନ୍ଦ ଓଠ କବିତା କହେ ସେହି କଥା ଉର୍ମିଳା ଙ୍କ ସୃଷ୍ଟି ଏହି
ଭୋକିଲା ତାକତ ଗରିବ ରକତ ସତେ କେଡେ ମୂଲ୍ୟବାନ
ଯନ୍ତ୍ରଣା ଚାବୁକ ଜୁଲୁମ୍ କରଇ (ତାକୁ ) ପ୍ରତିହିଂସା ପରାୟଣ
ତାହାରି କ୍ରୋଧର ବର୍ବର ସ୍ଫୁଲିଙ୍ଗ ସୃଷ୍ଟି ଜାଳି ଦେଇ ପାରେ
ବଭୁତି ଲଗାଇ ବିଭୁତି ଆମର ଏହି ସୂଚନା ଯେ ଦେଲେ
ବିଜୟଲକ୍ଷ୍ମୀ ଙ୍କ ଦୁଃଖ ର ସଜ୍ଞା ସତେ ବହୁ ମର୍ମସ୍ପର୍ଶୀ
ମଲାଜହ୍ନ କଥା ଆବେଗେ ବଖାଣେ ସ୍ଵପ୍ନ ଆକାଶେ ବିକି
ବିନୟେ ମୋହିତ କରନ୍ତି ବିନୟ ଫକୀର ର କଥା କହି
ଶାନ୍ତି ର ମାଲିକ ସିଏ ପରା କାଳେ ଇର୍ଷା ହୁଏ ମୋତେ ତାହାକୁ ଚାହିଁ
ପାଷାଣ ଦେବତା ଜାଣିବି ତାହାକୁ ତା ପାଶେ ମଥା ପିଟନ୍ତି
ଆବେଗର ସ୍ଵରେ ବିନୋଦିନି ପୁଣି ଉତ୍ତର ତାକୁ ମାଗନ୍ତି
ଜଗା ପ୍ରେମଧାରା ତା ପୁରୀ ଜାତରା ଅଙ୍ଗେ ଲିଭା ଅନୁଭୂତି
ଜଗାପ୍ରେମୀ ମନ୍ଦେଢାଳିବା ପ୍ରୟାସ କଲା ରଶ୍ମୀରଞ୍ଜନ ମୂଢମତି
ପ୍ରତିଭା ଆଲୋକ ପ୍ରକାଶନ ପାଇଁ ଚେଷ୍ଟିତ ଆଦିତ୍ୟ ଆମ
ବଜ୍ର ନୀର୍ଘୋଷ ପ୍ରେରଣା ଦାୟକ ବାଣୀ ଯୁବ ପିଢି ନାମ
କେଡେଭାବମୟୀ ହେନେରିତା ସତେ ଧନ୍ୟତାଙ୍କ ଭକ୍ତିଧାରା
ଭକତି ସାହସେ ଜଗା ର ଇସ୍ତଫା ମାଗିଲେ ସିଏ ବିଚରା
ଜଗା ଆମ ଅଟେ ଭାବର ଠାକୁର ଭକ୍ତ ଗାଳି ତା ଚନ୍ଦନ
ସେହି କଥା ପୁଣି ଆଜି ଏଇ କବିତା କରିଲା ପୁଣି ବଖାଣ

ଆମ ବୋଉ କଥା ତା ସ୍ନେହ ଗାଥା କମଳ ଫୁଟାଇ ଦେଲେ
ନିଜ ପଦଧାରେ ମା ପାଦତଳେ ତାହାକୁ ଯେ ସମର୍ପିଲେ
ହାସ୍ୟନାୟକ ସେ ଯେ କୁଳାଙ୍ଗାର ଡ଼ାହୁକ ଡ଼ାକରା ଦେଲେ
ହୋ ଭକତେ ସେହି ଡ଼ାକ ଶୁଣି ଆଜି ଚେତନ ହୁଅ ବୋଇଲେ
ଲୁଟ୍ ଦୂର୍ନୀତି ଗୁଣ୍ଡାଗର୍ଦି ଆତଂକୁ କ୍ଷାନ୍ତ କରିବାର ପାଇଁ
ଶାନ୍ତ ଚିତ୍ତେ ଜାଣ ଲେଖିଲେ ପ୍ରଶାନ୍ତ ସାମ୍ପ୍ରତିକ କଥା ଏହି
ଦୂର୍ବଳ ଉପରେ ସବଳ ର ବଳ ପ୍ରତିରୋଧ କରିବାକୁ
ତାଙ୍କରି ଲେଖନୀ କାନ୍ଦି କାନ୍ଦି ଆଜି ଲେଖିଲା ଏହି କଥାକୁ
ପୁଣି ନେଇ ଏକ ଆତୁର ହୃଦୟ ନିଜର ପ୍ରେୟସୀ ପାଇଁ
ଲେଖନ୍ତି କବିତା ମନୋଜ ମୁଦୁଲୀ ତା ମୁହଁଭୁଲି ନଯାଇ
ଗଙ୍ଗଶିଉଳିର ଗହନ କଥା ଯେ ପ୍ରତୀକ୍ଷୀତ ହୋଇ ଥିଲା
ଆହ୍ବାନ ଆହ୍ବାନେ ପ୍ରତୀକ୍ଷା ଜେନା ଙ୍କ ଲେଖନୀ ରୁ ଝରିଗଲା
ବ୍ୟଙ୍ଗାତ୍ମକ ସୁରେ ଗପିଲେ ରାଜେଶ ଭଡ଼ା ବରଯାତ୍ରୀ କଥା
କହିଲେ ଆସ ହେ  ମିଶି ବଞ୍ଚାଇବା ସଂସ୍କୃତିର ମହାନତା
ସବୁ ଲେଖା ଏଠି ସର୍ବାଙ୍ଗ ସୁନ୍ଦର ସବୁଥିରେ ସ୍ୱାତନ୍ତ୍ରତା
ଭାଷା ପ୍ରେମ ବହ୍ନି ପ୍ରଜ୍ୱଳନ ପାଇଁ ସର୍ବେ କରିଛନ୍ତି ଚେଷ୍ଟା
କାଳିଆ କୃପାରେ ବଳୀୟାନ୍ ହେଉ ଏହି ଆହ୍ବାନର ବାଣୀ
ପଲ୍ଲୀ ସହର ନଗ୍ର ଗ୍ରାମ ଦେଶୁ ପ୍ରତିଭାଙ୍କୁ ଆଣୁ ଟାଣି
ସେ ପ୍ରତିଭାଙ୍କ ତେଜ ବଳେ ଆମ ଭାଷା ତେଜୋଦୀପ୍ତ ହେଉ
ଉତ୍କଳ ଜନନୀ ଭାଷା ସ୍ରୋତସ୍ୱିନୀ ଋଦ୍ଧିମନ୍ତ ହୋଇଧାଉଁ
ବିଶ୍ଳେଷକ ଅବା ବିଦୂଷକ ମଧ୍ୟୁ ନୁହଁଇ ମୁହିଁ ଯେ କେହି
ପଢି ସବୁ ଲେଖା ଯାହା ହେଲା ଶିକ୍ଷା ଲେଖିଲି ମୁଁ ଏହି ଠେଇଁ
ଏ କବିତା ରେ ରହି ଅଛି ଏକାମୋ ନିଜସ୍ୱ ମତାମତା
ଉଦ୍ଦେଶ୍ୟ ନୁହେଁ ମୋ କରିବାକୁ କାହା ଭାବନାକୁ ଯେ କ୍ଷତାକ୍ତ
ତଥାପି କଉଁଠି ରହିଥିଲେ ତୃଟି ଗୁରୁଜନେ ନଧରିବେ
ଅବୋଧ ବାଳକ ସମ ଜ୍ଞାନ କରି ଆଶୀର୍ବାଣୀ ଢାଳିଦେବେ
ଜୟ୍ ଜଗନ୍ନାଥ

# ପରିବର୍ତ୍ତିତ ମୂଲ୍ୟବୋଧ ଯୁଗରେ ବିଶ୍ବାସ ଓ ବନ୍ଧୁତା



ମନୋଜ ଦାସ

"ବାଣିଜ୍ୟ, ରାଜନୀତି, ଚାକିରି - ଜୀବନ ସଂଗ୍ରାମର କୌଣସି ଗୋଟାଏ ବି ଧାରାରେ ଆପଣ ଆଜି କାହାକୁ ବିଶ୍ବାସ କରି ପାରିବେ ନାହିଁ। ଏଥିରେ ନିଜର ଆତ୍ମବିଶ୍ବାସ ବଜାୟ ରହିପାରିବ କିପରି ?"

ବଡ଼ ବିଷାଦ ଭରା କଣ୍ଠରେ ଜଣେ ପ୍ରବୁଦ୍ଧ ମିତ୍ର କିଛିଦିନ ତଳେ ଏ ହତାଶା ପ୍ରକଟ କରିଥିଲେ। କହିବା ବାହୁଲ୍ୟ ବେଦନା ଓ ମୋହମୁକ୍ତିର ଏମନ୍ତ ଅଭିବ୍ୟକ୍ତି ଦେବାରେ ସେ ଏକାକୀ ନୁହନ୍ତି। ବିଭିନ୍ନ ଶୈଳୀରେ ଆଜିକାଲି ଏହା ପ୍ରାୟତଃ ସହସ୍ର କଣ୍ଠରେ ଉଚ୍ଚାରିତ ହୋଇଥାଏ ।

ସାଂପ୍ରତିକ କାଳରେ ସଂକଟ, ଅନ୍ତର୍ଦ୍ବନ୍ଦ ଏବଂ ବିରୋଧାଭାଷର ତାଲିକା ସୁଦୀର୍ଘ। ଅତ୍ୟାଧୁନିକ ଯାନବାହାନ ଯୋଗେ ଗତିରେ ଆମେ ହାସଲ କରିଛୁଁ ତୀବ୍ର କ୍ଷୀପ୍ରତା, କିନ୍ତୁ ନିଜ ପାଇଁ ସମୟ ନାହିଁ; ଭାଷା ଓ ଭାବର ଆଦାନ ପ୍ରଦାନ ଧାରାକୁ ଫ୍ୟାକ୍ସ,ଇମେଲ୍, ମୋବାଇଲ୍ ଭଳି ନିତ୍ୟନୂତନ ମାଧ୍ୟମ ଆଣିଦେଇଛି ସାବଲୀଳତା ଓ ତାତ୍‌କ୍ଷଣିକତା, କିନ୍ତୁ ବୁଝାମଣାର ଦୟନୀୟ ଅଭାବ; ବିନା ଆୟାସ ପ୍ରୟାସ ଧାଁଧପଡ଼ରେ ବହୁ କର୍ମ ସଂପାଦନ କରିପାରିବା ନିମନ୍ତେ ପ୍ରଯୁକ୍ତି ବିଜ୍ଞାନ (Technology) ଆଣି ଦେଇଛି ଅକଳ୍ପନୀୟ ସୁବିଧାସୁଯୋଗ, କିନ୍ତୁ ଆମ ଉତ୍କଣ୍ଠା ଓ ଉଦ୍‌ବିଗ୍ନତା ହ୍ରାସ ହେବା ପରିବର୍ତ୍ତେ ବଢ଼ି ବଢ଼ି ଚାଲିଛି। ବହୁ ବାସଗୃହ ଚହଟ ଚିକ୍କଣ; କିନ୍ତୁ ଭିତରର ସଂସାରଟି ମାନ ଫଟା ।

ଆଜି ପୁଣି ପୂର୍ବବର୍ତ୍ତୀ ପିଢ଼ି ସବୁ ତୁଳନାରେ ପ୍ରତ୍ୟେକ ମଣିଷର ସଂପର୍କ ଓ ସାକ୍ଷାତ ବହୁ ଅଧିକ ସଂଖ୍ୟକ ଲୋକଙ୍କ ସହ ହୋଇଥାଏ; କିନ୍ତୁ ପ୍ରତ୍ୟେକ ମଣିଷର ପ୍ରକୃତ ବନ୍ଧୁ ସଂଖ୍ୟା ପୂର୍ବ ତୁଳନାରେ ବହୁତ କମ୍। ସର୍ବୋପରି ଆଜି ପୃଥିବୀ ବ୍ୟାପୀ ଦେଶ ଦେଶ ଭିତରେ ସଂପର୍କ, ପ୍ରତିଷ୍ଠାନ ପ୍ରତିଷ୍ଠାନ ଭିତରେ ସଂପର୍କ ପୂର୍ବବର୍ଷ ଯେକୌଣସି ଶତାବ୍ଦୀ ତୁଳନାରେ ଅଧିକ, କିନ୍ତୁ ସେ ସଂପର୍କର ଭିତ୍ତି ବିଶ୍ବାସ-ବିରହିତ; ସ୍ଥୂଳ ସ୍ବାର୍ଥକୈନ୍ଦ୍ରିକ କିମ୍ବା ତୁଚ୍ଛା ଲୌକିକ ବା ଆନୁଷ୍ଠାନିକ ।

ବିଶ୍ବାସ ହିଁ ବନ୍ଧୁତାର ଭିତ୍ତି। ବିଶ୍ବାସରେ ସଂକଟ ଯୋଗୁଁ ଆଜି ଯେଉଁ ସର୍ବପୁରାତନ ମାନବିକ ସଂପର୍କ ଦୁର୍ବଳ ହୋଇପଡ଼ିଛି, ତାହା ହେଲା ବନ୍ଧୁତା ।

ପରିବାର ହିଁ ବିଶ୍ବାସର ଭିତ୍ତି। ପୂର୍ବରୁ ଥରେ ଲେଖିଥିଲି, ନବଜାତ ଶିଶୁର ପ୍ରଥମ କ୍ରନ୍ଦନ ହିଁ ତା'ର ସହଜାତ ବିଶ୍ବାସର ଘୋଷଣା। ତା'ର ଅନ୍ତଃସତ୍ତା ଜାଣେ, ତା'ର ସେ ଘୋଷଣା ପ୍ରତି ଧ୍ୟାନ ଦେବା ପାଇଁ, ତାକୁ ଉଠାଇନେବା ପାଇଁ, ସହାୟତା ଦେବା ନିମନ୍ତେ ପ୍ରକୃତି ବା

ବିଧାତା ଅନ୍ୟମାନଙ୍କ ହୃଦୟରେ ସ୍ନେହ ଶ୍ରଦ୍ଧାର ସଞ୍ଚାର କରି ରଖିଛି ।

ବିଶ୍ବାସକୁ ଅବଲମ୍ବନ କରି ହିଁ ଶିଶୁର ଅଭିବୃଦ୍ଧି ହୁଏ। ପରିବାର ପରିବେଶ ଦ୍ବାରା ପରିପୋଷିତ ଏହି ବିଶ୍ବାସ କ୍ରମେ ପରିବାରର ସୀମା ଅତିକ୍ରମ କରାଇ ତାକୁ ଅନ୍ୟମାନଙ୍କ ସହ ସଂପର୍କିତ କରାଏ। ସୃଷ୍ଟି ହୁଏ ତା'ର ବନ୍ଧୁ-ବଳୟ ।

ପରିବାର ପରେ ସର୍ବପୁରାତନ ମାନବିକ ସଂପର୍କ ବନ୍ଧୁତା ବୋଲି କହିଲେ ଠିକ୍, କିନ୍ତୁ ଏ ସଂପର୍କର ପବିତ୍ରତା ପାରିବାରିକ ସଂପର୍କର ପବିତ୍ରତାକୁ ଅତିକ୍ରମ କରିଯିବାର ଦୃଷ୍ଟାନ୍ତ କମ ନାହିଁ। ସେ ବିଷୟରେ ପ୍ରାଚୀନ ଭାରତର ସବୁଠାରୁ ଉଲ୍ଲେଖଯୋଗ୍ୟ ଦୃଷ୍ଟାନ୍ତ ନିଶ୍ଚୟ କର୍ଣ୍ଣ□ ।ପାଣ୍ଡବମାନଙ୍କ ସହ ତାଙ୍କର ପ୍ରତ୍ୟକ୍ଷ ଭ୍ରାତୃ ସଂପର୍କ ଉଦ୍‌ଘାଟିତ ହେବା ପରେ ମଧ୍ୟ ସେ ବନ୍ଧୁ ଦୁର୍ଯ୍ୟୋଧନକୁ ତ୍ୟାଗ କରି ପାରିଲେ ନାହିଁ ।

ଗ୍ରୀକ୍ କିମ୍ବଦନ୍ତୀ-ସାହିତ୍ୟରେ ଆମେ ପାଉ ଡାମୋନ୍ ଏବଂ ପିଥିଆସ୍‌ଙ୍କ ଅବିସ୍ମରଣୀୟ ଚରିତ। ସୁପ୍ରାଚୀନ ସାଇରାକ୍ୟୁସ୍‌ରେ ଡାଇଆନୋସିଆସ୍‌ର ଏକଛତ୍ର ଶାସନ। ଏହି ଦୁର୍ଦ୍ଦାନ୍ତ ଶାସକର କୋପଦୃଷ୍ଟିରେ ପଡ଼ିଲେ ପିଥିଆସ୍। ତାଙ୍କୁ ପ୍ରାଣ୍ଡ ଦଣ୍ଡର ଆଦେଶ ହେଲା। ପିଥିଆସ୍ ନିଜ ଶେଷ ଅଭିଳାଷ ରୂପେ ସପ୍ତାହକ ସକାଶେ ବିରତି ଭାଗିଲେ - ନିଜ ଦୂରବର୍ତ୍ତୀ ଗ୍ରାମକୁ ଯାଇ ପରିବାରଠାରୁ ବିଦାୟ ନେଇ ଆସିବା ନିମନ୍ତେ ।

"ଠିକ୍ ଅଛି !" କହିଲେ ଡାଇଆନୋସିଆସ୍, "କିନ୍ତୁ ତୁମ ପାଇଁ ତମର କୌଣସି ବନ୍ଧୁ ଯଦି ମୁଣ୍ଡ ଜାମିନ ରହେ। ତମେ ଯଦି ନିର୍ଦ୍ଦିଷ୍ଟ ଦିନ ସୂର୍ଯ୍ୟୋଦୟ ସୁଦ୍ଧା ଲେଉଟି ନଆସିବ, ତେବେ ସେ ଜାମିନ୍‌ଦାର ମୃତ୍ୟୁଦଣ୍ଡ ଭୋଗିବାକୁ ପ୍ରସ୍ତୁତ ରହିବା ଚାହି ।"

ତତ୍‌କ୍ଷଣାତ୍ ଆଗଭର ହେଲେ ବନ୍ଧୁ ଡାମୋନ୍। ତାଙ୍କୁ କାରାରୁଦ୍ଧ କରାଗଲା ।

ଷଷ୍ଠ ରାତି ସୁଦ୍ଧା ପିଥିଆସ୍ ପ୍ରତ୍ୟାବର୍ତ୍ତନ ନକରନ୍ତେ ସପ୍ତମଦିନ ପ୍ରଭାତରେ ଡାମୋନଙ୍କୁ ଫାଶୀ ମଞ୍ଚକୁ ନିଆଗଲା। ତହିଁ ଉପସ୍ଥିତ ଥିଲେ ଡାଇଆନୋସିଆସ୍। ଡାମୋନ୍‌ଙ୍କ ଆଖିରେ ଅଶ୍ରୁ ଦେଖି ସେ ଅଟ୍ଟହାସ୍ୟ କଲେ ଏବଂ କହିଲେ, "ମୁଁ ଠିକ୍ ଜାଣିଥିଲି ଯେ ତମ ବନ୍ଧୁ ତମକୁ ଦଗା ଦେବ। ଏବେ ଅଶ୍ରୁପାତ କଲେ ଲାଭ କ'ଣ ?"

"ମହାମାନ୍ୟ ଶାସକ ! ଏ ଅଶ୍ରୁ ଦୁଃଖ-ଜନିତ ନୁହେଁ। ଏହା କୃତଜ୍ଞତାର ଅଶ୍ରୁ। ମୋ ବନ୍ଧୁ ନିଶ୍ଚୟ କୌଣସି ଦୁର୍ଲଂଘ୍ୟ ଅସୁବିଧା ଯୋଗୁଁ ଅଟକି ଯାଇଛନ୍ତି। ଭଗବାନ ଯେ ମୋତେ ମୋ ବନ୍ଧୁ ପାଇଁ ପ୍ରାଣ ଦେବାର ସୁଯୋଗ ପ୍ରସ୍ତୁତ୍ କରିଦେଲେ, ସେଥିପାଇଁ ମୁଁ ପୁଲକିତ ।" ଉତ୍ତର ଦେଲେ ଡାମୋନ୍ ।

ସେତିକିବେଳେ ଶୁଣାଗଲା ଅଦୂରରୁ ଏକ ଉତ୍କଣ୍ଠିତ ବିକଳ ଚିତ୍କାର: "ଥୟ ଧର ! ମୁଁ ଆସିଗଲିଣି !" ଚାହୁଁ ଚାହୁଁ ଗଳଦ୍‌ଘର୍ମ ପିଥିଆସ ଆସି ତହିଁ ଉପନୀତ ହେଲେ। ତାଙ୍କ ଆଖିରେ

ବି ଅଶ୍ରୁ। "ମୋର କେଡ଼େ ସୌଭାଗ୍ୟ- ଭଗବାନଙ୍କୁ ଅଶେଷ ଧନ୍ୟବାଦ- ଯେ ମୁଁ ଠିକ୍ ସମୟରେ ପହଞ୍ଚି ପାରିଲି। ନଦୀରେ ପ୍ରବଳ ବନ୍ୟା ଯୋଗୁଁ ବିଳମ୍ବ ହେଲା !" ସେ ଡାମୋନ୍‌ଙ୍କୁ କୁଣ୍ଢାଇ ପକାଇଲେ ।

ସେ ସ୍ତବ୍ଧ ପରିବେଶରେ, ନିଜ ବୟସ୍କ ଜୀବନରେ ଦୁର୍ବିନୀତ ଡାଇଆନୋସିଆସ୍ ବୋଧହୁଏ ପ୍ରଥମ ଥରେ ପାଇଁ ଆପଣାର ଆଖି ସଜଳ ହେବାର ଅନୁଭବ କଲେ। "ମୋତେ ଆଜିଠାରୁ ତୁମର ତୃତୀୟ ବନ୍ଧୁରୂପେ ଗ୍ରହଣ କର !" ସେ କହିଲେ ଏବଂ ଦୁଇ ବନ୍ଧୁଙ୍କୁ ସାଦର ସମ୍ଭାଷଣ ଜଣାଇ ନିଜ ଦରବାରକୁ ନେଇ ଆସିଲେ ।

ରୋମ୍ ସାମ୍ରାଜ୍ୟର ଏକ ନାୟକ ଜୁଲିଅସ୍ ସିଜର୍ ବ୍ରୁଟାସ୍‌ଙ୍କୁ ତାଙ୍କର ଅତ୍ୟନ୍ତ ଅନ୍ତରଙ୍ଗ ବନ୍ଧୁ ବୋଲି ଭାବିଥିଲେ। ସିନେଟ୍ ହଲ୍ ଭିତରେ ଯେତେବେଳେ ଷଡ଼ଯନ୍ତ୍ରକାରୀ ମାନ୍ୟବର ପ୍ରତିନିଧିବର୍ଗ ତାଙ୍କୁ ହତ୍ୟା କରିବା ନିମନ୍ତେ ଜଣକ ପରେ ଜଣେ ଛୁରୀକାଘାତ କରି ଚାଲିଲେ, ସେତେବେଳେ ହତବମ୍ବ ସିଜର୍ ବ୍ରୁଟାସ୍‌ଙ୍କୁ ଖୋଜିଲେ ଏବଂ ଦେଖିଲେ ବନ୍ଧୁଙ୍କ ହାତରେ ମଧ୍ୟ ଉଦ୍ୟତ ଛୁରୀକା। "ତମେ ବି ବ୍ରୁଟାସ୍ !" ଥିଲା ତାଙ୍କର ଶେଷ ଉକ୍ତି ।

ବ୍ରୁଟାସ୍ ଥିଲେ ଆଦର୍ଶବାଦୀ; ଗଣତନ୍ତ୍ରର ପୂଜକ। ସିଜର୍ ଗଣତନ୍ତ୍ର ଉପରେ ତାଲା ପକାଇଦେଇ ନିଜେ ଏକଛତ୍ର ଶାସକ ଚଳିଯାଇଥିବା ଯୋଗୁଁ ବ୍ରୁଟାସ୍ ତାଙ୍କ ନିଧନ ଯୋଜନାକୁ ସମର୍ଥନ କରିବା ସଙ୍ଗେ ସଙ୍ଗେ ନିଜେ ସେଥିରେ ସାମିଲ୍ ହେଲେ ।

ଏହା ଆଦର୍ଶ ପ୍ରତି ବିଶ୍ବସ୍ତତା; କିନ୍ତୁ ବନ୍ଧୁତା ପ୍ରତି ବିଶ୍ବାସଘାତକତା। ସେ ଠିକ୍ କଲେ ନା ଭୁଲ କଲେ, ଏ ପ୍ରଶ୍ନ ଅଦ୍ୟାବଧି ଅସମାହିତ। ଦାନ୍ତେ ତାଙ୍କ 'Inferno' ରେ ନର୍କର ନିକୃଷ୍ଟତମ ସ୍ତରରେ ଜୁଡ଼ାସ୍ ସହ ତାକୁ ରଖାଇଛନ୍ତି। ଆମ ସମସାମୟିକ ସୁଲେଖକ ଇ.ଏମ୍.ଫୋଷ୍ଟର କହିଥିଲେ ସେ ବ୍ରୁଟାସ୍ ସ୍ଥାନରେ ଥିଲେ ସିଜର୍‌ଙ୍କୁ ରକ୍ଷା କରିଥାନ୍ତେ - ହତ୍ୟା କରିବା ତ ଦୂରର କଥା ।

ଗଣତନ୍ତ୍ର ଭଳି ରାଜନୈତିକ ଆଦର୍ଶ ରୂପରେଖ ନେବାର ବହୁ ପୂର୍ବରୁ ରହିଛି ବନ୍ଧୁତା ଭଳି ମାନବିକ ପ୍ରବେଗ। ରାଜନୈତିକ ବା ସାମାଜିକ ଆଦର୍ଶ ଯୁଗଚକ୍ରର ଗତିରେ ପରିବର୍ତ୍ତିତ ହୋଇଛି। ଯଥା, ଗଣତନ୍ତ୍ର ପ୍ରତି ଆନୁଗତ୍ୟ ଆଦର୍ଶ ରୂପେ ଗୃହୀତ ହେବାର ବହୁ ପୂର୍ବରୁ ରାଜାଙ୍କ ପ୍ରତି ଆନୁଗତ୍ୟ ଥିଲା ଏକ ମହନୀୟ ଆଦର୍ଶ। କିନ୍ତୁ ବନ୍ଧୁତା ଏକ କାଳଜୟୀ ଚିରନ୍ତନ ଅନୁଷ୍ଠାନ। ସବୁ ଆଦର୍ଶଠୁଁ ପ୍ରାଚୀନ ।

ଆଜି ସମାଜରେ ନାନାଦି ସଂଘ ସମିତି ରହିଛନ୍ତି - ବ୍ୟବସାୟିକ ଅଂଶୀଦାରି, ଟ୍ରେଡ୍ ୟୁନିୟନ୍‌ଗତ ଭ୍ରାତୃତ୍ବ, ସମବାୟୀ ସଂପର୍କ ଇତ୍ୟାଦି ଇତ୍ୟାଦି; କିନ୍ତୁ ବନ୍ଧୁତା ବିରଳ। ଏହାର ମୂଳ କାରଣ ଚେତନାଗତ। ବିବର୍ତ୍ତନର ଅଲଂଘ୍ୟ ଦାବି ଅନୁସାରେ ଆମେ ଆମର ଚଳିତ ଚେତନା

ଅତିକ୍ରମ କରି ଏକ ଊର୍ଦ୍ଧ୍ବବର୍ତୀ ଚେତନାକୁ ଆଦରିନେବା ଦିଗରେ ଆସ୍ପୃହା କରିବା କଥା। କିନ୍ତୁ ଆମେ ଆମ ଗତାନୁଗତିକ ପଙ୍କିଳତା ଭିତରେ ଛଟପଟ ହେବାକୁ ବିଜ୍ଞତା ବୋଲି ମନେ କରୁଛୁ ।

ଆମକୁ ସେହି ଅବସ୍ଥାରେ ଛାଡ଼ିଦେଇ ମହାକାଳ-ନିହିତ ବିବର୍ତ୍ତନୀ ଶକ୍ତି ତା'ର ନିଜସ୍ବ ନିୟମ ଅନୁସାରେ ବିଜ୍ଞାନ ଓ ବୈଷୟିକ ବିଦ୍ୟାରେ ଯୁଗାନ୍ତକାରୀ ଅଗ୍ରଗତି ସାଧନ କରି ଚାଲିଛି। ସେସବୁକୁ ପ୍ରକୃତରେ ନିଜ ନିୟନ୍ତ୍ରଣରେ ରଖିପାରିବା ଭଳି ଚେତନା ଶକ୍ତି ମଣିଷର ନାହିଁ। ଫଳରେ ସେସବୁର ହିତକର ପ୍ରୟୋଗ ଯେତିକି ହେଉଛି ଅହିତକର ପ୍ରୟୋଗ ସେତିକି ମାତ୍ରାରେ ହେଉଛି। ଯାହା ଆତଙ୍କଜନକ, ତାହାହେଲା ଏହି ଅହିତକର ପ୍ରୟୋଗ ଯେକୌଣସି ମୁହୂର୍ତ୍ତରେ ଅଦ୍ୟାବଧି ସମ୍ଭବ ହୋଇଥିବା ହିତକୁ ଅର୍ଥହୀନ ପ୍ରହସନରେ ପରିଣତ କରିପାରେ । (କଳ୍ପନା କରନ୍ତୁ ହଠାତ୍ ପରମାଣୁ ବିଶ୍ବଯୁଦ୍ଧ ଲାଗିଯିବାର ପରିଣତି ।)

ଏହି ଅନିଶ୍ଚିତ ଅବସ୍ଥା ଅବଚେତନ ସ୍ତରରେ ଆମ ନିଜ ନିଜର ଆତ୍ମବିଶ୍ବାସରେ ଆଘାତ ଦେଇଛି। ମୁଷ୍ଟିମେୟ ବ୍ୟକ୍ତି, ସେମାନେ ସନ୍ତ୍ରାସବାଦୀ ହୁଅନ୍ତୁ, ମୌଳବାଦୀ ହୁଅନ୍ତୁ ବା ସେମାନଙ୍କୁ ଦମନ କରିବାକୁ ଚେଷ୍ଟିତ ଗୋଷ୍ଠୀ ହୁଅନ୍ତୁ, ଯେଉଁ ପ୍ରକାରର ଅମାନୁଷିକ କାର୍ଯ୍ୟକଳାପରେ ଲିପ୍ତ ହେବାର ସମ୍ବାଦ ଆମେ ପାଇଥାଉ, ସ୍ବତଃସ୍ଫୁର୍ତ୍ତ ଭାବରେ, ଆମ ଅଜାଣତରେ ତାହା ଦ୍ବାରା ଆମ ନିଜ ପ୍ରତି ଆମର ଅବିଶ୍ବାସ ଆସିଯାଏ - କାରଣ ଆମେ ବି ସେହିମାନଙ୍କ ଭଳି ମଣିଷ। କିଏ କହିବ ଆମ ଭିତରେ ସେଭଳି ଦୁର୍ବୃତ୍ତ ଲୁଚି ରହିନାହିଁ ।

ଏହିଠାରେ ଆମର କିଞ୍ଚିତ ଅତିଭୌତିକ ଜ୍ଞାନର ପ୍ରୟୋଜନ। କ୍ବଚିତ୍ କେହି ଅଛନ୍ତି ଯେଉଁମାନେ ନିଜ ନିଜ ଆତ୍ମସତ୍ତାରେ ସୁପ୍ରତିଷ୍ଠିତ। ଆମେ ଅଧିକାଂଶ ମଣିଷ ଆମ ଚେତନାରେ ଚଳଚଞ୍ଚଳ ଉପୁରିଆ ସ୍ତରରେ ରହିଥାଉ ଏବଂ ତାକୁ ହିଁ ନିଜର ସମଗ୍ର ଚେତନା ବୋଲି ଧରି ନେଇଥାଉ। କିନ୍ତୁ ତାହା ଠିକ୍ ନୁହେଁ। ଆମ ଚେତନାର ଗହନରେ ନିହିତ ଆମର ପ୍ରକୃତ ପରିଚୟ। ସେ ଯାହାହେଉ, ଆମ ଉପୁରିଆ ବା ସ୍ଥୂଳ ଚେତନା ସଂପର୍କରେ ମଧ୍ୟ ଆମର ଏତିକି ଜ୍ଞାନ ରହିବା ଆବଶ୍ୟକ ଯେ ତାହାର ନିଜସ୍ବ ସ୍ଥାୟୀ ଚରିତ୍ର ନାହିଁ। କେତେବେଳେ ଧ୍ବଂସାତ୍ମକ, ଆସୁରିକ ଅଦୃଶ୍ୟ ଶକ୍ତି ତରଙ୍ଗ ଦ୍ବାରା ପ୍ରଭାବିତ ହୋଇ ସେ ନିନ୍ଦନୀୟ ଆଚରଣରେ ଆମକୁ ପ୍ରବୃତ୍ତ କରାଏ ତ କେତେବେଳେ ସ୍ବାଭାବିକ ଓ ନିରପେକ୍ଷ ରହେ। କିନ୍ତୁ ଆମେ ସଜାଗ ରହିଲେ ବାତାବରଣରେ ଥିବା ମନ୍ଦ ଶକ୍ତିର ପ୍ରଭାବକୁ ପ୍ରତ୍ୟାଖ୍ୟାନ କରି ପାରିବା। ଆମେ ପୁଣି ସଜାଗ ରହିଲେ ଯେଉଁ ବିବର୍ତ୍ତନୀ ଶକ୍ତି ଏକଦା ନିଶ୍ଚେତନ ଅବସ୍ଥାରୁ ଆମକୁ ଜ୍ଞାନ, ବୁଦ୍ଧି, ବିବେକ ଇତ୍ୟାଦି ଦେଇ ଏତେ ଦୂର ନେଇ ଆସିଛି, ସେ ଶକ୍ତିର ସହାୟତାରେ ଆମ ଭାବନା ଏବଂ ଆଚରଣରେ ଯୁଗାନ୍ତର ସାଧନ କରିପାରୁ ।

ଏତକ ପ୍ରୟାସ କଲେ କ୍ରମେ ଆମର ହୃଦ୍‌ବୋଧ ହେବ ଯେ ବିଶ୍ବାସ ନିୟତ ଆମ

ସହିତ ରହିଛି। କ୍ରମେ ଆମେ ଏହା ମଧ୍ୟ ଉପଲବ୍ଧି କରିବୁ ଯେ ବିଶ୍ବାସ ଏକ -ବ୍ୟକ୍ତି-ନିରପେକ୍ଷ, ପ୍ରମାଣ-ନିରପେକ୍ଷ, ସ୍ଥାନ-କାଳ-ପାତ୍ର-ନିରପେକ୍ଷ ଆଧାର ଯାହା ବିନା ଆମେ ମୁହୂର୍ତ୍ତେ ମଧ୍ୟ ତିଷ୍ଠି ପାରିବୁ ନାହିଁ। ପ୍ରତି ପଦକ୍ଷେପ ନେବାବେଳେ ଆମର ବିଶ୍ବାସ ଥାଏ ଯେ ସମ୍ମୁଖବର୍ତ୍ତୀ ମାଟି ଆମକୁ ଦଗା ଦେବନାହିଁ। ଆପଣ କଥାଟିଏ କହିବେ ଏହି ବିଶ୍ବାସରେ ଯେ ମୁଁ ତାକୁ ଶୁଣୁଛି। ଆପଣ ଆହାର କରୁଛନ୍ତି ଏହି ବିଶ୍ବାସରେ ଯେ ସେଥିରେ ବିପଜ୍ଜନକ କିଛି ନାହିଁ। ଆମ ଜୀବନଧାରଣ ପ୍ରକ୍ରିୟାର ଶତ୍ହେରୁ ଅନେଶତ କର୍ମ ବିଶ୍ବାସକୁ ଅବଲମ୍ବନ କରି ସମାଧାନ ହୋଇଥାଏ ।

ଯଦି ଜଣେ ଭଗବାନଙ୍କ ଅସ୍ତିତ୍ବରେ ବିଶ୍ବାସ କରେ ନାହିଁ, ତେବେ ସେ ବସ୍ତୁବାଦରେ, ନିରୀଶ୍ବରବାଦରେ ବା ଚାର୍ବାକଙ୍କ ଭଳି ଋଣଂ କୃତ୍ବା ଘୃତମ୍ ପିବେତ୍ ଦର୍ଶନରେ ବିଶ୍ବାସ କରେ ।ଆମ ଲୋକକଥା ଅନୁସାରେ ଏକ ପ୍ରକାର ଟିକି ଚଢ଼େଇ ଅଛନ୍ତି ଯେଉଁମାନେ ରାତିରେ ନିଜ ନିଜ ନୀଡ଼ରେ ଶୋଇବା ବେଳେ ନିଜର କୁନି କୁନି ଗୋଡ଼ଟି ମାନ ଉପରକୁ ସିଧା ଟେକି ରଖି ଶୁଅନ୍ତି। କାରଣ ହେଲା, ଦୈବାତ୍ ରାତିରେ ଯଦି ଆକାଶ ଛିଡ଼ି ପଡ଼ିବ, ତେବେ ଗୋଡ଼ଟି ମାନ ତାକୁ ଅଟକାଇ ରଖିବେ; ସେମାନେ ପେଷି ହୋଇଯିବେ ନାହିଁ। ସେମାନଙ୍କର ଆକାଶ ଉପରେ ସିନା ବିଶ୍ବାସ ନାହିଁ, ନିଜ ଗୋଡ଼ଟି ମାନ ଉପରେ ରହିଛି ।

ଆଜି ଯେହେତୁ ଆମେ ଏକ ବିବର୍ତ୍ତନଗତ ସଂକଟ ମଧ୍ୟଦେଇ ଗତି କରୁଛୁ, ଏକ ନୂତନ ଚେତନା ଆମ ଭିତରେ ପ୍ରତିଷ୍ଠିତ ନ ହେବା ପର୍ଯ୍ୟନ୍ତ ଆମେ ଏକ ପ୍ରକାର ଅନିଶ୍ଚିତ ଜୀବନଯାପନ କରିବା ସ୍ବାଭାବିକ। ପ୍ରାଚୀନ ମୂଲ୍ୟବୋଧ ସବୁ ଉପରେ ଆମର ଆସ୍ଥା ତୁଟି ଯାଇଛି। ସେମାନେ ନିଷ୍ଫଳବୋଧ ହେଉଛନ୍ତି। ଫଳରେ ଯେଉଁ ସାଧାରଣ, ମିଶ୍ରିତ ଚେତନାରେ ଥାଇ ଆମେ ମଣିଷକୁ ଅଥବା ଆଦର୍ଶକୁ ବିଶ୍ବାସ କରୁଥିଲୁ ସେ ଚେତନାରେ ଭୂମିକମ୍ପ ହୋଇଯାଇଛି। ଅତଏବ ଆମକୁ ବିଶ୍ବାସର ଉତ୍ସକୁ ହିଁ ଯିବାକୁ ପଡିବ। ପୂର୍ବରୁ ଦେଖିଛୁ, ବିଶ୍ବାସ ଏକ ସ୍ବୟଂସିଦ୍ଧ, ସ୍ବୟଂ ପ୍ରତିଷ୍ଠ ସତ୍ୟ। ତେଣୁ ଆଜି କେଉଁ ମଣିଷ ବା କେଉଁ ଗୋଷ୍ଠୀ ବିଶ୍ବାସଘାତକତା କଲେ ବିଶ୍ବାସର ଅସ୍ତିତ୍ବ ଉପରେ ମୋର ଅବିଶ୍ବାସ ଆସିବ ନାହିଁ- ଯଦି ମୁଁ ବିଶ୍ବାସର ଉତ୍ସ ପ୍ରତି ବିଶ୍ବସ୍ତ ରହିପାରିବି ।

ଏହା ସମ୍ଭବ। ଯେହେତୁ ବିଶ୍ବାସ ହିଁ ଆମ ଅସ୍ତିତ୍ବର ଭିତ୍ତି। ଆମେ ଯେତିକି ଯେତିକି ଆମ ଚେତନାର ଗହନକୁ ଯିବୁ, ବିଶ୍ବାସର ସତ୍ୟ ସେତିକି ସେତିକି ଅଧିକ ମାତ୍ରାରେ ନିଜର ଅସ୍ତିତ୍ବ ସାବ୍ୟସ୍ତ କରିବ। ଏପରିକି ଆମର ଆଶା ବା ଯୋଜନା, ଉଚ୍ଚାକାଂକ୍ଷା ବା ଅଭିଳାଷ ବ୍ୟର୍ଥ ହେଲେ ମଧ୍ୟ ବିଶ୍ବାସରେ ଆଘାତ ଲାଗିବ ନାହିଁ। ମନେ ରଖିବାକୁ ହେବ ଯେ ଅବିଶ୍ବାସର ସ୍ବତନ୍ତ୍ର ଅସ୍ତିତ୍ବ ନାହିଁ। ବିଶ୍ବାସ ଥାଏ ବୋଲି ଅବିଶ୍ବାସ ସମ୍ଭବ ହୁଏ। ସୂର୍ଯ୍ୟ ଅନ୍ତରାଳକୁ ଗଲେ ଅନ୍ଧକାର ସମ୍ଭବ ହୁଏ। ଅନ୍ଧକାର ଅନ୍ତରାଳକୁ ଗଲେ ସୂର୍ଯ୍ୟ ସମ୍ଭବ ହୁଏ - ଏକଥା ପ୍ରଖରତମ

ଯୁକ୍ତିବାଦୀ ମଧ୍ୟ କହିପାରିବ ।

ଯେତେବେଳେ ବିଶ୍ବାସର ଉତ୍ସ ସହ ଆମର ଅନ୍ତରଙ୍ଗତା ପ୍ରତିଷ୍ଠିତ ହୋଇଯିବ, ସେତେବେଳେ ଆମର ଏଭଳି ଏକ ଅମୂଲ୍ୟ ଉପଲବ୍ଧି ହେବ, ଯାହା ଫଳରେ ହତାଶା ଆମଠୁ ସର୍ବଦା ଦୂରେଇ ରହିବ। ଆମେ ହୃଦୟଙ୍ଗମ କରିବା ଯେ ଜୟ ପରାଜୟ, ସଫଳତା ବିଫଳତା, ସୁଖ ଦୁଃଖ - ସବୁ ଅଭିଜ୍ଞତାର ଅବଦାନ ରହିଛି ଆମର ବ୍ୟକ୍ତିଗତ କ୍ରମବିକାଶ ନିମନ୍ତେ - ଯେଉଁ କ୍ରମବିକାଶ ପ୍ରକ୍ରିୟା ଜନ୍ମଜନ୍ମାନ୍ତର ଧରି ଚାଲିଛି। ଯେତେ ଜନ୍ମ ପରେ ହେଉନା କାହିଁକି, ଅବଶେଷରେ ପ୍ରତ୍ୟେକଙ୍କୁ ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟରେ ଉପନୀତ ହେବାକୁ ପଡ଼ିବ। ସେ ଅନିବାର୍ଯ୍ୟ ଯାତ୍ରା ପଥରେ ସମସ୍ତ ପ୍ରକାର ଅଭିଜ୍ଞତା ଏକ ଏକ ମାତ୍ରାର ପାଥେୟ ।

ବିଶ୍ବାସର ଏହି ପରିପକ୍ବତାର ଲକ୍ଷଣ ଏହିପରି: ଥରେ ଛୋଟ ଝିଅଟିଏ ରାତିରେ ଶୋଇବାକୁ ଯିବା ପୂର୍ବରୁ ପ୍ରାର୍ଥନା କରୁଥାଏ, "ଭଗବାନ ! ମୋ କଣ୍ଢେଇଟି ଭାଙ୍ଗିଗଲା। ତମେ ତାକୁ ସଜାଡ଼ି ଦିଅ। ଦେବ ଟି ?"

ତା'ଠୁ ଟିକିଏ ବଡ଼ ତା'ର ଭାଇ ଏ ପ୍ରାର୍ଥନା ଶୁଣି ହସି ପକାଇ କହିଲା, "ବୋକି ! ଭଗବାନ ତୋର ଏମିତି ପ୍ରାର୍ଥନା ଶୁଣିବେ, ଆଉ ଉତ୍ତର ଦେବେ ?"

"ଜରୁର୍ ଉତ୍ତର ଦେବେ ।' ଜବାବ୍ ଦେଲା ଟିକି ଝିଅ ।

ସକାଳେ ପ୍ରଥମେ ଭାଇଟି ନିଦରୁ ଉଠି ଦେଖିଲା - କଣ୍ଢେଇ ଯେମିତି ଥିଲା ସେମିତି ଭଙ୍ଗା ଅବସ୍ଥାରେ ରହିଛି। ସେ ଟିକି ଭଉଣୀକୁ ନିଦରୁ ଉଠାଇ ଚିଡ଼ାଇ କହିଲା, "ବୋକୀ ! ଭଗବାନ ତୋ ପ୍ରାର୍ଥନା ଶୁଣିଲେ ? ଉତ୍ତର ଦେଲେ ? "

"ଅବଶ୍ୟ ଦେଲେ। ଭଗବାନ କହୁଛନ୍ତି ଯେ କଣ୍ଢେଇ ଖେଳିବାର ବୟସରୁ ମୁଁ ଉତ୍ତୀର୍ଣ୍ଣ ହୋଇଗଲିଣି। ମୋର ଆଉ କଣ୍ଢେଇ ଦରକାର ନାହିଁ ।"

ଶ୍ରୀ ଅରବିନ୍ଦ ଇଣ୍ଟରନ୍ୟାସ୍‌ନାଲ୍ ସେଣ୍ଟର ଫର୍ ଏଜୁକେସନ୍
ପଣ୍ଡିଚେରୀ, ପିନ୍- ୬୦୫୩୦୨

ବି. ଦ୍ର. : - ଓଡ଼ିଶାର ବରେଣ୍ୟ କଥାକାର ଶ୍ରୀ ମନୋଜ ଦାସଙ୍କ ଅନୁମତି ନେଇ ପ୍ରକାଶିତ

# ରଂଗ ନମ୍ବର

ଡ଼ଃ କୁଳାଙ୍ଗାର



କ୍ରିଂ... କ୍ରିଂ...! କ୍ରିଂ... କ୍ରିଂ... !!

- ହାଲୋ

= ହାଏ

- ହାଲୋ, କିଏ କହୁଚ ?

= ମୁଁ କହୁଚି

- ମୁଁ କିଏ ? ନାଁ ଟା କହୁନ ?

= ତମେ କଣ ଜାଣିନ ?

- ଆହା ଜାଣିବି କେମିତି ? ତୁମେ କହିଲେ ସିନା, କାହାକୁ ଫୋନ୍ କରିଚ ? କାହାକୁ ଖୋଜୁଚ ?

= ଯିଏ ଫୋନ୍ ଉଠେଇଚି ତା'କୁ ଫୋନ୍ କରିଚି, ହାଃ... ହାଃ...!!!

- ଝିଅ ପିଲାଟେ ହେଇ ଅଜଣା ଲୋକସାଥୀରେ ହେଁ ହେଁ ପେଁ ପେଁ ହେଉଚ, ତୁମକୁ ଲାଜ ଲାଗୁନି ?

= ଇସ୍, ତୁମେ କଣ ଅଜଣା କି ?

- ଆଉ କଣ ଜଣା ? ହାଲୋ... ତୁମେ କିଏ ଯେ'... କାହାକୁ ଫୋନ୍ କରିଚ ?

= ମୁଁ.... ମୁଁ ହେଲି ମୁଁ ଆଉ ଫୋନ୍ କରିଚି ତୁମକୁ

- ମୁଁ କିଏ ଜାଣିଚ ?

= ଓହୋ, ସେ କଥା ମୋତେ କାହିଁକି ପଚାରୁଚ ? ତୁମେ ନିଜେ ଜାଣିନ କି ତୁମେ କିଏ ?

- ଲାଗୁଚି ତୁମ ମୁଣ୍ଡ ଗୋଳମାଳ ହେଇ ଯାଇଛି, ପାଗଳିଟାଏ କି ?

= ହଁ ସେମିତି କିଛି... ହେଲେ ତମେ କ'ଣ ?

- ମୁଁ ଜଣେ ଭଦ୍ର ବ୍ୟକ୍ତି

= ଉଁ... କାହିଁ ସେମିତି ତ' ଜଣା ପଡୁନି !

- ମାନେ ?

= ମାନେ, ଯଦି ତୁମେ ଏତେ ଭଦ୍ର ହେଇଥାନ୍ତ ରାତି ବାରଟା ପରେ ଜଣେ ଝିଅର ଫୋନ୍‌କଲ୍ ପାଇ ଏମିତି ପ୍ରଶ୍ନ ଓ କୁହେଳିକାର ସୂତାରେ ଗୁଡ଼େଇ ହୁଅନ୍ତ କାହିଁକି ?

- ଉଁ ହୁଁ... ତୁମେ କିଏ ? ବେଶ ଶିକ୍ଷିତା ପରି କଥାବାର୍ତ୍ତା କରୁଛ ! କୋଉଠି ଅଛ କହିଲ ?

= ଏବେ ବେଡ଼ରେ, ତକିଆରେ ମୁହଁ ମାଡ଼ି ତମ ସାଥୀରେ କଥା ହଉଛି

- ଭଏସ ବେଶ୍ ସୁଇଟ୍ ଲାଗୁଚି

= ଉଁ ଖାଲି କ'ଣ ଭଏସ୍ ... !!!

(ଟୁଂ ଟୁଂ ଟୁଂ.... ଫୋନ୍ କଟିଗଲା)

ଏବେ ଓଲଟା ରିଂ... ...

- ହାଲୋ... କଟିଗଲା

= ହିଃ... ହିଃ... କ'ଣ କଟିଗଲା ?

- କନେକ୍ସନ୍

= ଓହଃ...!!

- ତା'ହେଲେ ତମେ କ'ଣ କର ?

= ପ୍ରେମ.... ହେଃ ହେଃ...

- ନାଇଁ... ମୁଁ ପଚାରୁଥିଲି କି ଜୀବନଜୀବିକା... ବଞ୍ଚିବା ପାଇଁକି କ'ଣ କର ?

= କାଇଁ, ପ୍ରେମକୁ ନେଇ କ'ଣ ବଞ୍ଚିହେବନି !

- ଆଛା, ତା'ହେଲେ କାହାକୁ ପ୍ରେମ କରୁଛ ?

= ଆରେ ବାବା, ଫୋନଟା ତମେ କରିଛ, ମନେ ଅଛି ତ ?

- ଓହଃ... ସେ ଚିନ୍ତା କରନି... ବାଲାନ୍ସ ଢ଼େର୍ ଅଛି, ମୁଁ କ'ଣ ପଚାରୁଥିଲି କି' ତମେ କଣ ମୋତେ ଜାଣିଛ ?

= ହଁ ଟିକେ ଟିକେ ! ଏଇ ତମେ ଜଣେ ପୁଅ ମୁଁ ଜଣେ ଝିଅ

- ଆଉ...

= ତୁମେ ଏବେ ବେଡ଼ରେ ମୁଁ ବି ବେଡ଼ରେ...

- କିଏ କହିଲା ?

= ଆଉ, ହିଃ... ହିଃ... କଣ ଇଛା ନାହିଁ ନା କ'ଣ ?

- କ'ଣ ପାଇଁ ? କୋଉ ଇଛା ? ତମେ ପଢୁଚ ନା ଜବ୍ କରୁଚ ?

= ମୋର ବି.ଟେକ୍ ସେକଣ୍ଡ ଇୟେର୍, ତମର ?

- ମୋର ସର୍କାରୀ ଚାକିରୀ.. ରିଟାୟାର୍ଡ୍ ହେବାକୁ ଆଠମାସ ବାକି ଅଛି...

(ଟୁଂ ଟୁଂ ଟୁଂ... ଫୋନ୍ କଟିଗଲା... କଲ୍‌ବ୍ୟାକ୍ କଲେ - ଦ ଡାଏଲ୍‌ଡ୍‌ନମ୍ବର ଇଜ୍ କରେଣ୍ଟଲି ସ୍ବିଚ୍‌ଡ଼ ଅଫ୍)

# ଫେସବୁକ୍ ପ୍ରେମ

ନିତ୍ୟଦର୍ଶନ ମିଶ୍ର



ମୋର ଥିଲା ପୁରା ଟେନ୍‌ସନ୍

ସଦ୍ୟ ପ୍ରକାଶିତ ପ୍ରେମିକ ଲିଷ୍ଟରେ ମୋ ନାଁ'ର ନଥିଲା ମେନ୍‌ସନ୍

ସବୁ ତ ଫସିଲେ, ପ୍ରେମରେ ରସିଲେ, ଖବର କରି ସେନ୍‌ସେସନ୍

ମୁଁ ବାଡ଼ିପଡ଼ା, ନିଲଠା, ଛୋପରା, ଭାଗ୍ୟରେ ବେକାରୀ ପେନ୍‌ସନ୍

ଜ୍ୟୋତି ଭାଇ ଦେଲେ ସଲ୍ୟୁସନ୍

ଚହଟ ଚିକଣ ଫଟଟେ ଲଗେଇ

ବାଇଓଡ଼ାଟା ଘର ଉଠେଇ ପକେଇ

ଫେସ୍‌ବୁକରେ ଆଇଡ଼ି ଟେ ଖୋଲିଲି ମନ ପୁରା କରି ଛନ୍ ଛନ୍

ଦିନ ଦୁଇଚାରି ଗଲା

ଫ୍ରେଣ୍ଡ୍ ଲିଷ୍ଟର ତାଲିକା ଟା ମୋର ଧିରେ ଧିରେ ବଢୁଥିଲା

ବାଇଓଡ଼ାଟା ପୁରା ଫିଟ୍

ମୋଷ୍ଟ ୱାଣ୍ଟେଡ୍ ବ୍ୟାଚେଲର୍ ପରି ସବୁ ଗ୍ରୁପ୍‌ରେ ମୁଁ ହିଟ୍

ଦିନକ ରାତିର କଥା

କାହିଁକି ଫିଟୁନି ଭାଗ୍ୟ ରେଖା ମୋର, ମୁଣ୍ଡ ହେଉଥାଏ ବଥା

ଗୁହାରୀ ଶୁଣିଲେ ହରି

ସ୍ମାଇଲ୍ ଫେସ୍, ଟା ଛାଡ଼ି ଦେଲା କିଏ ମେସେଜ୍ ଟେ ଧିର କରି

କୁରୁଳି ଉଠିଲା ମନ

ଆତୁର ହେଇକି ପ୍ରୋଫାଇଲ୍ ଦେଖିଲି

ଲାଗିଲା ମିଳିଛି ଧନ

କେତେ ତା ବୟସ

ଜନମ କୋଉ ମାସ

କିସ କିସ ତାର ଗୁଣ

କ'ଣ ଭଲ ଲାଗେ, କ'ଣ ନ ଲାଗେ

ଖାଆନ୍ତି କେତେ ସେ ଲୁଣ

ସବୁକୁ ଦେଖିଲା ପରେ

ମନ ଉଡ଼ିଗଲା ଗଗନେ ପବନେ ଆଉ କିଏ ତାକୁ ଧରେ

ଦିନ ଦୁଇ ଚାରି ଗଲା

ବଢ଼ିଲା ଟିକିଏ ପାଲା

ଦିନକ ସକାଳୁ ମୁଣ୍ଡିଆ ମାରିକି ଭାବିଲି ଖୋଲିବି ତାଲା

ମନ କଥା ଦେବି କହି

ସମୁଦ୍ର ତେଣିକି ଉଚ୍ଛନ୍ନ ହେଲାଣି ଦେଖି ଜୁଆରିଆ ନଈ

ଆସିଲା ଚାଟିଂ ବେଳ

ଖରାପ ଭାବିବନି ଯଦି ମୁଁ କହିବି, ମନରେ ନ ରଖ ଗୋଳ

ଉତ୍ତର ମିଳିଲା କୁହ,

କାହିଁକି ଏମିତି ଉଦାସ ଲାଗୁଛ ଭଲ ନାହିଁ କି ଗୋ ଦେହ

କହିଲି 'ପାଉଚି ଭଲ'

ଛାତି ମୋର ଖାଲି ଉଠୁଛି ପଡୁଛି

ଦିଅନ୍ତି ଗୋଟିଏ ଗେଲ

କିଛି ବେଳ ଗଲା, ଉତ୍ତର ଆସିଲା

ନେଟ୍ ମୋର ଗଲା କଟି

ଇନ୍ଦିରା ପାର୍କକୁ କାଲି ଆସିବ କି

ତୁମର ତ ଥିବ ଛୁଟି

ପ୍ରଭୁ କି ଜାଣିବ... ପ୍ରେମିକ ବେଦନା

କେମିତି କଟିଲା ବେଳ

ତିନି ଟା ବେଳକୁ, ଚହଟ ଚିକଣ

ସାମ୍ନରେ ଉଡ଼େଇ ବାଳ

ଗେଟ୍ ପାଖରେ ଉଭା...

ସତେ କି ପ୍ରେମିକା ଆତୁରେ କହିବ, ତୁମେ ତ ସବୁଠୁ ଲୋଭା...

ମୁହଁ ସଞ୍ଜବେଳେ ମହେନ୍ଦ୍ରର କାଳ

ଆସିଲେ ରୂପଶ୍ରୀ ନାରୀ

କାନେ ଧରିଥିଲେ ମୋବାଇଲ୍ ଗୋଟେ

ହାତେ ଧରିଥିଲେ ଚାରି

ମୁହଁ ସଜ ମଲି ଫୁଲ

ଲାଗିଲା ଯେମିତି ଏଇଖିଣା (ଏହି କ୍ଷଣରେ) କବି ଲେଖିଛି ସଜ ଗଜଲ

କହିଲେ ବଖାଣି ହସି

'ହେ ଭଗବାନ' ତୁମେ ସତେ ସିଏ, ମରି ଯିବି ହସି ହସି

ବୁଝିଲା ମୋ ମନ ଶୋଷ,

ସତରେ ତୁମ କୁ ଦେଖିଲି ଲାଗୁଛି,  ପ୍ରତୀକ୍ଷା ମୋ ହେଲା ଶେଷ...

କୁତୁ କୁତୁ ମନେ, କହିଲି ମୋ ଧନ କ'ଣ ଖାଇବ କୁହ

ପ୍ରଥମ ପେରେମ, ଲାଗୁଛି ଗରମ, ଝାଉଁଳି ଯାଉଛି ଦିହ

କହିଲି ଚାଲୁନ ଯିବା...

ଗରମ ଗରମ ଜଳଖିଆ ଖାଇ ମନ ଦିଆ ନିଆ ହବା..

ଲାଜୁଆ ମୁହଁରେ କହିଲେ ସେ ମୋତେ ଚାହିଁ

ଏତେ ସରାଗରେ ଡାକୁଛ ମୋ ଧନ, ମନା ମୁଁ କରିବି କାହିଁ

କିଛି ବେଳ ଗଲା, ଦୁଃଖ ସୁଖ ହେଲା, ଉଡ଼ିଲା ପ୍ରେମର ବାନା

ମୋବାଇଲ୍ ତାଙ୍କ ରିଚାର୍ଜ କରିଲେ, ଦେଖେଇ କେତେ ପଖଣା

ଚାରି ପାହାରକୁ ପାଞ୍ଚଟା ନମ୍ବର, ଶିଖେଇଲେ ସେଇ ବାଳା

ଗୋଟିଏ ନମ୍ବରେ ବେଶି କଥା ହେଲେ, କାଳେ ଲାଗିଯିବ କିଳା

ହାତେ ଦେଇ ହାତ, କହିଲେ ମୁରୁକି ତୁମ ପାଇଁ ଧନ ଆଜି ମୋ ସମୟ ଶେଷ

ଚୁନିଆ ଭାଇନା, ଆସିବେ ଏଇନେ ଆମେ ଯିବୁ ଦେଖି ସୁନା ବେଶ

ୟା'ରି ଭିତରେ, କେତେ ଯେ ଭିଣେଇ ଭାଇ ସଙ୍ଗାତୁଣି

ଫୋନରେ ଡାକନ୍ତି ଭିଡ଼ି

ଉଠି ଠିଆ ହେଇ କହିଲେ ଯାଉଛି ଲାଗିଲାଣି ଭାଇ ଗାଡ଼ି

ଡେଇଁ ଡେଇଁ ଗଲେ, କୁରୁଳି ଉଠିଲେ, ଓହ୍ଲଉ ଓହ୍ଲଉ ଶିଢ଼ି

ଭାଇନା ଭଉଣୀ କୋଳା କୋଳି ହେଲେ, ଦିହ କରି ଭିଡ଼ା ଭିଡ଼ି

ହୋଟେଲର ବିଲ୍, ରିଚାର୍ଜ୍ ଭାଉଚର୍, ଦେଇକି ଫେରିଲି ଗଣି

ରେଡ଼ିଓ ଭିତରୁ ଗୀତ ଶୁଭୁଥିଲା, ପ୍ରେମ ଗୁଣକୁ ବଖାଣି

ବୁଝିଲି ଏତିକି ଜାଣି

ପେରେମ ଫେରେମ ଆମ ପାଇଁ ନୁହଁ

କିଳା ନଉ ଜାଣିଶୁଣି...



# ମନ୍ଦିର ପଣ୍ଡାଙ୍କୁ ଦୁରୁ ଜୁହାର୍

ସ୍ବରୂପ କୁମାର ମଲ୍ଲ

ପୁରୀର ନୀଳ ଦରିଆ କୂଳରେ ବିରାଜମାନ ବଡ ଠାକୁର। ଯଦି ଆପଣ ପ୍ରଭୁଙ୍କୁ ଦେଖିବାକୁ ଯାଉଛନ୍ତି ତା ହେଲେ ମୋ ତରଫରୁ ପୁରୀ ପଣ୍ଡାଙ୍କୁ ନମସ୍କାର ଜଣେଇ ଦେବେ। ଆପଣ ମାନେ ଲେଖକଙ୍କୁ ପଚାରିପାରନ୍ତି ଅସୁବିଧା ସମ୍ପର୍କରେ?? ସତ କଥା ହୋଉଛି ମୋର ପଣ୍ଡାଙ୍କୁ ଦେଖିଲେ ପେଣ୍ଟ ଓଦା ହେଇଯାଏ। ପକେଟକୁ ଦଶଥର ଚେକ୍‌କରେ, ଭାବେ ଆଜି ଘରକୁ ଫେରିପାରିବି ତ? ଯଦି ଆପଣ ନୂଆ ପୁରୀ ଯାଉଛନ୍ତି ତା ହେଲେ ଦେଖିକି ଯାଆନ୍ତୁ, ନଚେତ୍ ଆପଣଙ୍କ ବେଳା  ଖରାପ ପଡିପାରେ। ବାଟରେ ଯଦି କେହି ଭେଟଣା ହେଇଗଲେ ତା'ହେଲେ ଆପଣ ଚନ୍ଦା ହେଇଯାଇପାରନ୍ତି। (ଏଇ କଥା ଖୋଦ୍ ପୁରୀବାସୀ ନିଜେ ମାନନ୍ତି) ମୋର ଜଣେ ସାଙ୍ଗ କହେ ଆମେ କେବେ ବି ପସ୍ତେଇନୁ, କାରଣ ପଣ୍ଡାମାନେ ଜାଣିପାରନ୍ତି କିଏ ଏଇଠିକାର, ଆଉ କିଏ ବାହାରର। ଏହି ପ୍ରସଙ୍ଗରେ ମୋର ପରଲୋକଗତ ଜେଜଙ୍କ(ଯେ ଜଣେ ଧାର୍ମିକ ବ୍ୟକ୍ତି ପ୍ରଭୁ ଜଗନ୍ନାଥଙ୍କୁ ସୁମରଣା ନ କଲେ ରାତିରେ ନିଦ ହୁଏନି) କଥା ମନେ ପଡ଼େ। ଏଇଟା ବହୁତ ଦିନ ତଳର କଥା। ସେତେବେଳେ ଗାଡ଼ିଘୋଡ଼ା ନ ଥିଲା, ରାସ୍ତାଘାଟ ବି ନ ଥିଲା। ସେମାନେ ଚାଲି ଚାଲି ପୁରୀ ଯାଉଥିଲେ। ତିନି ଦିନ ପରେ ମନ୍ଦିରରେ ପହଞ୍ଚିଲେ ଆଉ ଭଗବାନଙ୍କୁ ଦର୍ଶନ କଲେ। ଏହି ସମୟରେ ଜଣେ ପଣ୍ଡା ଆସି ଜେଜଙ୍କ ପାଟିରେ ଜୋରଜବରଦସ୍ତି ତୁଳସୀପତ୍ର ପୁରାଇଦେଲେ। ତା ପରେ ପଇସା ମାଗିଲେ। ଜେଜଙ୍କ ପାଖରେ ସେତେବେଳେ କିଛି ପଇସା ନଥିଲା। ହଠାତ୍ ସେ ଜେଜେଙ୍କ ଗାଲକୁ ଜୋର୍ ସେ ଚିପି ଦେଲେ, ତାଙ୍କ ପାଟିରୁ ଅଇଁଠା ତୁଳସୀପତ୍ର ବାହାରକୁ ବାହରିଆସିଲା। ସେ ତାକୁ ହାତ ପତେଇ ନେଇଗଲେ ଓ ଆଉଜଣଙ୍କୁ ଦେଇ ଦେଇ ପଇସା ନେଇଗଲେ। ସେବେଠୁ ଜେଜେ ମଧ ପଣ୍ଡାଙ୍କୁ ଦୁରୁ ଜୁହାର୍ ଜଣାନ୍ତି ।

ଯଦି କେହି ବଙ୍ଗୀୟ ଯାତ୍ରୀ ପୁରୀ ପଣ୍ଡାଙ୍କୁ ମିଳିଯାଏ, ତା'ହେଲେ ତାଙ୍କର ରଜ। ଥରେ ମୋର ଜଣେ ସାଙ୍ଗ (କଲିକତାର ଅଧିବାସୀ) ତାର ବାପାଙ୍କ ସହିତ ପୁରୀ ଯାଇଥିଲେ। ତାଙ୍କୁ ମନ୍ଦିର ବୁଲେଇବା ବାହାନରେ ୧୫୦୦ ଟଙ୍କା ନେଇଗଲେ ଆଉ ଭିଡ଼ ଭିତରେ ଛାଡି ଫେରାର୍ ହୋଇଗଲେ। ସେମାନେ ଭଗବାନଙ୍କୁ ଦର୍ଶନ କରିପାରିଲେ ନାହିଁ। ସେବେଠୁ ସେମାନେ ବି............  କିନ୍ତୁ ଗୋଟେ କଥା ମୁଁ କହିବାକୁ ଚାହୁଁଛି ସେ ସାଙ୍ଗଟିର ଯୋଉ ମନୋସ୍କାମନା ଥିଲା ତାହା ଭଗବାନ ପୁରା କରିଥିଲେ।

ହେ ପ୍ରଭୁ,ଆପଣ ସମସ୍ତଙ୍କର ମନକାମନା ପୁରଣ କରନ୍ତୁ ଆଉ ପଣ୍ଡାମାନଙ୍କୁ କ୍ଷମା କରନ୍ତୁ ।


ପ୍ରଭୁ ଏମାନଙ୍କୁ ଟିକେ ଭଲବାଟକୁ ନେଇଆସ, ଆପଣଙ୍କ ପବିତ୍ର ପରିବେଶକୁ ଏମାନେ କଳୁଷିତ କରି ଦେଉଛନ୍ତି। ଅମୃତରେ ବିଷ ଭରିଦେଉଛନ୍ତି। ଆପଣ ବଡ଼ ଠାକୁର ବୋଲି ଆପଣଙ୍କ ପଣ୍ଡା ବି ବଡ଼ ପଣ୍ଡା, କିନ୍ତୁ ମୋର ଏତିକି ତବ ଚରଣରେ ପ୍ରାର୍ଥନା' ଟିକେ ପଣ୍ଡାଙ୍କ ଥନ୍ତଲିଆ ବଡ଼ ଗର୍ଭକୁ ଛୋଟ କରିଦିଅ। ଲୋଭ, ଦୁର୍ନୀତିର ବ୍ୟାଧି ବାଇଶି ପାହାଚକୁ ଗ୍ରାସ କରିବାକୁ ବସିଲାଣି। କିଛି କର ପ୍ରଭୁ ଆଉ ସହି ହଉନି! ଦେଶ ବାହାରର ଲୋକଙ୍କ ପ୍ରତି ଯେଉଁ ଆଚରଣ ତାହା ତ ନ କହିବା ଭଲ! ଏହି ଅବସରରେ ଏକ ଗୀତ ମନେପଡେ :

"କିଆଁ ଯିବି ମୁଁ ମନ୍ଦିର, କାହିଁ ହେବି ପଣ୍ଡାଙ୍କ ଶିକାର,
ଘରେ ପୁଜିବି ଭଗବାନଙ୍କୁ ମୋହର, ଲଭିବି ଆଶୀର୍ବାଦ ତାଙ୍କର ।

ଏବେ ମୁ କିନ୍ତୁ ଗୋଟେ ସୁବିଧା ଉପାୟ ବାଛିନେଇଛି, ମୁଁ ଜାଣିଛି ଆପଣଙ୍କ ମନ ନିଶ୍ଚୟ ବ୍ୟାକୁଳ ହୋଉଥିବ। ଠିକ ଅଛି ମୁଁ ଆପଣଙ୍କୁ କହି ଦଉଛି ହେଲେ ଦୟାକରି ଏହି କଥା କାହାକୁ କହିବେନି, ପ୍ଲିଜ୍! ମନ୍ଦିର ପରିଭ୍ରମଣ କଲାବେଳେ ଅନେକ ଅଲଗା ଦେବା ଦେବୀଙ୍କ ମନ୍ଦିର ମଧ ଥାଏ। ମୁଁ କିନ୍ତୁ ସବୁ ମନ୍ଦିର ଆଗକୁ ଯାଏ, କିନ୍ତୁ ପାଞ୍ଚ ହାତ ଦୂରରୁ ନମସ୍କାର ହୁଏ। ଆଉ ମନ୍ଦିରରେ ବୁଲିଲା ବେଳେ ଯଦି କେହି ମୁଣ୍ଡରେ ବାଡେଇଦିଅନ୍ତି କି ମଥାରେ ଚନ୍ଦନ ଲଗେଇ ଦିଅନ୍ତି ଆଉ ଦକ୍ଷିଣା ମାଗନ୍ତି ମୁଁ ଗୋଟେ ଲାଇନରେ ଉତ୍ତର ଦିଏ, "ବାପା ପଛରେ ଆସୁଛନ୍ତି"। ତା ପରେ ପାଦ ଆଗେଇ ବଢ଼େଇଲା ବେଳେ ପଛରୁ ଶୁଣାଯାଏ, "ହେଃ, ଶଳା"। ପଣ୍ଡା କଥା କୁହନ୍ତୁ ନିହାତି ୧୦ରୁ ୯ ଲୋକଙ୍କ ପାଟିରୁ କିଛି ନା କିଛି କାହାଣୀ ଥିବ ଏକଥା ଲେଖକ ଶାଳଗ୍ରାମ ଛୁଇଁ କହିବାକୁ ପ୍ରସ୍ତୁତ ଅଛି ।
"ସର୍ବମଙ୍ଗଳା ଜଗନ୍ନାଥ"

# ବିବାହିତ ବିଦେଶୀ ଦମ୍ପତିଙ୍କ ହିନ୍ଦୁ ବିବାହ : ତାମସା

ବାଲ୍ମୀକି ନାୟକ



ଗତ କିଛି ବର୍ଷ ହେବ ବିବାହିତ ବିଦେଶାଗତ ଦମ୍ପତିମାନଙ୍କ ହିନ୍ଦୁ ରୀତିନୀତିରେ ବିବାହ କରିବା ପର୍ବ ଖୁବ୍ ଚାଲିଛି। ପ୍ରଥମରୁ ଅନ୍ୟ ଧର୍ମରେ ହେଉ ଅବା କୋର୍ଟରେ ହେଉ ବିବାହିତ ହୋଇଥିବା ଦମ୍ପତିମାନେ ପୁଣିଥରେ ଭାରତୀୟ ପରମ୍ପରା ଅନୁସାରେ ବୈଦିକରୀତିରେ ବିବାହ କରିବା ପାଇଁ ଭାରତକୁ ଆସୁଛନ୍ତି। ସେମାନେ କାଶି ସହର ସ୍ଥିତ ଗଙ୍ଗା ନଦୀ କୂଳରେଥିବା ହୋଟେଲ୍ ମାନଙ୍କରେ ରହନ୍ତି। ସେଠିକାର ସ୍ଥାନୀୟ ପୁରୋହିତ ମାନଙ୍କ ସହ ପରାମର୍ଶ କରନ୍ତି। ଆଉ ଧନଲୋଭୀ କିଛି ପୁରୋହିତ ସେହି ବିବାହିତ ଦମ୍ପତିଙ୍କୁ ପୁଣିଥରେ ହିନ୍ଦୁ ରୀତିରେ ବିବାହିତ କରିବାପାଇଁ ରାଜି ହୋଇଯାଆନ୍ତି। ଏହିପରି ବିବାହୋତ୍ସବ ପାଇଁ କୌଣସି ସମୟ ସ୍ଥିରୀକୃତ ହୋଇନଥାଏ, ତେଣୁ ବିବାହ ବେଦୀରେ ପବିତ୍ର ଅଗ୍ନିକୁଣ୍ଡ ସମକ୍ଷ ବସିଥିବା ଦମ୍ପତି ଏହା ପୂର୍ବରୁ ଶାରିରୀକ ସମ୍ବନ୍ଧ ସ୍ଥାପନ କରିଛନ୍ତି କି ନାହିଁ, କିମ୍ବା ସ୍ତ୍ରୀଟି ଗର୍ଭବତୀ ଅଛି କି ନାହିଁ ସେ ବିଷୟ ପ୍ରତି କେହି ଧ୍ୟାନ ଦିଅନ୍ତି ନାହିଁ, କିମ୍ବା ସେ ସବୁକୁ କେହି ମହତ୍ତ୍ୱ ଦିଅନ୍ତି ନାହିଁ। କାରଣ ସ୍ପଷ୍ଟ ଯେ ସେମାନେ ପୁରୋହିତଙ୍କୁ ମୋଟା ଦକ୍ଷିଣା ଦେବାପାଇଁ ରାଜି ହୋଇଥାନ୍ତି। ସେଇଥି ପାଇଁ ସବୁକିଛି ଶାସ୍ତ୍ରସମ୍ମତ ଓ ନୀତିସଂଗତ ହୋଇଯାଏ ।

ଖାଲି ସେତିକି ନୁହେଁ। ଅପ୍ରବାସୀ ଦମ୍ପତି କୌଣସି ସହରବାସୀ ହୋଇଥିଲେ, ସେହିଠାରୁ ତାଙ୍କର ପୂର୍ବପରିଚିତ ବରପକ୍ଷ ଓ କନ୍ୟାପକ୍ଷ ପାଇଁ ବିବାହ ପର୍ବରେ ଯୋଗଦେବା ପାଇଁ ଅନେକ ଶିକ୍ଷିତ ଓ ଭଦ୍ରଲୋକ ଆଗେଇ ଆସନ୍ତି। ସେହି ମାନଙ୍କ ମଧ୍ୟରୁ କନ୍ୟାଦାନ, ବରଯାତ୍ରୀ, ଶୋଭାଯାତ୍ରା, ବାଜା ବାଣ, ସାମିୟାନା ଆଦିର ବନ୍ଦୋବସ୍ତ କରିବା ଲୋକ ଯୋଗାଡ଼ ହୋଇଯାଆନ୍ତି। ଶେଷରେ ଯେଉଁ ମହଙ୍ଗା ଭୋଜନ ଓ ପାନୀୟ(ମଦ୍ୟ) ବ୍ୟବସ୍ଥା ହୋଇଥାଏ, ତାହାକୁ କିଏ ବା ହାତଛଡ଼ା କରି ପାରିବ? କଥାରେ ଅଛି ଭାତ ଫିଙ୍ଗିଲେ କାଉ ଅପୂର୍ବ କି ? ବିବାହିତା ସ୍ତ୍ରୀମାନେ ବିଦେଶୀ ସ୍ତ୍ରୀଙ୍କୁ ଭାରତୀୟା କନ୍ୟାବେଶରେ ଶାଢ଼ୀ ପିନ୍ଧାଇ ହାତରେ ମେହେନ୍ଦି ଲଗାଇ ସଜେଇ ଦିଅନ୍ତି। ରାତିସାରା ସଂଗୀତ, ନାଚ ଖାଇବା ପିଇବାର ଆସର ଜମେ। ବିଦେଶୀ ବର ସ୍ଥାନୀୟ ଲୋକଙ୍କୁ ଖୁଆଇ ପିଆଇ ରାସ୍ତାରେ ନଚାଇବାକୁ ମନେଇ ନେଇଥାଏ। ବିଦେଶୀ ଦମ୍ପତି ହୁଏତ ଦେଖି ଖୁଶି ହେଉଥିବେ ଯେ ଟଙ୍କା ଖର୍ଚ୍ଚ କଲେ କିଭଳି ଏଠାକାର ଜନତା ଓ ପୁରୋହିତ କିପରି ନିଜର ପରମ୍ପରାର ଉପହାସ କରି ପାରନ୍ତି ।

ଗତ କିଛିଦିନ ତଳେ ରାଜସ୍ଥାନରେ ଜଣେ ଅପ୍ରବାସୀ ଛାଡ଼ପତ୍ର ନେଇଥିବା ଉଦ୍ୟୋଗପତି ଅରୁଣ ନାୟାର ଏବଂ ଛାଡ଼ପତ୍ର ନେଇଥିବା, ସନ୍ତାନର ଜନନୀ ଲିଜ୍ ହାର୍ଲେ ହିନ୍ଦୁ ରୀତିରେ ବିବାହ କରିଥିଲେ। ଆଶ୍ଚର୍ଯ୍ୟ ଲାଗୁଛି ଯେ ଏହି ଦୁହିଁଙ୍କ ବିଷୟରେ ସବୁକିଛି ଜାଣି ସୁଦ୍ଧା ପୁରୋହିତମାନେ ଏମାନଙ୍କ ବିବାହ ବୈଦିକ ରୀତିରେ କିପରି ଖୁବ୍ ଧୁମଧାମରେ କରାଇଦେଲେ ? ପରେ ସେ ଦୁହିଁଙ୍କ ଛାଡ଼ପତ୍ର ବି ହୋଇଯାଇଛି। ଅର୍ଥାତ୍ ହିନ୍ଦୁ ବିବାହ ବି ସେମାନଙ୍କୁ ବାନ୍ଧି ରଖିପାରିଲା ନାହିଁ।

ଆମେ ଏଠି ପ୍ରଶ୍ନ କରିବାକୁ ଚାହୁଁନାହୁଁ ଯେ ସେମାନଙ୍କ ପୁନର୍ବିବାହ କାହିଁକି କରାଯାଉଛି ? ଆମର ଆପତ୍ତି ହେଉଛି ଯେ ହିନ୍ଦୁ ବିବାହ ପ୍ରଥାରେ ବହୁତ୍ ଜଟିଳ ପ୍ରକ୍ରିୟା ରହିଥିବା ସତ୍ତ୍ୱେ ବିଦେଶୀ ଓ ଅନ୍ୟ ଧର୍ମର କନ୍ୟା (ପୂର୍ବରୁ ବିବାହିତା) ସହିତ ଏତେ ସହଜରେ ବୈଦିକ ରୀତିରେ ବିବାହ କରାଇ ଦେବାପାଇଁ ହିନ୍ଦୁ ପୁରୋହିତ ବର୍ଗ ରାଜି ହେଉଛନ୍ତି କିପରି ?

ଆମର ଏଇଠି ଜାତି, ଗୋତ୍ର, ଧର୍ମ, ବର୍ଗ ଆଦିକୁ ନେଇ ଏତେ ବାଛ ବିଚାର ରହିଛି ଯେ ସହଜରେ ବରପାଇଁ କନ୍ୟା କିମ୍ବା କନ୍ୟାପାଇଁ ବରଟିଏ ମିଳୁନାହିଁ। ବିବାହ ବେଳକୁ ଜାତକ ମିଳନ, ଶୁଭ ଅଶୁଭ ମୁହୂର୍ତ୍ତର ଚୟନ ଆଦି ପାଇଁ ସାଧାରଣ ଲୋକ ଏହି ପୁରୋହିତ ମାନଙ୍କ ଶରଣରେ ଯାଇଥାନ୍ତି। ଶାସ୍ତ୍ରର ଆଳରେ ପୁରୋହିତମାନେ ଜାତକ ମିଳନ ନ ହେଲେ ବାହାଘର ଭାଙ୍ଗିଯାଉଛି। ଅନେକ ସମୟରେ ଶୁଭମୁହୂର୍ତ୍ତ ନଥିବା କହି ବିବାହକୁ ମାସ ମାସଧରି ଘୁଞ୍ଚାଇ ଦିଆଯାଉଛି। ପୁରୋହିତ ମାନଙ୍କ ଆଦେଶ ବେଦର ଗାର ବୋଲି ମାନି ନେଉଥିବା ସମାଜ ବିଦେଶୀ ଦମ୍ପତିଙ୍କର ବିବାହ ବେଳକୁ କୌଣସି ଆପତ୍ତି କରନ୍ତି ନାହିଁ କାହିଁକି ? ପଶ୍ଚିମି ସଭ୍ୟତାର ମାନସିକତା; ପଶ୍ଚିମ ସଭ୍ୟତାରେ ବିବାହ ବନ୍ଧନକୁ ଯଦିଓ ସାତ ଜନ୍ମର ସମ୍ପର୍କ ବୋଲି ମାନ୍ୟତା ନାହିଁ। ତଥାପି ସ୍ତ୍ରୀ ପୁରୁଷଙ୍କ ମଧ୍ୟରେ ଗୋଟିଏ ଭାବନାତ୍ମକ ବୁଝାମଣା ନିଶ୍ଚୟ ରହୁଥିଲା। ସେମାନଙ୍କ ସଂସର୍ଗରୁ ଜାତ ହେଉଥିବା ବୈଧ ସନ୍ତାନ ମାନଙ୍କୁ ପାଳନ ପୋଷଣ କରିବାର ଉତ୍ତର ଦାୟିତ୍ୱ ସେମାନଙ୍କର ବି ଥିଲା। ଯୌଥ ପରିବାରକୁ ସେମାନେ ବି ଉପଭୋଗ କରୁଥିଲେ।

ଭୌତିକ ବାଦର ବିକାଶ ସହିତ ମଣିଷର ମାନସିକତାରେ ପରିବର୍ତ୍ତନ ହେଲା। ଯୌଥ

ପରିବାର ଭାଙ୍ଗି ଛୋଟ ପରିବାରର ଗଠନ ହେଲା। ତ୍ୟାଗର ଭାବନା ବଦଳରେ ସ୍ବାର୍ଥ ଭାବନା ଜନ୍ମ ନେଲା। ବିବାହ ସେମାନଙ୍କ ପାଇଁ କୌଣସି ପବିତ୍ର ବନ୍ଧନ ନୁହେଁ କିମ୍ବା ସାତ ଜନ୍ମର ସମ୍ପର୍କ ନୁହେଁ ବରଂ ବିବାହ ହେଉଛି ଭୋଗ ବିଳାସର ମାଧ୍ୟମ ମାତ୍ର। ସେଥିପାଇଁ କେବଳ ମଉଜମସ୍ତି କରିବା ପାଇଁ ଅଜସ୍ର ଧନ ଖର୍ଚ୍ଚ କରି ସେମାନେ ହିନ୍ଦୁ ରୀତିରେ ବିବାହ ପର୍ବ ପାଳନ କରିବାକୁ ଭାରତକୁ ଆସିଥାନ୍ତି। ବିବାହ ଏକ ସାମାଜିକ ଉତ୍ତର ଦାୟିତ୍ବ। ଯାହାକୁ ଗୁରୁତ୍ବପୂର୍ଣ୍ଣ ଭାବେ ପାଳନ କରିବା ଏକ ମାନବିକତା ଏବଂ ନୈତିକ କର୍ତ୍ତବ୍ୟ ବୋଲି ସେମାନେ ମାନିବାକୁ ଆଜି ପ୍ରସ୍ତୁତ ନୁହନ୍ତି। ଏହି ଉତ୍ତର ଦାୟିତ୍ବକୁ ବହନ କରିବା ପାଇଁ ଦୁହିଁଙ୍କ ମଧ୍ୟରୁ ଜଣେ ଯଦି ନ ଚାହିଁବ, ସେ ସେଥିପାଇଁ ସ୍ବାଧୀନ ହେବାକୁ ଚାହୁଁଛି। ନିଜର ସାଥୀ କିମ୍ବା ସନ୍ତାନ ପ୍ରତି ଭାବନାତ୍ମକ ସମ୍ପର୍କ ଛିନ୍ନ କରି ଅଲଗା ହୋଇଯିବା ପରେ ବି ସେ କୌଣସି ପ୍ରକାର ଅପରାଧବୋଧ କରିନଥାଏ। ସେଭଳି ଦମ୍ପତିଙ୍କ ପାଇଁ ଆମ ପୁରୋହିତମାନେ କେବଳ ଦକ୍ଷିଣା ପାଇବା ଲୋଭରେ ଶାସ୍ତ୍ରସମ୍ମତ ତର୍କ ମାନଙ୍କୁ ଖୋଜି ବିବାହକୁ ଉଚିତ ସିଦ୍ଧ କରାଉଛନ୍ତି ଦେଖି କ୍ଷୋଭ ତଥା ଲଜ୍ଜା ଲାଗୁଛି ।

ଭାରତୀୟ ନାଗରିକ ମାନଙ୍କ ପାଇଁ ବିବାହ ଏକ ଖେଳ ବା ତାମସା ନୁହେଁ। ଏହା ପଛରେ ରହିଛି ଦାୟିତ୍ବବୋଧ, ତ୍ୟାଗ, ସମର୍ପଣ ଓ ଶପଥ। ସେଇଥିପାଇଁ ହିନ୍ଦୁ ବିବାହ ପଦ୍ଧତିରେ ଆଗରୁ ଅନେକ ବନ୍ଧନ ରହିଥିଲା। ହିନ୍ଦୁ ପଦ୍ଧତିରେ ବିବାହ କରିଥିବା ଦମ୍ପତିଙ୍କୁ ଛାଡ଼ପତ୍ର ପାଇବା ପାଇଁ ଆଜି ବି ଦେଶର କାନୁନ ସହଜରେ ସ୍ବୀକାର କରେନାହିଁ ।

ଦେଶର କାନୁନ ବ୍ୟବସ୍ଥା ଓ ପରିବର୍ତ୍ତିତ ସାମାଜିକ ମାନସିକତାକୁ ବିଚାର କଲେ ଆମେ ବି କିଛି କିଛି ପଶ୍ଚିମି ସଭ୍ୟତା ଦ୍ବାରା ପ୍ରଭାବିତ ହୋଇଥିବା ଦେଖିପାରିବା। ଆମ ଦେଶର ଯୁବଗୋଷ୍ଠୀ ବି ବିବାହକୁ ସାତଜନ୍ମର ସମ୍ପର୍କ ବୋଲି ମାନିବାକୁ ପ୍ରସ୍ତୁତ ନୁହନ୍ତି। ଜୀବନସାରା ଦୁହେଁ ଦୁହିଁଙ୍କୁ ବରଦାସ୍ତ କରି କାନ୍ଦି କାନ୍ଦି ଜୀବନ ବିତେଇ ଦେବାକୁ ଏକ ମୂର୍ଖାମୀ ବୋଲି ଭାବୁଛନ୍ତି। ଯଦି ମନ ମିଳୁନାହିଁ, ମତ ପାର୍ଥକ୍ୟ ରହୁଛି ତେବେ ଯଥାଶୀଘ୍ର ଛାଡ଼ପତ୍ର ମିଳିଯିବା ଉଚିତ ବୋଲି ଅନେକେ ମତ ଦେଲେଣି। ଯେହେତୁ ଆମର କାନୁନ ଅନେକ ପୁରୁଣା ସମୟରୁ ତିଆରି, ସେଥିରେ ସଂଶୋଧନ ହୋଇନାହିଁ, ତେଣୁ ଆଜି ଅନେକ ଦମ୍ପତି କୋର୍ଟ୍ କଚେରୀକୁ ଦଉଡ଼ି ଦଉଡ଼ି ବୟସ ଗଡ଼ିଯାଉଛି। କାନୁନ ବିଶେଷଜ୍ଞ ଓ ସରକାର ଯେତେ ଶୀଘ୍ର ଆଜିର ଆବଶ୍ୟକତାକୁ ଅନୁଭବ କରି ଛାଡ଼ପତ୍ର ପ୍ରଣାଳୀକୁ ସରଳ କରିଦେବେ, ସେତେଶୀଘ୍ର ସମାଜରେ ଘଟୁଥିବା ଅନେକ ଅପରାଧ, ହତ୍ୟା, ଆତ୍ମହତ୍ୟା ଉପରେ ଅଙ୍କୁଶ ଲାଗିପାରିବ ।

ବୈଦିକ ବିବାହ ପଦ୍ଧତିରେ ବି ଏହି ସମସ୍ୟାର କୌଣସି ସମାଧାନ ଲେଖା ନାହିଁ। ଯଦି ଆମର ବିବାହ ପଦ୍ଧତି ଅନ୍ୟ ପଦ୍ଧତିଠାରୁ ଶ୍ରେଷ୍ଠ ବା ମହାନ ଭାବି ବିଦେଶୀମାନେ ଆକୃଷ୍ଟ ହୋଇ ଆସୁଛନ୍ତି ବୋଲି କେହି ବିତର୍କ କରନ୍ତି, ତେବେ ସେମାନଙ୍କର ଏକ ଭ୍ରମ ଧାରଣା ବୋଲି ଆମେ ହୁଏତ କହି ପାରିବୁ। ଗାଈର ଲାଞ୍ଜଧରି ବୈତରଣୀ ପାର ହେବାକୁ ଚାହୁଁଥିବା ପୁରୋହିତ ବର୍ଗ ଧର୍ମକୁ ଏକ ବ୍ୟବସାୟ ରୂପେ ବ୍ୟବହାର କରୁଛନ୍ତି। କିଛି ବର୍ଷତଳେ 'ୱାଟର୍' ନାମକ ଏକ ସିନେମାରେ ଥିବା ସମଲିଂଗୀ ସମ୍ପର୍କକୁ ବିରୋଧ କରୁଥିବା ହିନ୍ଦୁ ପଣ୍ଡିତମାନେ ଆଜି ନିଜର ବିବାହ ପଦ୍ଧତିର ଉପହାସ କରୁଛନ୍ତି ବୋଲି ସେମାନେ ନିଜେ ହିଁ ବୁଝିପାରୁନାହାନ୍ତି। ଆମର ଧର୍ମ ଓ ସଂସ୍କୃତି ପଛେ ଚୁଲିକୁ ଯାଉ ସେମାନଙ୍କ ଘର ଧନ ସମ୍ପତ୍ତିରେ ପୂର୍ଣ୍ଣ ହେଉଥାଉ ।

# ମଦର୍ ଇଣ୍ଡିଆ

ବିଧୁଭୂଷଣ ମିଶ୍ର (ପିଣ୍ଟୁ)



ବସ୍ ବେଟା ବସ୍, ବାପର୍ କମାନୀ ଅଏସ୍ କରି ବସ୍
କାଠର୍ ଘୁଡ଼ାଥି ବସ୍
ଗଧ୍ କମଉେଛ, ଘୁଡ଼ା ଖାଉଛେ
ନଦୀର୍ ବାଏଲ୍ ଚିନି, ପଥର୍ ଯେତେ ଆଖୁ, ଆର୍ ପାଏନ୍ ଯେତେ ଗୁରଷ୍
ଖା ବେଟା ଖା, ଆରମ୍ ସେ ଖା,
କେହେନ ବାଲା କିଏ ଅଛେ, ବାପ୍ କା ମାଲ୍ ହେ ,
ହୁଇସ୍କି, ଚରସ୍, ଅଫିମ୍, ଗାଁଜା କ୍ୟା କମାଲ୍  ହେ ।
ଦୁଇ ଟଂକାର୍  ମଦ୍, ଦୁଇ ଲାଖ୍ ର  କଥା ,
ନିଶାର୍ ସୁରେ ତାଲ୍ ଦେଇକରି ବିଚ୍ ମଝାଖୁଲି ନାଚୁଥା ।
ଯଦି କିଏ କର୍ବା ମନା, ତାହାକେ କହେବୁ ଗଣ୍ଡିଆ,
ଚଲ୍ହଟ୍  ହେଦି, ୟେ ହେ ମଦର୍ ଇଣ୍ଡିଆ ।
ଭାବ୍ ବେଟା ଭାବ୍, ଥରେ ହେଲେ ଭାବ୍
କେତେଦିନ୍ ଆର୍ ଅଏସ୍ କର୍ବୁ,
ଦୋ ଦିନ୍ କା ଚାନ୍ଦିନୀ ଫିର୍ ଅନ୍ଧେରୀ ରାତ୍ ।
ଏଖେନ୍ ମଦ୍ ପିଉଛୁ ବଲି ଜନା ନାଇ ପଡ୍ବାର୍,
ଯେତେବେଲେ ମଦ୍ ତତେ ପିଇଦେବା,
ଡାକ୍ତର୍ ମାନ୍ବା ହାର୍ ।
ବମ୍ବେ, ଭେଲୋର୍, ବୁର୍ଲା କୁଦି କୁଦି ଘର୍ ବୁଡ୍ବା  ।
ଶେଷକେ ତୁଇ ମରିଗଲେ, ଲୋକ୍ ବଲ୍ବେ..
ଛାଡ୍ବେ ଶଲା , ମଦ୍ ପିଇକରି ମଲା ..।।

# ବକ୍ର ଦୃଷ୍ଟି

ସୁନୀଲ୍ ମିଶ୍ର



ପେଟ୍ରୋଲ୍ ବଢ଼ିବ, ଓଷଦ ବଢ଼ିବ
ବଢ଼ିବ ଚାଉଳ ଡ଼ାଲି,
ଦରମାକୁ ଛାଡ଼ି ସବୁ ବଢ଼ିଯିବ
କେମିତି ବଞ୍ଚିବା କାଲି ?
ପ୍ରତିଶୃତି ସବୁ ଧୁଆଁ ପରି ଯାଏ ଚାଲି,
ତଥାପି ଆମର ହେତୁ ପଶିଲାନି
'ହାତ' ଦେଖୁଥାଉ ଖାଲି !!!
'ପଦ୍ମଫୁଲ' ଭଲ ହେଇଛି,
'ବାଜ'ର ଦୃଷ୍ଟିରେ 'ପଦ୍ମ' ଥିଲାବୋଲି
ଆଜିଯାଏଁ ଫୁଟି ରହିଛି;
ପୋଖରୀରେ ଏବେ ବର୍ଷାପାଣି ପଶି ଯାଇଚି,
ବେକେ ପାଣିଯାଏ ପଶିଲିଣି ପ୍ରଭୁ
'ପଦ୍ମ' ଘୁଞ୍ଚି ଘୁଞ୍ଚି ଯାଉଚି;

ଭାରତ ମା'ର ଛାତି,
ଦଳିତ ନାଁରେ ମିଳୁଚି ବଳୁଆ 'ହାତୀ'!
ସେ ହାତୀର ମାୟା ନଜାଣନ୍ତି କେହି,
ନାଁ ତା'ର 'ମାୟାବତୀ'...
'ଦାଆ' ବିନୁ ନାହିଁ କୃଷକର ଆନଗତି,
ସେଇ ଦାଆ ଯଦି ଅଣ୍ଟିରେ ପଶିଲା
ଭାଗ୍ୟକରେ 'ବାମ' ଗତି...

ଓଡ଼ିଶା ଲୋକଙ୍କ ବାଣୀ,

ଓଡ଼ିଶାରେ କାଳେ ସମୁଦ୍ର ପରାଏ ଖଣି,
ସେଇ ସମୁଦ୍ରରୁ 'ଶଙ୍ଖେ' ନେଇଗଲେ
କିଛି ସରିବନି ପୁଣି!!
'ସାଇକେଲ'ର ଯେ ଠାଣି,
ଗୋଟାଏ ପେଡ଼ାଲେ 'ମୁଖାର୍ଜୀ ବଙ୍ଗଳା'
ଆର ପେଡ଼ାଲରେ,
'ଆଦିବାସୀ' କାଞ୍ଜିପାଣି;

ଭାରତର ଯେଉଁ 'ପାୱାର ଫୁଲ୍' 'ଘଣ୍ଟା';
ଭରସା ନଥାଏ କେମିତି ଚାଲଇ କଣ୍ଟା
କେବେ ଆଗକୁ କେବେ ପଛକୁ
କେବେ କେବେ ପୁଣି ଜମାରୁ ନ ଚାଲି
କରିଦିଏ ହଲାପଟା ;
ଆମ 'ଦିଦି' ଦ୍ୟନ୍ତି 'ଫୁଲ ଦୁବଘାସ' ଛିଟା,
ଆରମ୍ଭରୁ ହୁଏ ପୂଜାପାଠ ଜୋର୍
'ପୂର୍ଣ୍ଣାହୁତି'ବେଳେ ଯଜ୍ଞକୁଣ୍ଡ ମୁହଁ ଫଟା;

ବିଜୁଳି ଯୁଗରେ 'ଲଣ୍ଠନ' ଧରି
'ଗଛ ଚାରା' ଠାରୁ 'ଗୋଖାଦ୍ୟ ଗୋଦାମ'
ବାବୁ ଯାଇଛନ୍ତି ଚରି...
ଆଉ ଯା ରହିଲା ନଳକୂପ, ବହି,
ଘର, ତୀର, ସିଂହ ଇତ୍ୟାଦି କରି..
ଆଖ ପାହ ଦେଖି ନିଜେ ଭାବୁଥିବ
'ମିଷ୍ଟେକ୍' ଦେଖିଲେ ଆଗରୁ 'ସରି'...

# ବିଭିନ୍ନ ମନ୍ତବ୍ୟ

ରଶ୍ମୀ ରଞ୍ଜନ କର



ପ୍ରଣବବାବୁଙ୍କ ରାୟସୀନା ହିଲ୍
ହେଇଗଲା ଯେବେ ଗନ୍ତବ୍ୟ
ନ୍ୟୁଜ୍ ଦେଖାଏ କେଜରି କରିଛି
ଆପତ୍ତିଜନକ ମନ୍ତବ୍ୟ
ସାଙ୍ଗମା କହିଲା ନିର୍ବାଚନ ପରେ
ଯିବି ମୁଁ ସୁପ୍ରିମକୋରଟ
ଭର୍ତ୍ତୃହରି ବାବୁ (ବ୍ୟଙ୍ଗ ଛଳରେ) କହିପକେଇଲେ
ପାଇବା ପାଇଁକି ଭୋଅଟ
କଂଗ୍ରେସିଆ ପରା ସ୍ପେଶାଲ୍ ପ୍ୟାକାଜେ
ବାଣ୍ଟିଛନ୍ତି ଖାଲି ନୋଓଟ

# ଜାଣେ ମୁଁ ପଥର ଟିଏ...

ଦେବାଶିଷ ସାମଲ



ହେଲେ ଦିନେ ତ କହିନି....
ଭକ୍ତିର ଅର୍ଘ୍ୟ, ଭାବନାର ଚନ୍ଦନ
ଶ୍ରଦ୍ଧାର ସୁମନ ଦେଇ ସଞ୍ଜବତୀ ଜାଳ...
କେବେ ତ ଚାହିଁନି...
ସମୟର ତୁଳସୀ ଦେଇ, ବିସ୍ଫୋରିତ ଶବ୍ଦରେ
ସ୍ତବକ ପାଠକରି.. ମନମନ୍ଦିରରେ ଦେବୀଟିଏ କରି
ସମ୍ପର୍କର ଦୀପଟିଏ ଜାଳି ଆରାଧନା କର...

ଖାଲି ଚାହିଁଥିଲି .....
ସ୍ନେହରୂପକ ତୁମ ପାଦଧୂଳି ଟିକିଏ ଛିଞ୍ଚିଦେଇ
ପାଷାଣ ଅହଲ୍ୟାକୁ ଅଭିଶପ୍ତ ଜୀବନରୁ ମୁକ୍ତିଦିଅ...
ଭଲପାଇବାର ନୀବିଡ଼ ଆଶ୍ଳେଷରେ ହଜିଯାଇଥିଲି
ଆଶାର ଚାଙ୍ଗୁଡ଼ିରେ ପୂର୍ଣ୍ଣଗର୍ଭା ହୋଇ
ପୁର୍ଣ୍ଣ ସମର୍ପଣରେ  ସଙ୍କ୍ରମିତ କରିଦେଇଥିଲି
ନିଜର ଆତ୍ମମଗ୍ନ ସତ୍ତାକୁ...

ଅଥଚ ସ୍ଥାପନ କରିଦେଲ ମୋତେ...
ଆଶ୍ବାସନାର ମୁଖଶାଳା ଦେଖାଇ..
ଛଳନାର କାହାଣୀ ଶୁଣାଇ
ରକ୍ତଗଙ୍ଗା ବହୁଥିବା ନଈତୁଠରେ...
ଯେଉଁଠି ପ୍ରତିଦିନ ଭୂଲୁଣ୍ଠିତ ହେବାକୁ ହୁଏ
ଅନେକ ପାଦର ଦଳାଚକଟା ସହି...

ତଥାପି ରହିଛି, ରହିଥିବି ଅଶୃକୁ ଆଶ୍ରାକରି...
ମୋର ଦୀର୍ଘଜୀବୀ ପ୍ରେମ ପାଇଁ....

# ଆମ ଗାଁ ହାଲଚାଲ



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ସନ୍ଧ୍ୟା ଦୀପ ଜାଳିଦେଇ ଚଉଁରା ମୂଳେ ମୁଣ୍ଡିଆ ମାରିଦେବା ପରେ ଉଠିବାକୁ ଚେଷ୍ଟା କରୁଥିଲା ସମୟରେ କୁନା ବୋଉର ଅଣ୍ଟାରେ ପବନ ଅଟକି ଗଲା । ଓଃ ବୋଉଲୋ କହି ସେ ସେଇଠି ଲଥ କରି ବସିପଡ଼ିଲା । ଘର ବାରଣ୍ଡାରେ ଚାରିଲୋକ ଧରି ବସିଥିଲା ହରିଆ (କୁନାବାପା), ଧାଇଁ ଆସିଲା। ତିରିଲା ଲୋକଟା ଯଦି ଅଣ୍ଟା ଏବେଠୁ ନଇଁ ପଡ଼ିବ ଖାଇବା ପିଇବା ଦେବା ପାଇଁ ଘରେ ଆଉ କେହି ନାହାନ୍ତି। କାନ୍ଧରେ ଉଠେଇ କୁନାବୋଉକୁ ନେଇ ମସିଣା ପକେଇ ଶୁଆଇ ଦେଲା। ଓଲଣାରେ ଥିଲା ବଥା ମଲମ ଆଣି ଅଣ୍ଟାରେ ଘଷିଦେଉଥିଲା, କୁନି ତା' ଝିଅ ଧାଇଁ ଆସି ବାପ ହାତରୁ ମଲମ ନେଇ ନିଜେ ଲଗେଇଦେଲା। କୁନା ବୋଉ ବଡ଼ କଷ୍ଟ ପାଉଥିଲା। 'ଓଃ ବୋଉ ଓଃ ବୋଉ' ବୋଲି ଡ଼ାକୁଥିଲା। ହରିଆ ବେଗେ ବେଗେ ଧାଇଁଲା କାର୍ଜି ଘରକୁ। କାର୍ଜିଏ ଜାଣିବା ଶୁଣିବା ଲୋକ। ତାଙ୍କୁ ଯାଇ ସବୁ କହିଲା, କାର୍ଜି ଘର ଭିତରୁ କଣ ଗୋଟେ ବଟିକା ଆଣି ଦେଲେ। ଅବଶ୍ୟ ସେ ମାତ୍ରାଟା ପଡ଼ିବା ପରେ କୁନା ବୋଉ ଆଉ ଆହା ଆହା ହେଇନି। ଶାନ୍ତିରେ ଶୋଇପଡ଼ିଲା। କୁନିଟା ମାତ୍ର ଦଶ ବର୍ଷର ପିଲା ହେଲେ କଣ ହେବ। ବୋଉ ଶୋଇପଡ଼ିବାପରେ ହାଣ୍ଡି ବସେଇ ପାଣି ଦେଇ ଚାଉଳ ପକେଇ ଭାତ ରାନ୍ଧିଲା। ଭେଣ୍ଡି ଚାରିଟା ପୋଡ଼ିଲା। ଚୁଲି ମୁଣ୍ଡରେ ଆଳୁ ଆଉ ବାଇଗଣ କଣା କରିଦେଇ ନିଆଁରେ ଦେଲା। ବାଡ଼ିରୁ ଝଅଟ ଯାଇ ଟଭା ଦିଟା ତୋଳି ଆଣିଲା। ଅନ୍ଧାର ହେଉ ହେଉ ବୋଉକୁ ଉଠେଇ ଖୋଇବାକୁ ଦେଲା। ହରିଆ ପଖାଳ କଂସା ସାଥିରେ ପୋଡ଼ା ଆଳୁ, ବାଇଗଣ ଚକଟା ଆଉ ଭେଣ୍ଡି ଟଭା ପାଣିଧରି ପେଟେ ଖାଇଦେଲା।

ସକାଳ ନ ହେଉଣୁ ହରିଆ ଉଠି ଗୁହାଳ ଘରକୁ ମୁହାଁଇଲା। ବଳଦ ଦି'ଟାକୁ କୁନା ବୋଉ କୁଣ୍ଡା ପାଣି ଦେଇଛି ନା ନାହିଁ ଦେଖିବା ପାଇଁ। ସତକୁ ସତ ବଳଦ ଦି'ଟା ଖାଡ଼ା ଉପାସରେ ରହିଛନ୍ତି। କୁନା ବୋଉକୁ ଡ଼ାକ ପକାଇଲା ହେଲେ ସେ ଶୁଣିଲା ନି। ଘର ଭିତରକୁ ଯାଇ ଦେଖେ ତ କୁନା ବୋଉ ଏକା ରଙ୍ଗେ ଥରୁଛି। ଦେହରୁ ଗମ୍ ଗମ୍ ଝାଳ ବହି ଯାଉଛି। ମୁଣ୍ଡଟାକୁ ଛୁଇଁ ଦେଇ ଚମକି ପଡ଼ିଲା। ମୁଣ୍ଡରେ ଖଇ ଫୁଟୁଛି। କଣ କରିବ କିଛି ବୁଦ୍ଧି ଦିଶିଲାନି।

କୁଅରୁ ପାଣି ବାଲତିଏ କାଢ଼ି ଗାମୁଛାଟାଏ ଓଦା କରି ଆଣି କୁନା ବୋଉ ମୁଣ୍ଡ ପୋଛିଲା। ଆଉ ଦେହ ଉପରେ ଘୋଡ଼େଇ ଦେଲା। କିଛି ସମୟ ପରେ ଦେହଟା ସାମାନ୍ୟ ଥଣ୍ଡା ହେଇ ଆସିଲା। ହେଲେ କୁନା ବୋଉ ଉଠିଲାନି। ଚେତା ହରେଇ ପଡ଼ିଥିଲା। ହରିଆ ଧାଇଁଲା କାର୍ଜିଙ୍କ ପାଖକୁ। କାର୍ଜି ସବୁ ଶୁଣି କହିଲେ, ଯା' ତୋ ଭାର୍ଯ୍ୟାକୁ ନେଇ ଡ଼ାକ୍ତରଖାନା ଯା'। ସେଇଠି ଠିକ୍ ଚିକିତ୍ସା ହେବ। ଏଠି ଆଉ ସମ୍ଭବ ନାହିଁ। ତରବରରେ ଶଗଡ଼ ଖୋଲିବଳଦ ଦି'ଟାକୁ ବାନ୍ଧିଲା। ଶଗଡ଼ ଡ଼ାଲାରେ କୁନାବୋଉକୁ ଶୁଆଇ ଦେଲା। କୁନା କୁନି ଦି'ଜଣ ମା ପାଖରେ ବସିଛନ୍ତି ସେ ଶଗଡ଼ ଛୁଟେଇ ଦେଲା। ପାଞ୍ଚ କୋଶ ଗଲା ଉତାରୁ ଡ଼ାକ୍ତରଙ୍କ ଦେଖା ମିଳିବ। ନୋଇଲେ କମ୍ପାଣ୍ଡର ଆଜ୍ଞା ଥିଲେ ବି ଇଞ୍ଜେକ୍ସନ୍ ଦେଇଦେବେ।

ଗାଁରୁ ବାହାରି ରୋଡ଼ ଉପରେ ଶଗଡ଼ ଦଉଡାଇ ଯାଉଥିଲା ହରିଆ। ଶଗଡ଼ ଡାଲାରେ କୁନାବୋଉ ନିସ୍ତେଜ ହେଇ ପଡ଼ିଥିଲା। ଅଳ୍ପ ସମୟପରେ ଗାଁ'ର ପାଠୁଆ ବାଲୁ ରାସ୍ତାରେ ଦେଖା ହେଲା। କହିଲା

-ଏହେ ଏହେ ଏତେ କାମ କାଇଁକି କଲୁ, ମୋତେ ବୋଲିଥିଲେ ମୁଁ ବଇଦ ନେଇ ଆସିଥାନ୍ତି ନା।

-ବଇଦ ? ଆମ ଏ ଖଣ୍ଡ ମଣ୍ଡଳରେ ବଇଦ କୋଉଠୁ ଆସିବ ? ହରିଆ ପଚାରିଲା।

-ଆରେ, ଆମ ସାନହରିପୁର ଛକରେ ପରା ନୂଆ କ୍ଲିନିକ୍ ଖୋଲିଛି। ନୂଆ ଡ଼ାକ୍ତର। ବଢ଼ିଆ ରୋଗୀ ଦେଖୁଛନ୍ତି। ତୁ ବୋଇଲେ ଏବେ ଚାଲ ସେଇଠିକୁ ଦେଖିବୁ ଖୁଡ଼ିକୁ ସାଙ୍ଗେ ସାଙ୍ଗେ ସାଷ୍ଟାଙ୍ଗ କରିଦେବେ।

ହରିଆ ଶଗଡ଼ ବଢ଼ାଇଲା ସାନହରିପୁର ଛକକୁ। ସତକୁ ସତ ସେଠାରେ ନୂଆ କ୍ଲିନିକ୍ ଖୋଲିଛି। ଧୋବଧଉଳିଆ ପୋଷାକ ପିନ୍ଧି ସୁଦର୍ଶନ ଯୁବକ ଜଣେ ବସି ରୋଗୀମାନଙ୍କୁ ଦେଖୁଛନ୍ତି। ହରିଆ ଶଗଡ଼ ଅଟକାଇବା ବେଳକୁ ବାଲୁ ଯାଇ କ୍ଲିନିକ୍ ଭିତରେ ହାଜର। ସେ ହସି ହସି ଡ଼ାକ୍ତର ସାଙ୍ଗରେ କଥାବାର୍ତ୍ତା ହେଉଥିବା ଦେଖି ହରିଆର ସାହାସ ହେଲା। ତିନିପ୍ରାଣୀ ମିଶି ଧରାଧରି ହେଇ କୁନା ବୋଉକୁ ନେଇ କ୍ଲିନିକ୍ ଟେବୁଲ୍ ଉପରେ ଶୁଆଇ ଦେଲେ। ଡ଼ାକ୍ତର ଯନ୍ତ୍ର ପକେଇ ଦେଖିଲେ, କଣ ସବୁ ଇଂରାଜୀରେ କହିଲେ। ତା'ପରେ କହିଲେ ଇଞ୍ଜେକ୍ସନ୍

ଦେବେ। ହରିଆ ନିର୍ବାକ ବସିଥିଲା। ସକାଳ ପହରୁ ଆସି ଦୋପହର ହେଲାଣି। କୁନାକୁନିକୁ ନେଇ ବାଲୁ ହୋଟେଲରେ କଣ ଖୁଆଇ ଦେଇ ଆସିଲା। କୁନାବୋଉ ବି ଉଠି ବସିଲାଣି। ଏବେ ଆଉ ଅଣ୍ଟାପିଠି ବଥାନାହିଁ। ଜ୍ବର ବି କମ ହେଇଯାଇଛି। ପାଟି ପିତା ଲାଗୁଛି କହିଲାରୁ ହରିଆ ଲେମ୍ବୁ ଫାଳେ ଆଣି ଦେଇଥିଲା ଚାଟିବା ପାଇଁ। ଦିପହର ବେଳକୁ ଡ଼ାକ୍ତର ବାବୁ କହିଲେ, 'ଏବେ ତୁମେ ଘରକୁ ଯାଅ। ମୁଁ ଔଷଧ ଦେଇ ଦେଉଛି, ଖାଇବାକୁ ଦେବ ଦେଖିବ ଦି ଓଳିରେ ଠିକ୍ ହେଇଯିବ।'

ଦୁଇ ଦିନ ବେଳକୁ ସତକୁ ସତ କୁନାବୋଉ ପୁରା ଠିକ୍ ହେଇଯାଇଥିଲା। ବାଲୁ ଆସିଥିଲା ଅବସ୍ଥା ଦେଖିବା ପାଇଁ। କହିଲା, 'ଆମ ବଙ୍ଗାଳୀ ଡ଼ାକ୍ତର ଆଜ୍ଞା କେମିତି ଚିକିତ୍ସା କରୁଛନ୍ତି କକା ଦେଖିଲୁ ତ ?' ହରିଆ ଖୁସି। ସେ ଯା'ହେଉ ଆଗକୁ ଗାଁରେ ଯାହାର ବି ଅସୁବିଧା ହେଲା ସବୁ ସେଇ ବଙ୍ଗାଳୀ ଡ଼ାକ୍ତର ପାଖକୁ ଧାଇଁଲେ। ମାସ କେଇଟାରେ ସାନହରିପୁର ଛକଟା ଗୋଟେ ବଡ଼ ବସଷ୍ଟାଣ୍ଡ ହେଇଗଲା। ସକାଳୁ ସଞ୍ଜଯାଏଁ ମଣିଷ ଉପରେ ମଣିଷ ପଡୁଛନ୍ତି କହିଲେ ଚଳିବ। ଝାଡ଼ା, ବାନ୍ତି, ମୁଣ୍ଡବଥା, ଜ୍ବର, ଯାହା ବି ହେଇଥାଉ ଡ଼ାକ୍ତର ଆଜ୍ଞାଙ୍କ ଇଞ୍ଜେକ୍ସନ୍ ପାଇଲେ ଏକାଥରେ ଠିକ୍।

ସେଦିନ ଗାଁ ମଣ୍ଡପ ଉପରେ ସବୁ ବସି କଥା ହେଉ ହେଉ ହରିଆ କହିଲା, 'ସାନହରିପୁର ଭଳିଆ ସାନ ଗାଁ ଛକରେ ଏତେ ବଡ଼ ଡ଼ାକ୍ତର ଆସି ରୋଗୀ ଦେଖୁଛନ୍ତି, ଆମ ଗାଁ କଣ ତା'ଠୁ ସାନ କି ? ଆମ ଗାଁରେ ବି ଜଣେ ଡ଼ାକ୍ତର ରହିବା ଦରକାର।' ସମସ୍ତେ ହଁ ଭରିଲେ। କଥାଟା ସତ। ବାଲୁ କହିଲା, 'କକା ଯଦି କହିବ, ଡ଼ାକ୍ତର ଆଜ୍ଞାଙ୍କୁ କହିବା ଆମ ଗାଁକୁ ବେଳେ ବେଳେ ଆସି ରୋଗୀ ଦେଖିବେ।' ସମସ୍ତଙ୍କ ମନକୁ କଥାଟା ପାଇଲା। ବଇଁଶୀ କହିଲା, 'ମୋ ପରିବା ଦୋକାନ ପାଖାରେ ଯୋଉ ଘରଟା ଅଛି ସେଇଠି ବସିବା ବ୍ୟବସ୍ଥା କରିଦେବା। ଦିନେ ଓଳିଏ ଆସିଲେ ସୁଧାରୁ କେତେ ଲୋକବାକ ସୁବିଧା ପାଇବେ ନା। ଆମ ଗାଁକୁ ଲାଗିକି ଯୋଉ ଚାରି ପାଞ୍ଚ ଖଣ୍ଡ ଗାଁ ଅଛି ସେମାନେ ବି ଆସିବେ।' ଏମିତି ଚର୍ଚ୍ଚା ଚାଲୁଥିବା ସମୟରେ ବନ୍ଧରୁ ଗାଁ କାର୍ଜି କରଣ ଆସୁଥିଲେ, କାର୍ଜିଏ ଅଟକି ଯାଇ କହିଲେ, 'କି'ରେ କି ଯୋଜନା କରୁଚ ସବୁ ?' ହରିଆ କହିଲା, 'ଆଜ୍ଞା ଆମ ଗାଁ'କୁ ବଙ୍ଗାଳୀ ଡ଼ାକ୍ତରଙ୍କୁ ଡ଼ାକିବୁ ବୋଲି ଭାବୁଛୁ।' କାର୍ଜିଏ ହସି ଦେଇ କହିଲେ, 'ଆରେ, ସେ କ'ଣ ଡ଼ାକ୍ତର ? ଠକଟା। ଡ଼ାକ୍ତରୀ ପଢ଼ିଥିଲେ

ଚାକିରୀ ନ କରି ଆସି ଆମ ଗାଁରେ ବସନ୍ତା। ବେକାର ପିଲାଟା, କୋଉଠୁ କଣ ଟିକେ ଶିଖିଦେଇ ବୋର୍ଡ୍ ମାରିଦେଇଛି ନା।' କାର୍ଜିଏ ଚାଲିଗଲେ। ସମସ୍ତଙ୍କ ମନ ଫିକା ହେଇଗଲା। ବାଲୁ କହିଲା, 'ତୁ ଛାଡ଼ କକା, ଚିନ୍ତା କରେନା। ଶଃ.., କାର୍ଜି ହେଇଗଲା ବୋଲି ଯାହା ଇଚ୍ଛା ତାହା କହିଲେ ଚଳିବ। ଏତେ ଲୋକ ଯୋଉଠି ଭଲ ହେଉଛନ୍ତି ସେ କଣ ଖାଲିଟାରେ ହେଇ ଯାଉଛି ? ଆରେ ଆଜି ଯାଏଁ ଗାଁରେ ଯାହାର ବି ଦେହ ଖରାପ ହେଲେ, କାର୍ଜି ଓଷବିଷ ଦେଉଥିଲେ ନା ନାଇଁ, ସେ କଣ ଡ଼ାକ୍ତର ? ହା, କହିଲା ନା କଣ, ଠକ ଟା। ମୁଁ ନିଷ୍ପତ୍ତି ନେଇଛି ଗାଁକୁ ବଙ୍ଗାଳୀ ଡ଼ାକ୍ତର ଆସିବ ବୋଇଲେ ଆସିବ।'

ବଇଁଶୀ ପରିବା ଦୋକାନ ପାଖାରେ ଥିବା ଘରେ ଟେବୁଲ୍ ଚେୟାର୍ ପକାଇ ସବୁ ବ୍ୟବସ୍ଥା ହେଲା। ବଙ୍ଗାଳୀ ଡ଼ାକ୍ତର ସକାଳୁ ଆସି ଦୁଇ ତିନି ଘଣ୍ଟା ରହିଲେ। ଯାହାକୁ ଯାହା ଦରକାର ଇଞ୍ଜେକ୍ସନ୍, ବଟିକା ସବୁ ଦେଲେ। ରୀତିମତ ଗାଁରେ ଗୋଟେ ଚିକିତ୍ସାଳୟ ହୋଇଗଲା। ବାଲୁ ଗୋଟେ ଔଷଧ ଦୋକାନ ଦେବ ବୋଲି କହୁଥିଲା। ସବୁ ଠିକ୍ ଚାଲୁଥିବା ସମୟରେ ଦିନେ ହଠାତ୍ ବିଭ୍ରାଟ ହେଇଗଲା। ବଙ୍ଗାଳୀ ଡ଼ାକ୍ତର ପାଖକୁ ଯାଇଥିଲା କାଳିଆ ଓଡ଼ିଆ ଭାର୍ଯ୍ୟା ଲକ୍ଷ୍ମୀ, ପେଟ କାଟୁଛି ବୋଲି, ସେ କଣ ଗୋଟେ ଇଞ୍ଜେକସନ୍ ଦେବାପରେ ସବୁ ଠିକ୍ ହେଇଯାଇଥିଲା, ହେଲେ ଡ଼ାକ୍ତର ଯିବାପରେ ପରେ ପୁଣି ପେଟ କାଟିଲା ଯେ ଲକ୍ଷ୍ମୀ ଚେତା ହରେଇ ପଡ଼ିଗଲା। ବାଲୁ ତା'କୁ ନେଇ ସାନହରିପୁର ଛକକୁ ଗଲା। ଗାଁରୁ ଦିକୋଡ଼ି ଲୋକ ସାଥିରେ ଯାଇଥିଲେ। ଡ଼ାକ୍ତର ଲକ୍ଷ୍ମୀକୁ ପରୀକ୍ଷା କରି କହିଲେ, ୟା'ର ଅବସ୍ଥା ସିରିୟସ୍, ୟା'କୁ ବଡ଼ ମେଡ଼ିକାଲ୍ ନେବାକୁ ପଡ଼ିବ। ସେଇଠୁ ବସରେ ବସି ଲକ୍ଷ୍ମୀକୁ ନେଇ ବରହ୍ମପୁର୍ ଯାଇଥିଲା ବାଲୁ। ଦି ଓଳି ରହିବା ପରେ ଲକ୍ଷ୍ମୀର ଚେତା ଆସିଲା। ବଡ଼ ମେଡ଼ିକାଲ ଡ଼ାକ୍ତର ଗାଁ ଡ଼ାକ୍ତରଙ୍କ ଚିଠା ଦେଖି ଉପସ୍ଥିତ ସବୁ ଲୋକଙ୍କୁ ବହେ ଗାଳି ଦେଲେ। କହିଲେ, 'ଇୟେ କୋଉ ଡ଼ାକ୍ତର ? କୋଉ ମେଡ଼ିକାଲ୍ କଲେଜରେ ପଢ଼ିଛି ? ରୋଗର ନାଁ ନାଇଁ କି ଡ଼ାକ୍ତରଙ୍କ ନାଁ ନାଇଁ ? ଗ୍ୟାଷ୍ଟିକ୍ ବେମାରୀରେ ସେ ପେନ୍ କିଲର୍ ଦେଇଛି ?' ସବୁ ଲୋକ ଆଁ କରି ରହିଲେ। ବଡ଼ ଡାକ୍ତର ବାବୁ ବିରକ୍ତ ହୋଇ ଚାଲିଗଲେ। ଲୋକ କିଛି ବୁଝିଲେ ନାହିଁ। ବାଲୁ କୁ ପଚାରିବା ପରେ ସେ କହିଲା, ଯେ ବଙ୍ଗାଳୀ ଡ଼ାକ୍ତର କମ୍ ଔଷଧ ଦେଇଛି ବୋଲି ଡ଼ାକ୍ତର ଆଜ୍ଞା ବିଗୁଡ଼ୁଥିଲେ।

ସଞ୍ଜ ବେଳକୁ ମେଡ଼ିକାଲରେ ପାଠ ପଢୁଥିବା ପିଲାମାନେ ବଗପରି ଧଳା ଧଳା କୋଟ୍ ପିନ୍ଧି ଆସିବାପରେ କାଳିଆ ଓଡ଼ିଆ ଜଣେ ପିଲାକୁ ସାହାସ କରି ସକାଳେ ଡ଼ାକ୍ତର ଆଜ୍ଞା ରାଗିବା କାରଣ ପଚାରିଲା। ସେ ପିଲା ପଚାରିଲା, 'ଯୋଉ ଡ଼ାକ୍ତର ତୁମ ସ୍ତ୍ରୀଙ୍କୁ ଔଷଧ ଦେଇଥିଲେ, ସେ କ'ଣ ସତରେ ଡ଼ାକ୍ତର ?'

କାଳିଆ କହିଲା, 'କେଜାଣି ଆଜ୍ଞା। ଆମ ଗାଁ ଛକରେ ଦୋକାନଟେ ଦେଇଛନ୍ତି। ସବୁଦିନ ଆସି ରୋଗୀ ଦେଖୁଛନ୍ତି ବୋଲି ଆମେ ବି ଯାଇଥିଲୁ। ବଙ୍ଗାଳୀ ଡ଼ାକ୍ତର ବୋଲି ସବୁ କହୁଛନ୍ତି।'

ଡ଼ାକ୍ତର ପିଲା ହସିଲା କହିଲା, 'ତୁମେ ଭାଗ୍ୟ କରିଛ, ତୁମ ସ୍ତ୍ରୀକୁ ସାଙ୍ଗେ ସାଙ୍ଗେ ଧରି ପଳେଇ ଆସିଲ, ନହେଲେ ସେ ମରି ଯାଇଥାନ୍ତେ। ବୁଝିଲ। ସେ ଲୋକକୁ କିଛି ଜଣା ନାହିଁ। ଓଲଟା ଔଷଧ ଦେଇଥିଲା ବୋଲି ତୁମ ସ୍ତ୍ରୀର ଏ ଅବସ୍ଥା ହେଲା। ଆଉ ଅଧିକ ସମୟ ତୁମେ ଯଦି ତା'ପାଖରେ ଚିକିତ୍ସା କରିଥାନ୍ତ, କହିଲେ ସେ ନିଶ୍ଚୟ ତୁମ ସ୍ତ୍ରୀର ପେଟ କଣା କରି ଦେଇଥାନ୍ତା।'

କାଳିଆ ଓଡ଼ିଆ ମନକୁ କଥାଟା ବାଧିଲା। ବାଳୁକୁ ଚାହିଁଲା। ବାଳୁ ନିର୍ବାକ।

ସପ୍ତାହ ଖଣ୍ଡେ ବଡ଼ ମେଡ଼ିକାଲରେ ରହିବା ପରେ କାଳିଆ ଗାଁକୁ ଫେରିଲା। ଶୁଣିଲା ବଙ୍ଗାଳୀ ଡ଼ାକ୍ତର ଆଉ ଗାଁକୁ ଆସୁନାହାନ୍ତି। ସାନହରିପୁର ଛକରେ ସେ ଯୋଉ କ୍ଲିନିକ୍ କରିଥିଲେ, ସେଠି କାଳେ ତାଲା ଝୁଲୁଚି। ବାଳୁକୁ ସବୁ ଖୋଜୁଥିଲେ, କିଏ ଜଣେ କହୁଥିଲା ସେ କାଳେ ସୁରାଟ୍ ପଳେଇଚି। ସଞ୍ଜ ବେଳକୁ ମଣ୍ଡପ ଉପରେ ବସି କାଳିଆ ବଡ଼ ମେଡ଼ିକାଲ କଥା ସମସ୍ତଙ୍କୁ ଶୁଣଉଥିଲା। କାର୍ଜିଏ ସେଇ ବାଟ ଦେଇ ଆସୁଥିଲେ, ହସି ଦେଇ କହିଲେ, 'ଆମେ ସବୁ ବୁଢ଼ା ହେଲୁଣୁ ନା, ଆମ କଥା କିଏ ଶୁଣୁଛି ?' ହରିଆ କାନ ଧରି କହୁଥିଲା, 'ଏ ଥର ଭୁଲ ହେଇଗଲା ମାଷ୍ଟ୍ରେ। ଆଉ ଏ ଭୁଲ ହେବନି।' କରଣ ଆଜ୍ଞା କହୁଥିଲେ, 'ସରପଞ୍ଚ ଆଜ୍ଞାଙ୍କୁ କୁହ, ସେ ଚାହିଁଲେ ଗାଁରେ ସ୍ବାସ୍ଥ୍ୟକେନ୍ଦ୍ରଟେ ଖୋଲିଦେବେ।'



# ଦୁଇଟି ସନ୍ତକ

ଶାନ୍ତିଲତା ଦାଶ

ଧନ ମୋର ତୋ ଆଖିରେ ଲୁହ ଦେଖି ଥରି ଉଠେ ଛାତି ମୋର...
ମନେ ପଡ଼େ ଅତୀତ ଟା, ଯେତେ ସବୁ ଦୁଃଖଦ ସ୍ମୃତିର
ତୋ ମୁହଁରେ ଟିକେ ହସ
ସତେ କେତେ ପବିତ୍ର, ନିର୍ମଳ...
ସୁନେଲି ରଙ୍ଗରେ ଭରା ଗୀତିମୟ, ପ୍ରୀତିମୟ
ଅତି ଚମତ୍କାର ।
ତୁ ଦିନେ ବଡ଼ ହେବୁ, ହାତେ ଧରି ଜ୍ଞାନର ପସରା,
ତୋ ସ୍ପର୍ଶରେ ଝରୁଥିବ ସ୍ନେହ, ପ୍ରେମ, କରୁଣାର ଧାରା,
ଦେଶପ୍ରେମେ ବ୍ରତୀ ହେବୁ,
ହସି ହସ ଖେଳାଇବୁ,
କୋଟି ଜନତାର ମୁଖେ
ହସର ଫୁଆରା...
ତୋ ହୃଦୟେ ବହୁଥିବ ସ୍ନେହ, ଶ୍ରଦ୍ଧା, ପ୍ରୀତିର ମଳୟ
ଲକ୍ଷ୍ମୀନାରାୟଣ ତୋତେ ହୁଅନ୍ତୁ ସହାୟ□
ମଧୁର ମୂର୍ଚ୍ଛନା ତୋଳି, ଜ୍ଞାନର ଦିପାଳୀ ଜାଳି,
ଅଲୋକରେ ଭରିଦେବୁ ଏଇ ସାରା ସଂସାର□
ତୁ ଆଉ କେହି ନୁହେଁ....
ତୁ ତ ମୋ ମାତୃତ୍ବର ପ୍ରଥମ ସ୍ବାକ୍ଷର...!

ମା ମୋର !!!
ମନେ ପଡ଼େ ସେହିଦିନ କୁଆଁ କୁଆଁ କାନ୍ଦରେ ତୋ ଉଛୁଳିଥିଲା ଏ ଘର, ମନ ଉପବନ
କୋଇଲିର ଡାକଠାରୁ ଶୁଭୁଥିଲା ଶୀତଳ ମଧୁର
ତୋଳିଦେଲା ସତେ ଅବା କିଏ ବୀଣାରେ ମଧୁର ଝଙ୍କାର...!

ଯନ୍ତ୍ରଣାରେ, ବେଦନାରେ ଜର୍ଜରିତ ମୋର ମନପକ୍ଷୀ
ଭୁଲିଗଲା ତୋର ସେହି କମନୀୟ ରୂପକାନ୍ତି ଦେଖି...
ନିଃସଙ୍ଗ ହୃଦୟ ମୋର କାହାର ଏ ମଧୁ ଗୁଞ୍ଜରଣ?
ତୁ ଦିନେ ବଡ଼ ହେବୁ, ଫୁଲ ପରି ମହକିବୁ
ସୁବାସ ତୋ ବିତରିବୁ, ଖେଳାଇବୁ ଏଇ ଧରାରେ
ସାମ୍ୟ, ଶାନ୍ତି, ମୈତ୍ରୀ ଆଉ ପ୍ରୀତିର ଫଗୁଣ।
ତୋ ଆଖିରେ ଦେଖିଲି ମୁଁ ଆଖିଏ ସପନ
ଜ୍ୟୋସ୍ନାରେ ନାଚିଯିବୁ, ସ୍ବପ୍ନରେ ମଜିଯିବୁ,
ଉଡ଼ି ଉଡ଼ି ଛୁଇଁବୁ ତୁ ଗଗନ ପବନ□
ତୋ ପାଇଁ ଜୀବନଟା ହେଉ ସଦା
ମଧୁମୟ ଗୀତ...
ଝୁମିଯିବୁ, ଗାଇ ଯିବୁ....
ବିତରିବୁ ସଭିଁଙ୍କୁ ତୁ ପ୍ରେମର ଅମୃତ...

ମା ମୋର!!!
ତୁ ଆଉ କେହି ନୁହଁ,
ତୁ ମୋର ମାତୃତ୍ବର ଅନ୍ତିମ ସଙ୍କେତ...

# ରାକ୍ଷୀ ତୁ ରହିଲୁ ସାକ୍ଷୀ

ଦୟାନିଧି ଦାଶ



ଭାଇ ହାତରେ ମୁଁ       ବାନ୍ଧୁଛିରେ ତୋତେ
ସରାଗେ ଶରଧା       ସେନେହ ସହିତେ
ରାକ୍ଷୀ ତୁ ରହିଲୁ ସାକ୍ଷୀ,
ବିଶ୍ବଭାତୃପ୍ରେମ       ବିକଶିତ ହେଉ
ନାରୀ ନୋହୁ ନିରିମାଖୀ
ରାକ୍ଷୀ ତୁ ରହିଲୁ ସାକ୍ଷୀ...!!

ଯଜମାନ ହିତେ       ପୁରୋହିତ ନନା
ରାକ୍ଷୀ ପଇତାରେ       ମଙ୍ଗଳ କାମନା
ପୁନେଇଁ ସକାଳ ଦେଖି
ସବୁରି କଲ୍ୟାଣେ       ଶ୍ରାବଣୀ ଉତ୍ସବ
ପବିତ୍ର ଅନ୍ତରେ ଲାଖି
ରାକ୍ଷୀ ତୁ ରହିଲୁ ସାକ୍ଷୀ...!!

# ମୁଁ ଖୋଜୁଛି ମୋତେ ଆଜି

 କମଳ କୁମାର ଦାଶ



ମୁଁ ଖୋଜୁଛି ମୋତେ ଆଜି
ଆକାଶର ନିଳିମାରେ
ଘାସର ସବୁଜିମାରେ
ପୃଥିବୀର ପ୍ରତିଟି କଣରେ
ତୋ ହାତର କାଚ ଆଉ ଶଂଖା ସିନ୍ଦୁରରେ... ୧
ମୁଁ ଟିଏ' କେଉଁଠି ରହିଛି
ବୁଝିବାକୁ ଅନେକ ଲାଗିଛି
କେବେ ଲାଗେ ଏଇଠି ପାଖରେ
ଆଉ କେବେ ଅନେକ ଦୂରରେ
ପାହାଡ଼ର ଅକୁହା ଗୁହାରେ
ଅବା ସାଗରର ଅଥଳ ଜଳରେ
ମୁଁ ଖୋଜୁଛି ମୋତେ ଆଜି
ତୋ ହାତର କାଚ ଆଉ ଶଂଖା ସିନ୍ଦୁରରେ... ୨
ମୁଁ ଖୋଜୁଛି ମୋତେ ଆଜି
ତୋ ଆଖିର କଜ୍ଜଳର ଗାରେ
ତୋ ପାଦର ଅଳତାର ଧାରେ
ତୋର ସେଇ ସିନ୍ଦୁର ବିନ୍ଦୁରେ
ମୁଁ ଖୋଜୁଛି ମୋତେ ଆଜି
ତୋ ହାତର କାଚ ଆଉ ଶଂଖା ସିନ୍ଦୁରରେ... ୩

# ରାଜନୀତି ଉବାଚ

ଆଦିତ୍ୟ ସାହୁ



ଘର ଆଡ଼େ ଆସିଥିଲା ଦିନେ ଲକ୍ଷ୍ମୀ ମାଉସୀ
କହିଲି ମୁଁ ଆଲୋ ମାଉସୀ
ତୁ ଏଘରେ ମାଉସୀ ତ ସେ'ଘରେ ପିଉସୀ
କଥା ପେଡ଼ି ତୋ'ର ନେଇଥା ବସି
ଆଖିରେ ଆଖିଏ ଲୁହକୁ ଲୁଚେଇ
ଓଠରେ ଦେଉଛୁ ହସି...

ଲକ୍ଷ୍ମୀ ମାଉସୀ ଉବାଚ
କହିଲା ମାଉସୀ ଜାଣିଚୁ କିରେ
ରାଜନୀତି ଏବେ ଦୁର୍ନୀତି ହେଲାଣି
କହୁଚି ଶୁଣ ତୁ ବସି

ରଙ୍କ ପଧାନର ଗୋଡ଼ ତଳେ ଲାଗୁନି
ଯୋଉଦିନୁ ସେ ସରପଞ୍ଚ ହେଲାଣି
ଆଉ ଇନ୍ଦ୍ରଚନ୍ଦ୍ର ମାନୁନି
ବଡ଼ସାନ କଥା କିଛି ଶୁଣୁନି
ବାଛ ବିଚାର କିଛି ରଖୁନି
ଧରାକୁ ପରା ସରା ମାନିଲାଣି
ତା ମାଇପ ସାହି ସାହି ବୁଲି
ସଭିଁଙ୍କୁ ଭାଇ ଭାଇ କହିଲାଣି
ସମସ୍ତେ କହୁଚନ୍ତି ଧରମା ବହିକି
ଧରି ସେ କୁଆଡ଼େ ୱାର୍ଡ୍ ମେମ୍ବର ହେଲାଣି
ଧରମା ଭାଇ ଟା ଏଡେ ବେହିଆ ଟା
ଭଉଣୀକି ଧରି ରାଧାକୃଷ୍ଣ ଲୀଳା କଲାଣି
ତା ବାପ ଘର ଦୁଆରେ ବସି
ବଡ଼ ବଡ଼ ଭାଷଣ ଦେଲାଣି
ତା ପୁଅ କୁଆଡ଼େ ଦଶଟା ଇନ୍ଦିରା ଆବାସ ଦେଲାଣି

ସରପଞ୍ଚ ହେବାଠୁ ତା'ପୁଅ କୁଆଡ଼େ
ଦୁଇ ଟଙ୍କା ଚାଉଳ କଲାଣି
ବାପା ତାର ପୁରୁଣା ଧୋତିରେ ଉଜ୍ଜ୍ବଳ
ମଡ଼େଇ ଷ୍ଟେଜ୍‌ରେ ଚଢ଼ି ଭାଷଣ ଦେଲାଣି
ଗାଁ ପୋଖରୀରୁ ମାଟି କାଢିବାକୁ ନଖେ (ଲକ୍ଷେ)
ଟଙ୍କା କୁଆଡ଼େ ସେ ଦେଲାଣି
ଆଉ କହୁଥିଲା ମାଧିଆ ମା ପାଇଁ
ମାସକୁ ୨୦୦ ଟଙ୍କା ବି କରେଇ ଦେଲାଣି
ଆମ ଗାଁ ବଡ଼ ମାଷ୍ଟ୍ରେ କେଡ଼େ ବଡ଼ ଲୋକ
ତା ପାଇଁ ବାର୍ଦ୍ଧକ୍ୟ ଭତ୍ତା କରେଇ ଦେଲାଣି
ନା ଲୋ ମା ତା ବଡ଼ ଝୁଅ ପିଙ୍କି
ଏଡ଼େ ବଡ଼ ଓଲେଇ ଟେ ହେଲାଣି
ସ୍କୁଟିରେ ବସି ସହର ବଜାର ଗାଁରେ
ଟୋକାଙ୍କୁ ବସେଇ ବୁଲିଲାଣି
ଆଉ ଛାଡ଼ ସାନ ଝିଅ ରିଙ୍କି କଥା
କୁଆଡ଼େ ଶୁଣିଲି ରମା ପୁଅ ସାଥେ
ବିଭା ହେବ ବୋଲି ଯୋଗାଡ଼ କଲାଣି

କାଲି ଆସିଥିଲା ନାଇ ତୁଠକୁ
ରଙ୍କର ମା କହୁଥିଲା ପୁଅ ତା'ର କହୁଥିଲା
ମଦ ଦୋକାନ ଖୋଲିବ ବୋଲି
ସର୍କାର ନେଖିକି ଦେଲାଣି
ଘୋର କଳିକାଳ ହେଲା ଲୋ ମା
ରାଜନୀତିଆ ସବୁ ଉତୁପାତିଆ ହେଲେଣି
ମଙ୍ଗୁଲୁ ମା କାଲି ଦୁଆରେ ବସି ଗାଳି କରୁଥିଲା
ହାଇରେ ରଙ୍କ ପଧାନ ତୁ ମରିଲେ ଯିବୁ ମଶାଣି

# ପେଙ୍ଗୁ ନଳୀ



ବିନୟ ମୋହନ ଦାସ

ମନେ ପଡ଼ିଗଲା ଅତୀତର ସ୍ମୃତି
କଲେଜ ଜୀବନ କାଳ
ସେ ସମୟ ସବୁ ହଜି ଯାଇଅଛି
ଖୋଜିବାକୁ ନାହିଁ ବେଳ।

ନାମ ଲେଖା ହେଲା ଛୋଟ କଲେଜରେ
କଷ୍ଟରେ ସମୟ ଗଲା
ପଢ଼ାହେଉ ଅବା ଆଦୌ ନ ହେଉ
ପରିଶ୍ରମ ବେଶୀ ହେଲା ।

ନିଜ ପରିଶ୍ରମ ବ୍ୟର୍ଥ କରିଦେଲେ
କଲେଜର କିସ ଯିବ
ପରୀକ୍ଷା ବେଳକୁ ପ୍ରଶ୍ନ ମିଳିଗଲେ
ବୁଦ୍ଧି ସବୁ ହଜିଯିବ।

କୈଶୋର ସମାପ୍ତ ଯୌବନ ପ୍ରାରମ୍ଭେ
କଲେଜକୁ ଆତଯାତ
ପଢ଼ା ସହିତକୁ ଆମୋଦ ପ୍ରମୋଦ
ମଜା ଦେଇଥାଏ ସତ।

ଏକ ପରିପ୍ରେକ୍ଷୀ ଏମିତି ହୋଇଲା
ଦେଖିଲୁ ନୁଆ ଝିଅଟେ
ଅତି ସନ୍ତର୍ପଣେ କଲେଜକୁ ଆସେ
କେହି ନଥାନ୍ତି ତା ସାଥେ ।

ସୁନ୍ଦରରେ ବୋଧେ ରତିଙ୍କୁ ଜିଣିବ
ଅତି ବଙ୍କା ବଙ୍କା ଚାଲି
ପଚାରିବାକୁ କିନ୍ତୁ ସାହାସ ହୁଏନି
ମିଳିବ ନିହାତି ଗାଳି।

ଆଲୋଚନା ଚକ୍ର ଘୁରିବୁଲୁଥିଲା
ବୋଧେ ଭଞ୍ଜଙ୍କ କାବ୍ୟ ନାୟିକା
ବ୍ରହ୍ମାଣ୍ଡ ସୁନ୍ଦରୀ କଲେଜ ପ୍ରାଙ୍ଗଣେ
କିନ୍ତୁ ଭଞ୍ଜଙ୍କର ନାହିଁ ଦେଖା।

ପିଲାଙ୍କ ମଧରେ ଚିନ୍ତାର ଭାଳେଣି
କରନ୍ତି ରୂପ ପ୍ରଶଂସା
କିଏ କହିଦେଲା ପେଙ୍ଗୁନଳୀ ଡାକ
ଗାଳିର ହେବ ବରଷା।

କୌତୁହଳ ଯେ ଗ୍ରାସିଲା ସଭିଙ୍କୁ
ରୂପସୀ ଚିଡ଼ନ୍ତି କିମ୍ବା
ପେଙ୍ଗୁନଳୀ ପଛେ ରହସ୍ୟ ଗୋପନ

ପଚାରିଲେ ହେବେ ଖପ୍ପା।

ଏମିତି ସେମିତି ସମୟ କଟିଲା
ଚାରି ଛଅମାସ ଗଲା
ଦିନେ ସବୁ ପିଲା ରୁଣ୍ଡ ହୋଇଥାନ୍ତି
ସେଇବାଟେ ସିଏ ଗଲା।

ପିଲାଙ୍କ ମଧ୍ୟରୁ କିଏ ଡାକିଦେଲା
ପେଙ୍ଗୁନଳୀ ପେଙ୍ଗୁନଳୀ
ଶାନ୍ତ ବାତାବରଣକୁ ଅଶାନ୍ତ କରିଲା
ଦେଉଥିଲା ସିଏ ଗାଳି।

ପ୍ରିନ୍ସିପାଲ୍ ଆସି ଘଟଣା ସ୍ଥଳରେ
ପିଲାଙ୍କୁ ବର୍ଷିଲେ ଗାଳି
ସାନ୍ତ୍ବନା ଦିଅନ୍ତି ଚିଡୁଛ କାହିଁକି
କହୁଥାନ୍ତି ପେଙ୍ଗୁନଳୀ।

ଦିନେ ଯାଇଥିଲି ଉଚ୍ଚ ବିଦ୍ୟାଳୟ
ଝିଅର ନାମ ଲେଖାରେ
ପ୍ରଧାନ ଶିକ୍ଷୟିତ୍ରୀ ସ୍ମୃତି ଫେରାନ୍ତି
ଆରେ ! ପେଙ୍ଗୁନଳି ଏହିଠାରେ ?

# ଚାଲ କାମରେ ଲାଗିଯାଅ...

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ



ମୁଠା ମୁଠା ସ୍ବପ୍ନ ଦେଖିବାକୁ ବେଳ କାହିଁ
ସକାଳର କିରଣ ଆଲୋକ ଦେଲାଣି
କାଉର ରାବ ବ୍ୟତିବ୍ୟସ୍ତ କଲାଣି
ଚାଲ କାମରେ ଲାଗିଯାଅ...

ପେଟ ପୁରେଇବା ଦଉଡ଼ରେ
ଦେହ ଢାଙ୍କିବାର ଦଉଡ଼ରେ
ମନକୁ ଭୁଲାଇବା ଦଉଡ଼ରେ
ସାମିଲ୍ ହୋଇଯାଅ...
ଚାଲ କାମରେ ଲାଗିଯାଅ....

ସବୁ ଶାନ୍ତିରେ ଶୋଇଛନ୍ତି
ସେମାନଙ୍କୁ ଶୋଇବାକୁ ଦିଅ
ସେମାନଙ୍କ ଶାନ୍ତି ପାଇଁ ତ କହୁଛି
ଚାଲ କାମରେ ଲାଗିଯାଅ....

ଦି ଓଳି ଓପାସ ରହିଲେ ଶିଖିବ
ଦି ପାଦ ଖରାରେ ଚାଲିଲେ ଶିଖିବ
ମୁଣ୍ଡରେ ପଡ଼ିଲେ ବୋହିବା ଶିଖିବ
ହେଲେ ଶିଖାଇବା ପାଇଁ ସମୟ କାହିଁ
ଚାଲ କାମରେ ଲାଗିଯାଅ....

ତୁମ ମୁଣ୍ଡ ଖାଳ କାହାକୁ ନ ଦିଶୁ
ସମସ୍ତଙ୍କ ପାଇଁ ତୁମ ଓଠ ହସୁ
ସେମାନେ ହସିଲେ ତୁମେ ବି ତ ହସିବ
ଆଉ କିଛି ଆଶା ନାହିଁ ବୋଲି ତ କହିବ
ତେଣୁ ସେମାନଙ୍କ ହସ ପାଇଁ ହେଉ
ଚାଲ କାମରେ ଲାଗିଯାଅ....

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

# ସ୍ବାମୀର ଆତ୍ମକଥା



ସୌମ୍ୟ ସାରସ୍ବତ ଦାଶ

ଅଫିସ ଘଣ୍ଟାରେ ଦେଖି ସମୟ ରାତି ଦଶ,
ଘର କଥା ଭାବି ମୋର ଉଡ଼ିଗଲା ହୋସ୍
ଘରକୁ ଯିବାପାଇଁ ସିନା ମନ ହେଲା ଅଥୟ
ହେଲେ ଜାଣିଛି, ଘରେ ସୃଷ୍ଟି ହୋଇଥିବ ଗୋଟେ ମହାପ୍ରଳୟ
ଡରିମରି ଶୀଘ୍ର ଅଫିସ୍ ଛାଡ଼ିଲି,
ଅଧ ଘଣ୍ଟା ପରେ ଯାଇ ଘରେ ପହଞ୍ଚିଲି
ବାଦଲ ନାହିଁ ଜମାରୁ ହେଲେ ହବ ଆଜି ବର୍ଷା
ବାହାରେ ସିଂହ ସିନା ମୁଁ ଘରେ ପୁରା ମୂଷା
ଘର ମୋର ପୁରାପୁରି କଂସ ଦରବାର
ପୁତନା ରାକ୍ଷସୀ ସମ ଘରଣୀଙ୍କ ସ୍ବର
କଲିଂ ବେଲ୍ ମାରିବାରୁ ଘରଣୀ ଆସିଲେ
ଗାରୁ ଗାରୁ ହୋଇ ମେଞ୍ଚେ କବାଟ ଖୋଲିଲେ
ମୋ ମୁହଁକୁ ଚାହିଁ ଖାଲି ହେଲେ ବର ବର
ସତେକି ଦୀପାବଳୀ ଷଣ୍ଢମାର୍କା କ୍ରାକର...
କୁହ ପତିଦେବ ଏତେ ଡେରି କିଆଁ ହେଲା ?
କେଉଁ ପୋଡ଼ାମୁହିଁ ସାଙ୍ଗେ ଆଜି ଦେଖାହେଲା ?
ଆଖି ତୁମ ନାଲି ନାଲି ମଦ ପିଆ ଛବି
ଦିଅ ତୁମ ସାର୍ଟ ଲିପ୍‌ଷ୍ଟିକ୍ ଦାଗ ମୁଁ ଖୋଜିବି
ମୁହଁ ଖୋଲ ତୁମ ପାଟି ଶୁଙ୍ଘିବାକୁ ଦିଅ
କେତେ ସିଗ୍ରେଟ୍ ଫୁଙ୍କିଚ ସତ କଥା କୁହ
କୋଉ ତରୁଣୀର ସାଙ୍ଗେ ବୁଲିଯାଇଥିଲ?
ଘର କଥା ଭୁଲିଯାଇ ମସ୍ତି କରୁଥିଲ ?
ଥକା ଥକା କଣ୍ଠସ୍ବରେ ଉତ୍ତର ମୁଁ ଦେଲି

ଘର ମ୍ୟାନେଜର୍ ଆଗେ ଫାଇଲ୍ ଖୋଲିଲି,
ଶୁଣ ଶୁଣ ପ୍ରାଣ ପ୍ରିୟା ଶୁଣ ଗୋ ଘରଣୀ
ଥକି ମରି ଆସିଲି ମୁଁ ନ ଦେଲ ଟୋପାଏ ପାଣି
ମାସ ଆରମ୍ଭ ହେଲେ ଖାଲି ଦରମାକୁ ଖୋଜ
ହିସାବ ପତ୍ରରେ ଫାଷ୍ଟ୍‌କ୍ଲାସ୍ ଆକାଉଣ୍ଟାଣ୍ଟ୍ ସାଜ
ଥରେ କେବେ ଶୁଣ ମୋର ଦୁଃଖର କାହାଣୀ
ଆଖିରୁ ନ ଝରୁ ପଛେ ଦୁଇ ଟୋପା ପାଣି
ଘରଖର୍ଚ୍ଚ, ବିଜୁଳୀ ଓ ଟେଲିଫୋନ୍ ବିଲ୍
ଦେଲାପରେ ମାସ ଶେଷେ ଜମାପୁଞ୍ଜି ନିଲ୍
ଭାବିଅଛ ପୁଅ ସିନା ବି ଟେକ୍ ପଢ଼ିବ
ଚିନ୍ତା କରିଛ କି ପଢ଼ା ଖର୍ଚ୍ଚ କିଏ ଦେବ ?
ତୁମ ମେକ୍‌ଅପ୍, ଲିପ୍‌ଷ୍ଟିକ୍, ସପିଂ ଖର୍ଚ୍ଚ କାହୁଁ ଆସିବ
ଝିଅର କନଭେଣ୍ଟ ସ୍କୁଲ ଖର୍ଚ୍ଚ କୋଉଠୁ ଆସିବ ?
ତା'ପାଇଁ କି ନୂଆ ଗୋଟେ ସ୍କୁଟି କିଏ କିଣିବ ?
ଭବିଷ୍ୟତ କଥା ଭାବି ସାବଧାନ ହେଇଛି
ସେଇଥି ପାଇଁ ଅଫିସରେ ଓଭରଟାଇମ୍ କରୁଛି
ଶୁଣିଲ ତ ସବୁକଥା ବିଳମ୍ବ କାହାଣୀ
ଯାଅ ଯାଅ ବାଢ଼ ଜଲଦି ଭୋକ ଲାଗିଲାଣି
ମୁହଁ ଫୁଲା ଛାଡ଼ ଦେଖ ରାଗ ରୁଷା ଛାଡ଼ି
ଆଣିଅଛି ତୁମ ପାଇଁ ବନାରସୀ ଶାଢ଼ୀ

# ବିବାହମନ୍ତ୍ର

ଆଶାରାଣୀ ବେଉରା



ଆମ୍ବ ପତର ପାନିଆ
ଚିଡ଼ିପାନରାଜା ବର ସାଙ୍ଗରେ ଲାଲପାନବିବି କନିଆ
ବାଇଦ ବାଜୁଛି ଗାଁ କମ୍ପୁଚି
ଖନା ପୁରୋହିତ ମନ୍ତ୍ର ପଢୁଚି
“ଯଥା ରାବଣସ୍ୟ ମନ୍ଦୋଦରୀ
ଯଥା ଇନ୍ଦ୍ରସ୍ୟ ଇନ୍ଦ୍ରାଣୀ
ଯଥା ଆଦିତ୍ୟସ୍ୟ ଛାୟା
ଯଥା ସୁଗ୍ରୀବସ୍ୟ ତାରା
............................................ତୁଭ୍ୟମିହମ୍”
ବର ପଚାରିଲା ହଇ ହେ ନନା ରହ ରହ
ଭଲ ମନ୍ତ୍ର ତୁମେ ପଢୁଛତ
ମତେ ବୋକା ବୋଲି ଭାବୁଛତ
ଏଇଥି ପାଇଁ, ବାହାଘର ପରେ ବର କନ୍ୟାଙ୍କର ପଡୁ ତ ନାହିଁ
ବ୍ରାହ୍ମଣର ପାଟି ଅଠାକାଠି
କୋଉଠାରେ ଭୁଲ ରହିଲାଟି
ବୁଝାଇ ଦିଅ, ନ ହେଲେ ତମେ ଶିଶୁପାଳ ହେଇ ଫେରିଯାଅ
ଚିଡ଼ିପାନରାଜା ବର କହିଲେ ସଭିଏଁ ଶୁଣ
କେହି ଜାଣିନାହଁ ଜାଣିଛି ମୁଁ ନନାମାନଙ୍କ ଗୁଣ
କହିଲେ କ'ଣ ନା ରାବଣ ଆଉ ମନ୍ଦୋଦରୀର ଯୋଡ଼ିପରି,
ସୁଖର ସଂସାର ଯାଅ କରି
ହଇରେ ଶଳା
ବିଭୀଷଣ ମୃତ୍ୟୁ ଭେଦ କହିଲା
ରାମବାଣରେ ତ ରାବଣ ମଲା

ମନ୍ଦୋଦରୀ ପରା ବିଭୀଷଣ ସାଙ୍ଗେ ବାହାହୋଇଲା
ମତେ ତା'ହେଲେ ମର୍ଡ଼ର କରି
ସାନଭାଇ ମୋର ବାହାହେଇଯିବ ମୋ ଲାଲପରୀ
ପୁଣି କହୁଚ
ଇନ୍ଦ୍ର ଇନ୍ଦ୍ରାଣୀଙ୍କ ଦୁହାଇ ଦେଉଚ
ଲକ୍ଷ ଲକ୍ଷ ଇନ୍ଦ୍ର ଆସନ୍ତି ଯାଆନ୍ତି, ଏକଇ ଇନ୍ଦ୍ରାଣୀ ସ୍ବର୍ଗରେ ଥାଏ
ଲକ୍ଷେ ଇନ୍ଦ୍ରଙ୍କର ଘରଣୀ ହୁଏ
ତା ମାନେ କହୁଚ ଦାଣ୍ଡବାଡ଼ି ମୋର ରହିବ ଖୋଲା
ଘରେ ପଶୁଥିବେ କଲୋନୀ ପିଲା?
ଆଦିତ୍ୟ ସହିତ ଛାୟାଙ୍କ ଯୋଡ଼ି
ବିବାହିତା ପତ୍ନୀ ନୁହନ୍ତି ତାଙ୍କର, ରହିଥିଲେ ପତ୍ନୀରୂପ ଧରି
ତା ମାନେ କହୁଚ ଯାହାସଙ୍ଗେ ମୋର ପଡ଼ିବ ଆଜି ହାତଗଣ୍ଠି
ଇଏ ନୁହେଁ ସେଇ ଲାଲପାନବିବି ଛଦ୍ମବେଶରେ କେ ଆଉ ଅଛି?
ତାରା ସୁଗ୍ରୀବଙ୍କ ଭାଉଜ ଥିଲେ
ବାଳୀ ମଲାପରେ ସୁଗ୍ରୀବଙ୍କୁ ସିଏ ମ୍ୟାରେଜ୍ କଲେ
ତା ମାନେ କହୁଚ ଲାଲପାନବିବି ପତ୍ନୀ ନୁହଁ ମୋର ଭାଉଜ ସିଏ
ଅଜବ ଅଜବ ମନ୍ତ୍ର ପଢୁଚ, ବ୍ରାହ୍ମଣ ତୁମକୁ କଲା ସେ କିଏ?
ଖାଲି ମୋ ମନକୁ ରାମସୀତା ଯୋଡ଼ି ପାଇଲା ଯାହା
କିନ୍ତୁ ହେ ନନା
ସତୀ ସୀତାଙ୍କୁ ତ୍ୟାଗକଲେ ରାମ ଦୋଷବିନା
ବନବାସୀ ସୀତା ସ୍ମୃତିରେ ରାମ ଗଢ଼ିଲେ ଗୋଟିଏ ସୁବର୍ଣ୍ଣସୀତା
ସୁନାଦର ଏବେ ଆକାଶଛୁଆଁ ଗଢ଼ିପାରିବିନି ବିବିପାଇଁ ଗୋଟେ ସୁବର୍ଣ୍ଣଚିତା
ତମ ମନ୍ତ୍ର ତମ ପାଖରେ ଥାଉ
କିଛି ଉପାୟ ମୁଁ କରୁଚି ଆଉ
ବେଦୀରୁ ଉଠିଲେ ଚିଡ଼ିପାନରାଜା ନିଶକୁ ମୋଡ଼ି
ଚାଲିଆ ମୋର ଲାଲପାନବିବି କାରରେ ଚଢ଼ି ଯିବା ଗୋ ଉଡ଼ି

ମନ୍ତ୍ର ଶେଷରେ ବ୍ରାହ୍ମଣ କଣ କହିଲେ ଶୁଣୁ
ତୁଭ୍ୟମିହଂ ଶବ୍ଦ ଅର୍ଥ ଜାଣୁ?
ବ୍ରାହ୍ମଣ କହନ୍ତି ତୁ କୁଆଡ଼େ ତାଙ୍କର
ଭକୁଆ ହେଇ ମୁଁ ବେଦୀରେ ବସିଚି ହେଲାଣି ସକାଳ ପହର
ବେଦୀରେ ବସି ମୁଁ ବାହାହେବିନି କି ଭୋଜିଭାତ ବାଜା ରୋଷଣୀ ପାଇଁ କି ଟଙ୍କା ଦେବିନି
କୃଷ୍ଣ କରିଥିଲେ ରୁକ୍ମିଣୀ ହରଣ,  ଏଇ ବେଦୀରୁ ମୁଁ ତତେ ଉଠେଇକି ନଉଚି
କାହାର ଯଦି ହିମ୍ମତ ଅଛି, ଯୁଦ୍ଧଦେହିଂର ଜବାବ ଦିଅ ମୁଁ ଯାଉଚି
ଘରେ ପଡ଼ିଗଲା କାନ୍ଦବୋବାଳି
ଦଉଡ଼ିଲେ ଶାଶୁ ଶଶୁର ଆଉ ଶଳାଶାଳୀ
ଶଶୁର କହିଲେ ବାପଧନ ଟିକେ ଶୁଣଶୁଣ
ଶାଶୁ କାନ୍ଦୁଥିଲେ ବାହୁନି ବାହୁନି ଝିଅ ଗୁଣ
ବେଢ଼ିଗଲେ ସବୁ ଶଳାଶାଳୀ
କହିଲେ ହେ ଭାଇ ଯାଉଚ ତ ଯାଅ, ନେଇଯାଅ ତୁମ ଲାଲପାନବିବି ଗଳାମାଳି
ତମପାଖେ ଖାଲି ଏତିକି ଅଳି
ଆମ ଭଉଣୀଟି ବଡ଼ ଗେହ୍ଲା ଆଉ ଅଲିଅଳି
ଦେବନାହିଁ ତାକୁ କେବେ ଗାଳି
ନ'କାନ୍ଦେ ଯେମିତି  ଲାଲପାନବିବି ଲୁହଢ଼ାଳି
ଠିକିରି ଗୋଲାମ ଶଳାର କାକୁତି, ଇସକାପାନ ବିବି ଶାଳୀର କୋହ
ଦେଖି ଚିଡ଼ିପାନରାଜାଙ୍କ ଆଖିରୁ ବହିଲା ଲୁହ
କହିଲେ ଭଉଣୀପାଇଁ ଆଉ ତୁମେ ଗଡ଼ା'ନା ଲୁହ
ସବୁ ଭଲମନ୍ଦ ବୁଝିବି ମୁଁ ତା'ର, ତୁମମାନଙ୍କ ଭଉଣୀ କ'ଣ ମୋ' ଭଉଣୀ ନୁହଁ ?

# ଫେସ୍‌ବୁକ୍ - ୧

ପ୍ରଶାନ୍ତ କୁମାର ଭୂୟାଁ



"ମଲାମୋର"

ହଇହେ , ସେ ଚୂଲୀପଶା ମିସିନିଟା ଆଗରେ ମୁହଁଟାକୁ ଫେଣେଇ କଣ ବସି ପଡ଼ିଲ ବା ?

କହିପୋଛି, ବେଗ୍‌ମୁଣାଟା ତ ହାତରେ ଦେଲି, ଆଉ କଣ ଏବେ କାଖେଇକରି ବଜାରକୁ ଟେକି ନେଇଯିବି ନା କଣମ ?

ଗୋଟିଏ ନିଃଶ୍ବାସରେ ଏତିକି କହି ଦାନ୍ତଟାକୁ କଡ଼ମଡ଼ କରି ବନ୍ତିଳ ମାଇଁ ଚଉକୀଟା ଉପରେ ଲଥକରି ବସିପଡ଼ିଲେ । ଝାଡ଼ୁମୁଠାଟାରେ ପିଠିକୁ ଟିକେ ଖୁଞ୍ଚିଦେଇ ଆଁଟା କରି ଅପେକ୍ଷା କଲେ ଫେରନ୍ତା ଉତ୍ତରକୁ । ଯେତେବେଳେ କୌଣସି ଉତ୍ତର ପାଇଲେ ନାହିଁ, ଝାଡ଼ୁଟାକୁ ରାଗରେ ଫିଙ୍ଗିଦେଇ, ନିଜର ପାନପୋକଡ଼ା ଦାନ୍ତଟାକୁ ନିକୁଟି, ତମ୍ପସାପ ଭଳି ଉହୁଙ୍କି ଆସିଲେ ଚୋରିଆ ମାମୁଁଙ୍କ ନିକଟକୁ, ଆଉ କାନ ପାଖରେ ଗରଜି ଉଠି କହିଲେ " ଏ ଭେଷଡ଼ ତୁଣ୍ଡଟାକୁ କାହିଁକି ଚାଲୁଛ କହିଲ ? ହଇହେ, ଏ ରଜ ପରବ ଦିନଟାରେ ଭଲ ଘରଟାରେ କଣପାଇଁ ଗୋଟିଏ ମେଖିଡ଼ି ଆରମ୍ଭ କରୁଛ କହିଲ ?"

ଏବେ ତ ଆଉ ଧିରେ ବସିଲେ ହେବନାହିଁ, ଏଣୁ ଚୋରିଆ ମାମୁଁ ଦାନ୍ତଟାକୁ ନେଫେଡ଼େଇ ଆଉ ମୁଁହଟାକୁ କମ୍ପ୍ୟୁଟରରୁ ଫେରାଇ ଧିର ସ୍ବରରେ କହିଉଠିଲେ "ଏ ଉଲିବୋଉ, ସକାଳୁ ସକାଳୁ ମଗଜଟାରେ କିଆଁ ନିଆଁ ଲଗାଇ ବୁଲୁଛ କହିଲ ? ଦିନଟା ଯାକତ ପଡିଛି" ।

ପୁଣି କଅଁଳ ସ୍ବରରେ କହିଲେ "ଆଗୋ ଯାଉଛି ପରା, ହେଲେ ଏ କାମଟାକୁ ଟାକୁ ତ ଅଧାରଖିହେବନି ? ଟିକେ ସହଳ ସାରିଦିଏ"

ମୁହଁଟାରେ ଦୁନିଆଯାକର ପ୍ରଶ୍ନବାଚୀ ନେଇ, ବନ୍ତିଳ ମାଇଁ କହିଲେ, ମୋ ମାଲୋ..!! ଟିକେ ଶୁଣେ କି ଇମ୍ପୋଟେଣ୍ଟ୍ କାମଟା ସାରିଦେବ ? ତାପରେ, ଛାତ ଆଡ଼କୁ ଅନାଇ,

ଛାତିଟାକୁ ଦୁଇ ହାତରେ ବାଡ଼େଇ ବୋବେଇ ଉଠିଲେ,

ହେ ଭଗବାନ ! ଏ ନିର୍ଲଜ୍ଜ ମରଦଟା ଏଇମିତି ବାଇଲ ଭଳି କଣ ହେଉଛି ବା ? ସକାଳୁ ସଞ୍ଜଯାଏଁ, ଏ ରଢ଼ ମିସିନିଟା ଆଗରେ  ନାଳଜାବ ଗଡ଼ାଇ ବସି କଣଟା ଆଲୁଅ କରୁଛି ଲୋ ମା ?

ଏବେ ଚୋରିଆ ବାବୁ ଟିକେ ସନ୍ତର୍ପଣରେ ବସିଲେ ଉତ୍ତର ଦେବାକୁ, ନହେଲେ ଏହି ଅଭିଯୋଗର ଫର୍ଦ୍ଦ ଛାତକୁ ଫୁଟାଇ ବାମ୍ଫଭଳି ବ୍ୟାପିଯିବ ସାଇ ପଡ଼ିଶା ରୁ ଗାଁ ସାରା । ତାପରେ ଦିନକାଳ ଧରି ସେଥିରେ ଅଲାଜୁକ ତାଳି ପକାଇବାକୁ ପଡ଼ିବ ସମସ୍ତଙ୍କ ଆଗରେ ।

ସେ ଉଲିବୋଉଙ୍କ ପଣତ ଧାରଟାକୁ ଧରି କହିଲେ, ବୁଝିଲ ଉଲିବୋଉ, କହିଲେ କହିବ କହୁଛି ବୋଲି !

ତମକୁ କେମିତି ବୁଝାଇବି ହୋ ମୁଁ ଏଠି କମ୍ପ୍ୟୁଟରରେ କଣ କରୁଛି ? ଏଇଟା କଣ ଶାଗ ଖରଡ଼ା ହୋଇଛି ନା ତମ ମାଇପି ମାନଙ୍କ ପାଣି –ପ୍ରସଙ୍ଗ ହୋଇଛି ? ଏଇଟା ହେଲା "ଫେ ସ୍ ବୁ କ୍ " । କୋଟିକୋଟି ଶିକ୍ଷିତମାନଙ୍କ ଏକ ବନ୍ଧୁ-ମିଳନ ସ୍ଥଳ ।ତମ ଭାଇ ଦଶଟା ଗାଁର ଚେୟାର୍‌ମେନ୍ ହୋଇ ଫଟଫଟିଆରେ ବୁଲି ଯେତେ ଲୋକଙ୍କୁ ଜାଣିନି , ମୁଁ ପରା ଦୁଇଦିନରେ ତାଠୁଁ ଦଶ ଗୁଣ ଲୋକର ବନ୍ଧୁ ।  ଆଜିକାର ଯୁଗରେ ଏଇଥିରେ ପରା ଅଗା – ବଗା – ଖଗା ସଭିଏଁ ମେଳି । ଶଳା ତମ ବଉଁଶଟା ତ ଟିପଗଡ଼ା, ଏଇ ସବୁ ବୁଝିବାକୁ ତମକୁ ସାତ ଜନମ ନେବାକୁ ପଡ଼ିବ ହେ ।

ଏଇଥର ବନ୍ତିଳ ମାଇଁଙ୍କ ତାଣ୍ଡବ ନୃତ୍ୟର ପାଳି, କ୍ରୋଧର ପଞ୍ଚମ ତାନକୁ ଉଠିଯାଇ , ରାଗିପାଚି ସେ କହି ଉଠିଲେ,

ବୁଝିଲ ଏ ପଧାନ ବଉଁଶ କଥା କହିବନିଟି, ଝାଡୁରେ ଅଣଚାସ ବହିଯିବ । ଗୋଟିଏ ହେଲେ ତଳେ ପଡ଼ିବନି, ପୂରା କେରେକେରା ହେଲାଯାଏଁ ।  ମରଦ ପୁଅ ହେଇଚ, ମରଦ ଭଳି କଥାହୁଅ ।

ଆଉ ଏ ପୋଡ଼ାମୁହାଁ "ଫେସ୍‌ବୁକ୍"ର ଭେଳିକି ମୁଁ ସବୁ ଜାଣିଲିଣି । ଏ ସବୁ ସେ ପୋଡ଼ାମୁହାଁ  ମାର୍କାମରା ଜୋକବର୍ଗର ନାଟହାଟ ।

ସେ ଯୋଗିନୀପଶା – ବାଡ଼ିପଡ଼ାଟା ହାବୁଡ଼େ ପଡ଼ନ୍ତା କି ଥରେ, ପୂରା ତାକୁ ଦଳି ଦେଇଥାନ୍ତି । ଆଛା ନାଟଟିଏ ଲଗାଇ ଦେଇଛି । ସେତ କୁଆଡ଼େ କୋଟି କୋଟି ଟଙ୍କାର ଗଦିରେ ବସିଛି, ଆଉ ଏ ମରଦ ଗୁଡ଼ାକୁ ମେଣ୍ଢା କରି ବସାଇଦେଇଛି ମିସିନି ଆଗରେ ।

ହଇହେ, ସେଦିନ ଉଲି କହୁଥିଲା, ତମେ କୁଆଡ଼େ ସବୁ ଝିଅପିଲା ମାନଙ୍କୁ ବନେଇ ଚୁନେଇ ମେସେଜ୍ ଲେଖି, ଫ୍ରେଣ୍ଡ୍ ରେକେଟ୍ ପଠାଉଛ ବୋଲି ତୁମର ଆଇ.ଡ଼ି. କୁ ୫ /୭ ଥର ବ୍ୟାଜ୍ୟାପ୍ତି କରାଗଲାଣି । ଏଇଥି ପାଇଁ ଦୁଇ ମାସରେ ତିନି ତିନିଟା ଆଇ.ଡ଼ି. ବଦଳେଇଲଣି ତମେ । ତମେ ଏଡ଼େ ଅଲାଜୁକ ହେଲଣି ଯେ, ଏବେ କୁଆଡ଼େ ଗୋଟେ ମାଇପିଲାର ନାଁରେ ଆଇ. ଡ଼ି. ଟିଏ କରି ସବୁ ନାଟୁଆଣି ମାନଙ୍କୁ ଧରି ଗୋଟେ ଯାତରା ଲଗେଇଛ । ରାତିଦିନ ଏଇଠି ବସି ଚାଟ୍ କରୁଛ ସେମାନଙ୍କ ସଙ୍ଗେ । ଆହୁରି କୁଆଡ଼େ ସବୁ ଲଙ୍ଗଳା-ପୁଙ୍ଗୁଳା ଫୋଟ ସବୁ ସେ ସିଗେରେଟ୍ ବାକ୍ସ ଭଳି ପେଡ଼ିଟାରେ ଛପେଇ ରଖୁଛ ?

ସେ କହି ଚାଲିଲେ, ହେଇଟି ମୁଁ ସବୁ ବୁଝିଛି ଏ ନାଟ । ମୋତେ କଣ ତମେ କ୍ଷୀରଖିଆ ପିଲାଟାଏ ଭାବିଛ ନା କଣମ ? ହେଇଟି, ସେମିତି ହୋଇଥିଲେ ତମ ସାଙ୍ଗରେ ହାତ ଧରି ଘର କରିନଥାନ୍ତି ମ ?

ଏଡ଼େ ଅଲାଜୁକ ବେହିଆଟାଏ ହୋ ତମେ, କିହୋ ଝିଅ ଆସି ବାହା ବଅସରେ, ଆଉ ତମେ ସାଜି ବସିଛ ରଙ୍ଗୀଳା ରତନ ?

ଏତେସବୁ ଗୁମର କଥା ଶୁଣିବା ପରେ ଚୋରିଆ ବାବୁ ଟିକେ ବିବ୍ରତ ହୋଇ ପଡ଼ିଲେ। ଆଉ ତୁରନ୍ତ ନିଜକୁ ସମ୍ଭାଳି କହିଲେ –

ହେଉଛାଡ଼ ହେ ଏସବୁ କଥା । କାହିଁକି ପୂରା ଘରଟାରେ ଏଇମିତି ରବେଇ ଖବେଇ ହେଉଛ କହିଲ । ଇଏ ହେଲା ଗୋଟେ ଏମିତି ମଜାର କଥା । କଣ ସତରେ ମୁଁ କାହାର ହେଇଯାଉଛି ନା କାହା ସାଙ୍ଗରେ ଭାଗି ପଳାଉଛି ନା କଣ ?

ତମ ହାତଧରି ବା ବାହା ହେଇଛି ..!!

ଏ ଫେସ୍‌ବୁକ୍‌ଟାତ ଅଢ଼େଇଦିନିଆ, ଆଉ ତମେ ତ ପର୍‌ମାନେଣ୍ଟ୍ ; ନା କଣ କହୁଛ ମ ? ମୁଁ ପରା ତୁମର ହାତୀ, ତମ ରଜା, ମୁଁ ଯେଉଁଠି ଥିଲେ ବି ତୁମର, ବୁଝିଲ ତ ?

ଏଇ କଅଁଳିଆ ସ୍ବିକାରୋକ୍ତି ପଦକ ହେଲା ଏହି ନାଗୁଣୀର ଗଦ, ଏହା ଚୋରିଆ ମାମୁଁଙ୍କୁ ଜଣା । ତାହା ସତ ବି ହେଲା, ଯେତେବେଳେ ଏଇ ପଦକ ଶୁଣିଲା ପରେ ବନ୍ତିଳ ମାଇଁ ଟିକେ ନରମୀ ଯାଇ, ଆଉ ଟିକେ ସରମୀ ଯାଇ ଲାଜକୁଳୀ ଲତା ଭଳି ଆଉଜି ପଡ଼ିଲେ ଚୋରିଆ ମାମୁଁଙ୍କ ଆଡ଼କୁ । ଚୋରିଆ ମାମୁଁଙ୍କ ଅଙ୍ଗୀର ବକ୍ରମ୍‌ଟାକୁ ଟିକେ ସଳଖି ଦେଇ କହିଲେ, ହେଇଟି ଶୁଣମ....

ତମେ ତ ଅଫିସ୍‌କୁ ନିଘା ଧାଉଁଛ, ଆଉ ଏ ଉଲି ତୁଣ୍ଡରେ ଦିଟା ଦେଉଛିକି ନାହିଁ କଲେଜ ଯିବାକୁ ଅଥୟ, ହେଲେ ମୁଁ ପୁରା ଘରଟାରେ ଏକାଟିଆ ପ୍ରାଣୀ । ମୋ ପାଇଁ ଗୋଟେ ସତ ସତିକିଆ ଆଇ. ଡ଼ି. ଟାଏ ଖୋଲିଦିଅନ୍ତନି ? ମୁଁ ବି ଏଇ ଅଢ଼େଇ ଦିନିଆ ବାଢ଼େଇ ଘଇତା "ଫେସ୍‌ବୁକ୍"ଟାରେ ଟିକେ ଟେମ୍‌ପାସ୍ କରନ୍ତି । ସେ ଖଲିଆ ମା, ରଙ୍କ ର ମା ପରା ଘରେ ହାମୁଡ଼ି ପଡ଼ି "ଫେସ୍‌ବୁକ୍"ରେ ମାତି ଥାଉଛନ୍ତି ।

ସନିଆ ଘର ଖୁଡ଼ୀ ମଧ କହୁଥିଲେ, ସମସ୍ତେ ଫେସ୍‌ବୁକ୍‌ରେ ଏତେ ବିଜି ଯେ ଆଜିକାଲି ତାଙ୍କ ଘରକୁ ସପ୍ତାହରେ ୩/୪ ଥର ଟେକ୍ ୱେ ଆସୁଛି ପିଜାହାଟ , କେପିଚି ଆଉ ମାଡ଼ଲୋଡ଼ରୁ ।

ଚୋରିଆ ମାମୁଁ ଆଉ କଣ କହିବେ ? ଆଁ ଟାଏ କରି ହଠାତ୍ ଚଉକିରୁ ଉଠିପଡ଼ିଲେ ଆଉ କହିଲେ, ହେଉ ହେଉ ଦେଖିବା ସେ କଥା ପରେ , ପ୍ରଥମେ ଯାଏଁ ପନିପରିବା ଟିକେ ନେଇ ଆସେ ବଜାର ରୁ ।

( କ୍ରମଶଃ )

( ଏହି ଲେଖାରେ କିଛି ଇଂରାଜୀରୁ ଓଡ଼ିଆର ଅପଭ୍ରଂଶ ଶବ୍ଦ ବ୍ୟବହାର କରାଯାଇଛି । କେତେ ସରଳ ଗାଉଁଲୀ ଲୋକ ଗାଁ ଗହଳରେ ଏଇଭଳି ଶବ୍ଦ ଏବେବି କହୁଛନ୍ତି । ବନ୍ତିଳ ମାଇଁ ଚରିତ୍ରଟି ଏକ ଗାଁ ଝିଅ ଯିଏକି ବାହା ହୋଇ ଏବେ ସହରର ରହିଅଛନ୍ତି ।

ଏଣୁ ପାଠକମାନଙ୍କୁ ଅନୁରୋଧ ଏହି ଭାବ କୁ କଦର୍ଥ ନକରି ଲେଖାଟିକୁ ପଢ଼ିବେ । ଭାଷାକୁ ବିକୃତ କିମ୍ବା ଅନ୍ୟର୍ଥ କରିବାର ମୋର କୌଣସି ଉଦ୍ଦେଶ୍ୟ ନୁହଁ ।

ମିସିନି - Machine , ଇମ୍ପୋଟେଣ୍ଟ୍- Important ,ମାର୍କାମରା ଜୋକବର୍ଗ – Mark Zuckerberg ରେକେଟ୍ - Request, ଟେମ୍‌ପାସ୍ - Time Pass,ଟେକ୍ ୱେ – Take away ପିଜାହାଟ – Pizza Hut , କେପିଚି – K.F.C., ମାଡ଼ଲୋଡ଼ – Mcdonalds )

# ସୁଲ୍‌ତାନା

ଆୟୁଷ ଠାକୁର

ଏଥି ପୂର୍ବରୁ ମୁଁ କେବେ ବି ଗଳ୍ପ ଲେଖିବାର ପ୍ରୟାସ କରିନାହିଁ। ଆଜି ଲାଗୁଛି ଲେଖିବା ଉଚିତ ହେବ। ମୁଁ ସରକାରଙ୍କ ଏକ ବିଶେଷ ବିଭାଗରେ କାମ କରେ। ମୋ ବିଭାଗର କାମ ହେଲା ଦେଶରେ ଘଟୁଥିବା ଘଟଣା ମାନଙ୍କ ଉପରେ ବିଦେଶରେ କିପରି ପ୍ରତିକ୍ରିୟା ହେଉଛି ତା'ର ସବିଶେଷ ଖବର ରଖିବା ଓ ଏହି ବିଷୟବସ୍ତୁ ଉପରେ ଅନୁସନ୍ଧାନ କରି ବିବରଣୀ ଦେବା। ବୁଦ୍ଧିଜୀବିଙ୍କ ସହ ଆଲୋଚନା କରିବା ମଧ୍ୟ ମୋର କାର୍ଯ୍ୟ ପରିସରଭୁକ୍ତ ଅଟେ। ତେଣୁ ମୁଁ ଭାରତ ଆସିଲେ ରାଜ୍‌କୁ ହିଁ ଡାକିଥାଏ। ମୋର ବନ୍ଧୁ ବୋଲି ନୁହେଁ ଦେଶର ଅସ୍ମିତାକୁ ଦେଇ ଅନେକ କ୍ଷେତ୍ରର ସମସ୍ୟାକୁ ସେ ବୁଝିପାରେ ଓ ନିଜର ମତ ଦେଇପାରେ।

ଫେବୃଆରୀ ୨୫ ତାରିଖ ସନ୍ଧ୍ୟା ସାତଟା ହେବ। ଲଜ୍ କୋଠରୀରେ ରାଜ୍ ଶୋଇଥାଏ। ମୁଁ ଭିତରକୁ ପଶିଲି। ସେ ମୋତେ କୁଣ୍ଢେଇ ପକେଇଲା। ବ୍ୟକ୍ତିଗତ କଥାବାର୍ତ୍ତା ପରେ ପ୍ରକୃତ କଥା ହେଲୁ। ରାମଦେବ ବାବା ଓ ଆନ୍ନା ହଜାରେଙ୍କ ଆନ୍ଦୋଳନର ଫଳ କଣ ହେବ ? ରାଜ୍‌ର ଗୋଟିଏ କଥା ତା'ର ତର୍କ ଓ ଚର୍ଚ୍ଚା ଶ୍ରମିକ, କୃଷକ ଓ ଗରିବଙ୍କ ପଟକୁ ରହେ। ଆଲୋଚନା ସରିଲା ବେଳକୁ ରାତି ଦଶଟା। ବର୍ଷେ ପରେ ଆମର ଭେଟ। ପିଇବା ଆରମ୍ଭ କଲୁ। କୌଣସି ବିଷୟ ଚର୍ଚ୍ଚା କଲାବେଳେ ସେ ପିଇବାକୁ ମନାକରେ। ଠିକ୍ ହେଉ କିମ୍ବା ଭୁଲ ଆମେ ଆମର ନିର୍ଣ୍ଣୟ ନେବୁ। ମଦ ବେଚାରୀକୁ ଦୋଷ ଦେବା କାହିଁକି ?

ମୁଁ ପଚାରିବାକୁ ଚାହୁଁଥିଲି, ପାଇଲୁ...? କିନ୍ତୁ କାହିଁକି ମୁଁ ଚୁପ୍ ରହିଲି। ସେ ସମୁଦ୍ର ଭିତରର ରାତି, ରାଜ ଓ ମୁଁ...। ଠିକ ଏଇ କାରଣ ନଥିଲା। ବହୁତ ଦିନପରେ ମୁଁ ତା'କୁ ପାଇଛି। ଏଇମିତି ଓଜନଦାର ଇମୋସନମାନଙ୍କ ସହ ରହି ରାଜର ସାନ୍ନିଧ୍ୟକୁ ନଷ୍ଟ କରିବାକୁ ଚାହୁଁ ନଥିଲି।

କେମିତି ଅଛୁ ?

ଏକା ଥରକେ ଗ୍ଲାସ୍ ଖାଲି କରିଦେଲା। ମୋ ମୁହଁକୁ ଏକ ଲୟରେ ଦେଖିଲା। ତା'ର ଲମ୍ବା ହେଉଥିଲା ଚୁଟି ଓ ନିଷ୍ପାପ ଆଖି ଖୁବ୍ ଗଭୀର ହୋଇ ଯାଉଥାଏ। ତୃଷ୍ଣାର ସମୁଦ୍ରଟିଏ ଯେମିତି ଲହଡ଼ି ଭାଙ୍ଗୁଛି କେଉଁ ଆଦିମ ଯୁଗରୁ। ଏହି ନିଷ୍ପାପ ତୃଷ୍ଣା ହିଁ ତା'ର ବ୍ୟକ୍ତିତ୍ୱ। ତାକୁ ଭାଙ୍ଗିମୋଡ଼ି ମଣିଷ କରିବାର ପ୍ରୟାସ ସମସ୍ତେ କରିଛନ୍ତି; ଯେଉଁମାନେ ତାକୁ ଭଲ ପାଆନ୍ତି। ତା'ର ମନ ଖୁବ୍ ସମ୍ବେଦନଶୀଳ। ଟିକିଏ କଠୋରତାରେ ସେ ବିଚ୍ଛିନ୍ନ ହୋଇଯାଏ ତାର ତିଆରିଥିବା ଗ୍ରହ ମଣ୍ଡଳରୁ□

ସେ ଖୋଜୁଛି ଯେମିତି କାହାକୁ। ଖାସ ଖୋଜିବା ପାଇଁ ହିଁ ସେ ଆସିଛି। ସେ ଖୋଜୁଥାଏ। ବହିରେ, ରତ୍ନପଥରରେ, ଜଙ୍ଗଲ ଭିତରେ ଆଉ କେଉଁ କେଉଁ ସ୍ଥାନରେ ଯେଉଁ ସ୍ଥାନର ଚର୍ଚ୍ଚା ଖବରକାଗଜ ମାନଙ୍କରେ ହେଉଥାଏ। ସେ ସମୁଦ୍ରରେ ବି ଖୋଜେ। ଏଥିପାଇଁ ପୁରୀକୁ ଖୁବ୍ ଭଲପାଏ।

ଦିନ ତିନିଟା ବେଳକୁ ମୋ ଅଫିସକୁ ଫୋନ୍ କରିବ। 'ପୁରୀରେ ଅଛି'.. ବାକି କାର୍ଯ୍ୟକ୍ରମ ମୁଁ ଜାଣେ। ସମୁଦ୍ର କୂଳରେ ପଡ଼ିଥିବ। ବାଲି ସରସର। ଝିମ୍ ଝିମ୍ ମଦ ନିଶାରେ। ଖରାଟାଣ ହେଲେ ଲହଡ଼ି ଭାଙ୍ଗିବ। ଫେର୍ ଶୋଇବ। ବେଳାଭୂମୀରେ ମଦ ପିଇବା ମନା ହେଲା। ଗୋଟିଏ ସରଳ ସମାଧାନ ବାହାର କଲା। ସାଧୁ ଚାଟବାଲାକୁ ଡ୍ରଏଟ୍ ଗୋଟିଏ ଦେଇଦେବ। ସାଧୁ ଜାଣେ ସାର ସମୁଦ୍ରରେ ଗାଧୋଇ ସାରିଲେ ହାଫ୍ ପ୍ଲେଟ୍ ଚାଟ୍ ଓ ଗୋଟିଏ ପେଗ୍ ଡ୍ରଏଟ୍ ନେବେ। ପାଖକୁ ଆଣିଦେବ। ସାର୍ ପିଇଦେଇ ବାଲିରେ ଗଡ଼ିବେ। ତିନିଟା ବେଳକୁ ହୋଟେଲକୁ ଫେରିବେ ଆଉ ମୋରେ ଫୋନ୍ କରିବେ, 'ପୁରୀରେ ଅଛି'।

- ଭୁବନେଶ୍ବର ଆସିବୁ ?

- ମୋ କାମ ସାରିଦେଲାଣି। ସପ୍ତାହେ ହେବ ସେ ଆସିଥିବ। ତା'ର ପାରିଶ୍ରମିକ ସେ ସଂଗ୍ରହ କରିବ। କେଉଁ ରତ୍ନପଥର ବେପାରୀ ତା'ର କମିଶନ୍ ଟଙ୍କା ରଖିଦେଇଥିବ। କେଉଁ ଏଜେନ୍ସିକୁ ଫଟୋ ଦେଇଥିବ, କେଉଁ କଳାକାର କି କାହାଉ ସମ୍ବଲପୁରୀ ପାଟ ଦେଇଥିବ କି କାହାକୁ ନିଜର ଗବେଷଣା କରିଥିବା ପ୍ରବନ୍ଧ। ନିଜର ଟଙ୍କା ସଂଗ୍ରହ କରି ସାରିଲା ପରେ ସେ କିଛି ଲୋକଙ୍କୁ ଏମ.ଓ. (ମନି ଅର୍ଡ଼ର) କରିବ, ଯେଉଁମାନଙ୍କ ପାଇଁ ଟଙ୍କାର ଆବଶ୍ୟକତା ଥିବ। କେଉଁ ଛାତ୍ରର କଲେଜ୍ ଫି, କାହାର ଔଷଧ ତ କାହାପାଇଁ ଶାଢ଼ୀ। ତା'ପରେ ବୁଲିବ ଲାଇବ୍ରେରୀ, ସଂଗ୍ରହାଳୟ ପୁରୁଣା ବହି ବିକୁଥିବା ଦୋକାନମାନଙ୍କୁ। ସଂଗ୍ରହ କରିବ ବହି, ଜେରକ୍ସ କରିବ ତା'ର ଦରକାରର ପାଠମାନଙ୍କୁ। ଟିକିଏ ସମୟ ପାଇଲେ ପଢୁଥିବ। ପଢୁ ତ ନଥିବ; ଖୋଜୁଥିବ ଯେମିତି କେଉଁ ଶବ୍ଦରେ ତା'ର ଅସ୍ତିତ୍ବକୁ।

ଦିନେ ସେ ପୁରୀରେ ଥାଏ। ମୋ ଅଫିସକୁ ଫୋନ୍ କଲା। ମୁଁ କହିଲି ଆଜି ରାତି ଏଗାରଟା ବେଳକୁ ତୋ ପାଖକୁ ଯିବି। ତୋ ପାଇଁ ଦୁଇଦିନ ଛୁଟି ନେଇଛି। ସେ ଖୁଶି ହୋଇଗଲା। ମୁଁ, ସେ ରହୁଥିବା ହୋଟେଲକୁ ଗଲି। ସେ ନଥିଲା। ରିସେପ୍‌ସନରେ କହିଦେଇଥିଲା। ମୋର ତାକୁ ଅପେକ୍ଷା କରିବା ଛଡ଼ା ଅନ୍ୟ କାମ ନଥିଲା। ବଏ ଆସି ପଚାରିଲା, 'ଖାଇବା ଆଣିବି ସାର୍ ?'

ନା

ଆଉ କିଛି ?

ନା, ରାଜ୍ କୁଆଡ଼େ ଗଲା ?

ମନ୍ଦିରକୁ।

ମୁଁ ହସିଦେଲି। 'ଭାଣ୍ଡ'ର କାରନାମାରେ ଯେମିତି ହସ ଲାଗେ।

ଖାଇଲାଣି?

ନା, ତାଙ୍କ ପାଇଁ ମନ୍ଦିରରୁ ଭୋଗ ଆସେ।

ମୋତେ ହସ ମାଡୁଥାଏ। ମୋର ଓଠ ପ୍ରସାରିବା ପାଇଁ ଯେମିତି ମୋର ଆଦେଶକୁ ଅପେକ୍ଷା କରୁନଥାଏ।

ହଉ, ତୁ ଯା! ମୁଁ ଶୋଇବି।

ମୁଁ ବିଛଣାରେ ଗଡ଼ି ଗଡ଼ି ରାଜର କଥା ଭାବୁଥାଏ। ଏତେ କ୍ଷିପ୍ର ଅଥଚ ନିଶ୍ଚଳ ରହିଛି କେମିତି? ତା' ପ୍ରତି ସମସ୍ତ ଉପଦେଶକୁ ସେ ତର୍କର ସହ ଉପେକ୍ଷା କରେ। ମୁଁ ବୁଝିପାରେନି ଲାଗେ ଯେମିତି ପ୍ରକୃତି ତା'ପାଇଁ କିଛି ଗୋଟେ ସାଇତି ରଖିଛି। ସେ ପାଉନି। ଖୋଜୁଛି।

ବେଲ୍ ବାଜିଲା। ନିଦ ଭାଙ୍ଗିଗଲା। ମୁଁ ଶୋଇପଡ଼ିଥିଲି କେତେବେଳୁ। ଟିଭି ଚାଲିଛି। କବାଟ ଖୋଲିଲି। ରାଜ୍ ମୋତେ କୁଣ୍ଢେଇ ପକେଇଲା।

ଶଃ... ତୁ କଣ ସବୁ କରୁଛୁ ମୁଁ ବୁଝିପାରୁନି।

ମୋ ଆଖିକୁ ଏକ ଲୟରେ ଚାହିଁଲା। ସମୁଦ୍ର ଯେମିତି ଥିର ହୋଇଯାଇଛି। ଧରି ନେ ଜଗନ୍ନାଥ କେହି ନୁହେଁ। କିଛି ଲୋକ ଯେଉଁମାନେ ଖୋଜୁଛନ୍ତି ସେମାନେ ଚାରୋଟି କାଠରଖି ତାକୁ ପରମାତ୍ମାର ପରିବାର କରିଛନ୍ତି। କୋଟି କୋଟି ଲୋକ ଖାଲି ପେଟରେ ରାତି କାଟିଲା ବେଳେ ତାକୁ ତୁଷ୍ଟ କରୁଛନ୍ତି। ନିଃସର୍ତ୍ତ! ପରମାତ୍ମାଙ୍କୁ ସଙ୍ଖୋଳିବାର ଧୃଷ୍ଟତା ସେ ମୂର୍ତ୍ତିକୁ ଜଗନ୍ନାଥ କରିଦେଇଛି। ଏତେବେଳେ ହିଁ ଜଗନ୍ନାଥ ମୋତେ ଜୀବନ୍ତ ଲାଗେ...

ମୁଁ ବୁଝିପାରୁନଥାଏ। ତା'ର ଆଖିକୁ ଦେଖିଲି। ସମୁଦ୍ର ତରଙ୍ଗିତ ହେଉଛି। ତା'ର ଲହଡ଼ିର ଛନ୍ଦରେ ଢାଙ୍କି ଦେଉଛି ଅନେକ ରୋମାଞ୍ଚିତ ରହସ୍ୟ। ଜଗନ୍ନାଥ ପରି, ଆକାଶ ପରି।

ସକାଳ ହେଲା। ମୁଁ ଉଠି ଖବର କାଗଜ ପଢୁଥାଏ, ଚା' ପିଇ ପିଇ। ରାଜ ଶୋଇଥାଏ। ନଅଟା ବାଜିଲା। ଗୁଡ୍ ମର୍ଣ୍ଣିଂ!

ଶଃ.. ନଅଟା ବାଜିଲାଣି।

ଉଠେଇଲୁନି।

ଉଠ! ଚା' ପିଇ ପରେ କଥା ହେବା।

ମୋର ଛୁଟି ଥାଏ। କୋଣାର୍କଗଲୁ। ଆମେ ନିଜ ନିଜର କଥା ହେଉଥାଉ କେବଳ।

ମନ୍ଦିରର ସେ ସେହି ମୂର୍ତ୍ତିମାନଙ୍କ ପାଖରେ ଅଟକିଲା ଯେଉଁଠି କେହି ରହନ୍ତି ନାହିଁ, ହେଲେ ରହିବାର ପ୍ରବଳ ଇଚ୍ଛା ରଖନ୍ତି।

ଚାଲ ଯିବା। ଆଖପାଖରେ ଚାଲୁଥିବା ଲୋକଙ୍କୁ ଦେଖି ମୋତେ ଲାଜ ଲାଗୁଥାଏ।

ଆ, ଦେଖ ! ମୋତେ ବାଧ କରି ଦେଖାଇଲା। ଦେଖ ! ଏତେ ଅନ୍ତରଙ୍ଗ ମୁହୂର୍ତ୍ତରେ ବି ଏମାନଙ୍କ ମୁହଁରେ କୁତ୍ସିତର ଚିହ୍ନ ଦେଖିପାରୁଛୁ ?

ପାଖ ଆଖରେ ଯା'ଆସ କରୁଥିବା ଲୋକଙ୍କୁ ଦେଖି ମୁଁ ଅପ୍ରସ୍ତୁତ ହୋଇ ଉଠୁଥାଏ। ତା'ର ଦର୍ଶନ ବୁଝିବା ମୋର ପାଇଁ ଧାର୍ଯ୍ୟ ନଥାଏ ଅବଶ୍ୟ। ମୁଁ ଏକ ପ୍ରକାର ଟାଣି ଆଣିଲି ତା'କୁ।

ଚାଲ ଯିବା।

ସେ କିନ୍ତୁ ଆସିବାକୁ ଚାହୁଁନଥିଲା ! ମୁଁ ତାକୁ ଏକା ଛାଡ଼ି ପଳାଇ ଆସିଲି। କିଛି ସମୟ ପରେ ସେ ମୋ ପାଖକୁ ଆସିଲା। ଖାଇବାପାଇଁ ଓଟିଡ଼ିସି ହୋଟେଲକୁ ଗଲୁ।

କେବେ ବାହା ହେବୁ ରାଜ ?

ଅଚାନକ !

କାହାକୁ ଦେଖିଛୁ ?

ଏତେ ଯୋଗ୍ୟତା ମୋର କାହିଁ ସାଙ୍ଗ ! ଘରେ ଯାହାକୁ ଆଙ୍ଗୁଳି ଦେଖେଇଲେ ତାକୁ ବାହାହେବି।

ତୋର ନିଜର ପସନ୍ଦ ବି ତ ଅଛି।

ମୋର ପସନ୍ଦକୁ ତୁମେମାନେ କେବେ ବୁଝିବାକୁ ଚେଷ୍ଟା କରିଛ ?

ସାଏଁ କିନା ମୋ ଆଖି ସାମ୍ନାରେ କଣ ଗୋଟେ ପଳେଇଲା ଯେମିତି। ଆମେ ପୁରୀ ପହଞ୍ଚୁ ପହଞ୍ଚୁ ସନ୍ଧ୍ୟା ପାଞ୍ଚଟା ହୋଇଗଲା। ଦୁହେଁ ଗାଧୋଇଲୁ। ବସିକରି ଚା' ପିଉଛୁ। ମୁଁ ପଚାରିଲି ତାସ୍ଥଳରେ, 'ମନ୍ଦିର ଯିବୁ'?

ହଁ ! ତୁ ବି ଯାଉଛୁ।

ମୁଁ କଣ କହିବି ଭାବି ପାରିଲି ନାହିଁ। ଆମେ କେବେ ଭେଟ ହୋଇ ପାରୁନୁ। ମୋର ଛୁଟି ଅଛି। ପ୍ଲିଜ୍ ଆଜି ଏଇଠି ରହିବା।

ଦୋସ୍ତ ମୋତେ ସେଠାରେ ପାଞ୍ଚ ମିନିଟ୍ ସମୟ ଦେବୁ। ଖରାପ ଲାଗିଲେ ଦୁହେଁ ପଳାଇ ଆସିବା। ଓକେ !

ବେଲ୍ ବାଜିଲା। ରାଜ ଉଠି କବାଟ ଖୋଲିଲା। ଜଣେ କଳାବାଙ୍ଗରା ଲୋକ ପଶିଲା କୋଠରୀକୁ। ନମସ୍କାର କଲା ଦୁହିଁଙ୍କୁ।

ରାଓ, କେମିତି ଅଛୁ ?

ସବୁ ଠିକ୍ ଅଛି ସାର ! ସାତଟା ବେଳକୁ ଆସିବେ। ସେ ଯିବାକୁ ଚାହୁଁଥିଲା।

ଚା' ପିଇକରି ଯାଅ। ବଏ ଚା' ଆଣିଦେଲା। ରାଓ ଓ ରାଜର କେମିଷ୍ଟ୍ରି ମୋତେ ନୂଆ ଲାଗିଲାନି। ମୋ ଅଲକ୍ଷରେ ଚାଲୁଥିବା ଚିରାଚରିତ ଘଟଣାଟାଏ ଯେମିତି। ଚା' ପିଇଦେଇ ରାଓ ଚାଲିଗଲା।

ସେ କ'ଣ ଠିକ୍ କରିଛି ?

ମୋତେ କିଛି କହିଲାନି। ମୋ ହାତକୁ ଲଫାଫାଟିଏ ବଢ଼େଇ ଦେଲା। ମୁଁ ଖୋଜି ଦେଖିଲି ଗୋଟାଏ ଆଲବମ୍। କୋଣାର୍କର ସେ ଚିତ୍ରମାନଙ୍କର ଯାହାକୁ ମୁଁ ତା'ସାଙ୍ଗରେ ଦେଖିନଥିଲି।

ଏଇଟା କି ବଦମାସି?

ମନ୍ଦିରରେ ଭଲ ନ ଲାଗିଲେ ତୁ ଫେରିଆସି ଏହାକୁ ଦେଖିବୁ। ଯୁଗଳ ମୂର୍ତ୍ତିର ମୁହଁକୁ ଦେଖିବୁ। ସେଥିରେ ଯଦି ଆବିଳତା କିଛି ଦେଖୁ ତା'ହେଲେ ତୁ ଯାହା କହିବୁ ମୁଁ ମାନିବି।

କଣ କହିବାକୁ ଚାହୁଁ ?

ଏହା ବି ଆରାଧନା ଅଟେ। ମୁଁ ଆଲବମକୁ ଖଟରେ ରଖିଦେଲି। ସେ ମୋ ହାତକୁ ଧରି କହିଲା, 'ସାଙ୍ଗ ! ରଖିପକା'। ମୁଁ ତା'ର ଆଖିକୁ ଦେଖି ମନାକଲିନି, ରଖିଲି।

ରାଜ ନିକର ଓ ଟି-ସାର୍ଟ୍ ପିନ୍ଧିଲା। ମୋତେ ବି କହିଲା ପିନ୍ଧିବାକୁ। ସାତଟାକୁ ଦଶମିନିଟ ଥାଏ। ମୁଁ ଚପଲ ପିନ୍ଧୁଥିଲି, ସେ ମନାକଲା। କହିଲା ମନ୍ଦିରକୁ ଚପଲ ନିଅନ୍ତି ନାହିଁ। ରାଓ ଦଉଡ଼ି ଆସିଲା, ଆମ ପାଖକୁ, ' ଆଜି ପାଗ ଭଲ ଅଛି ସାର ! ଆରାମରେ ରାତି କଟିବ।'

ମୋତେ ଅବାଗିଆ ଲାଗୁଥାଏ କଥାମାନ ସବୁ। ମୁଁ ମନେ ମନେ ଠିକ୍ କରିଥାଏ ଇଏ ଯଦି କିଛି କରେ ମୁଁ ପଳାଇଆସିବି।

ଚାଲୁ ଚାଲୁ ଆମେ ସମୁଦ୍ର ଭିତରକୁ ଯିବାକୁ ପ୍ରସ୍ତୁତ ଗୋଟିଏ ମାଛମରା ଡ଼ଙ୍ଗା ପାଖକୁ ପଳାଇ ଆସିଲୁ। ମୁଁ କିଛି ବୁଝିପାରୁନଥାଏ। ଡଙ୍ଗାରେ ବସିଲୁ ଡଙ୍ଗା ସମୁଦ୍ର ଭିତରକୁ ଗଲା। ଆଠଟା ବେଳକୁ ଆମେ ସମୁଦ୍ର ଭିତରେ ଥାଉ।

ରାଓ, ଜଣେ ଶ୍ରମିକ। ସେ ଆନ୍ଧ୍ରପ୍ରଦେଶର। ସମୁଦ୍ରରେ ମାଛମାରେ। ତା'ର ଛୋଟ ଡ଼ଙ୍ଗାରେ ସାରା ରାତି ସମୁଦ୍ରକୁ ଛାଣି ଆଣେ। ସ୍ତ୍ରୀ ଉର୍ବଶୀ ଆସିଲା ପରେ ରାଓକୁ ଲାଗେ ସମୁଦ୍ରର କେଉଁ ଦୈତ୍ୟ ଉର୍ବଶୀର ତମାମ ଐଶ୍ବର୍ଯ୍ୟକୁ ନେଇ ଲୁଚେଇ ଦେଇଛି ଗଭୀର ପାଣିରେ। ଜାଲରେ ଯାହା ପଡ଼ିଲା ସବୁ ଉର୍ବଶୀର ସମ୍ପତ୍ତି।

ଦିନେ ରାତିରେ ସମୁଦ୍ର ଭିତରେ ବୋଲ ମାନିଲାନି ରାଓର ଡଙ୍ଗା। ଅବେଳରେ ଘରକୁ ଫେରିଲା। ଅଦୂରରେ ହୋ ହଲ୍ଲା ଶୁଭୁଥାଏ। ବସ୍ତିକୁ ଗଲା। ଏ କ'ଣ? ଭଙ୍ଗାରୁଜା ବସ୍ତି। ସବୁ ବୁଝିଗଲା ରାଓ। ଦୁଇବର୍ଷ ହେଲା ସେମାନେ ଲଢୁଥିଲେ। ସେଠାରେ ଲଞ୍ଚ ତାଙ୍କ ଜାଲକୁ କାଟୁଥିଲା। ସେ ରାଓର ଡଙ୍ଗାଠୁ ଶହେଗୁଣ କ୍ଷୀପ୍ର ରାତିସାରା ସମୁଦ୍ରରେ ବୁଲୁଥିଲା। ଏମାନଙ୍କ ଜାଲ କାଟୁଥିଲା। ଘରେ ପରିବାରର ବି ପେଟ କାଟିବାକୁ ପଡୁଥିଲା। ବସ୍ତିବାଲା ଏକ ହେଲେ। ଦୁଇଟି ଜାଗା ମାଗିଲେ। ଗୋଟିଏରେ ଲଞ୍ଚ ଚାଲିବ ଅନ୍ୟଟିରେ ଡଙ୍ଗା। ଏପରି ହୋଇଥିଲା। ନାନା ଖଳପେଞ୍ଚ କରୁଥିଲା ସେଠ। ସେଇଦିନ ସବୁ ସାରିଦେଇଥିଲା। ଘର, ଡଙ୍ଗା ସବୁ ଭାଙ୍ଗି ଦିଆଯାଇଥିଲା। ବସ୍ତିର ଜାଲସବୁ ପୋଡ଼ି ଦିଆଯାଇଥିଲା। ଆଠଜଣ ମରିଥିଲେ। ସେ ଭିତରେ ଥିଲା ଉର୍ବଶୀ।

ପୁରୀରେ ଗୋପନରେ ରହେ ରାଓ। ରିକ୍ସା ଚଳାଏ। ରାଜ କେମିତି ଏହାକୁ ଆବିଷ୍କାର କଲା ମୁଁ ଜାଣେନି। ହେଲେ ସମୁଦ୍ର ଭିତରେ ରାଓର କଥାରୁ ଏତିକି ଜାଣିହୁଏ ଯେ ରାଓ ସମୁଦ୍ରର ଭାଷା ବୁଝେ। ରାଜ ପାଇଁ ଗୋଟିଏ ଡ଼ଙ୍ଗା ଭଡ଼ାନେବ। ରାଜ ଓ ରାଓ ସମୁଦ୍ର ଭିତରେ ସାରାରାତି ରହିବେ। ବିଚ୍ ପୋଲିସ୍‌ର ଏମାନଙ୍କ ପ୍ରତି ଅଙ୍କୁଶ ନଥିବ। ସମୁଦ୍ର ଭିତରେ କେହି ଚିହ୍ନନ୍ତିନି ରାଜ ଓ ରାଓଙ୍କୁ। ହେଲେ ଏ ଦୁହେଁ ସମୁଦ୍ରକୁ ଚିହ୍ନନ୍ତି।

ରାଓ ତିନୋଟି ଗ୍ଲାସ୍ ରଖିଲା। ହ୍ବିସ୍କି ଢାଳିଲା ଦୁଇଟି ଗ୍ଲାସରେ। ଗୋଟିଏ ବୋତଲ କାଢ଼ି ଅନ୍ୟ ଗ୍ଲାସରେ ଢାଳିଲା ରାଓ।

ଆରେ ଇଏତ ମହୁଲି !

ମତେ ପାଣିମିଶା ବାଲା ଠିକ୍ ଲାଗେନି ବାବୁ। ବାବୁ ପୁରୀ ଆସିଲେ ଖାସ୍ ମୋ ଲାଗି ଆଣେ। ରାଓ ଖୁସିହୁଏ ମହୁଲି ବୋତଲ ପାଇ। ତା ପାଇଁ ଖାସ୍ ତା ପାଇଁ ଆଜି ବି ପୃଥିବୀରେ କିଛି ଶେଷ ରହିଯାଇଛି। ଆମର ଡଙ୍ଗାଟି ସମୁଦ୍ର ଭିତରେ ଦୋହଲୁଥାଏ। ରାଓ ମଝିରେ ମଝିରେ ଏକ ରକମ ବାଧ କଲାଭଳି ଅଦା ଖୁଅଉ ଥାଏ ଆମକୁ। ସି-ସିକ୍ ନ ହେବାକୁ।

ରାଓ, ତୁମେ ରିକସା ଚଳାଅ କାହିଁକି ? ପ୍ରକାରାନ୍ତେ ମୋର ପ୍ରଶ୍ନ ଥିଲା ସମୁଦ୍ରକୁ ପରକଲ କାହିଁକି ? ନବମୀର ଜହ୍ନରେ ରାଓର ମୁହଁ ବିଷର୍ଣ୍ଣ ଦିଶିଲା। ଖଣ୍ଟି ଓଡ଼ିଆରେ ଯାହା କହିଲା, ତା'ର ଅର୍ଥ ଥିଲା ଉର୍ବଶୀର ସତ୍ତା ସାରା ସମୁଦ୍ରକୁ ବ୍ୟାପିଯାଇଥିଲା। ସେଠର ଲୋକ ତା'ର ବସ୍ତିକୁ ଜାଳିଥିଲେ। ସେ ଦେଖିଲା ତା'ର ଘର ସହ ଉର୍ବଶୀ ବି ଜଳିଯାଇଛି। ଉର୍ବଶୀ ଜଳନ୍ତା ଘରକୁ ଛାଡ଼ିନଥିଲା। ସମୁଦ୍ର ତା'କୁ ବାଧ କରୁଥିଲା କୂଳକୁ ଫେରିବାକୁ। ଉର୍ବଶୀକୁ ବଞ୍ଚେଇବାକୁ। ସେ ଗଲାନି। ସମୁଦ୍ର ରାଓକୁ ସ୍ନେହ

କରେ। ରାଓ ସମୁଦ୍ରକୁ ସମ୍ମାନ କରି ପାରିଲାନି। ଆଉ କାହାପାଇଁ ଯିବ ସମୁଦ୍ରକୁ ! ଉର୍ବଶୀର ସମସ୍ତ ଐଶ୍ବର୍ଯ୍ୟ ସମୁଦ୍ର ଭିତରେ ଥାଉ। ସେଇଟା ତା'ର। ରାଓର ଅଧିକାର ନାହିଁ କାହାକୁ ହାତ ଦେବା।

ରାଜ ସଙ୍ଗେ ଆସ କାହିଁକି ?

ବାବୁ ସାଙ୍ଗେ ରାତି ବିତେଇଲେ ଲାଗେ ଉର୍ବଶୀ ପାଖରେ ବସିଛି। ରାଓର ଆଖି ଲମ୍ବିଯାଏ ସମୁଦ୍ର ଓ ଆକାଶ ମିଶିଥିବା ସନ୍ଧି ଭିତରକୁ। ସତେକି ସେପଟେ ହିଁ ଉର୍ବଶୀ ଯାଇଛି।

ଏଇଟା ତୁମର ଭୁଲ ରାଓ। ଏମିତି ସ୍ବପ୍ନରେ ବଞ୍ଚିବା ଠିକ୍ ନୁହେଁ।

ବଞ୍ଚିବାକୁ ବାକି କ'ଣ ଥିଲା ବାବୁ? ଏ ବାବୁ ବଞ୍ଚିବାକୁ ସୁଯୋଗ ଦେଉଛି। ସମୁଦ୍ର ଭିତରକୁ ମୋତେ ବାଧ କରି ଧରି ଆଣିଲା। ଉର୍ବଶୀର ଗୋଟି ଗୋଟି କଥା ପଚାରିଲା। ମୁଁ ସମୁଦ୍ରକୁ ଡ଼େଇଁ ମରିଥାନ୍ତି। ତା'ର କଥାରେ ମୋର ଛାତିରେ କଷ୍ଟ ହେଉଥାଏ। ମୁଁ ରଡ଼ିକରି କାନ୍ଦୁଥାଏ। ମୁଁ କାନ୍ଦି କାନ୍ଦି ଶୋଇପଡ଼ିଲି। ଏଇ ଡଙ୍ଗା ଉପରେ। ବିଶ୍ବାସ କରିବୁନି ବାବୁ ମୁଁ ଡଙ୍ଗାରେ ଶୋଇ ନଥିଲି ରାତି ସାରା, ଉର୍ବଶୀର କୋଳରେ ଶୋଇଥିଲି। ସେ ମୋର ମୁଣ୍ଡ ଆଉଁସି ଦେଉଥିଲା।

ରାଓ ଆହୁରି ପିଇଲା। କେଉଁ ଗୋଟିଏ ଗୀତ ଗାଇଲା। ବୁଝି ହେଉନଥାଏ ହେଲେ ସମୁଦ୍ରର ଛାତିର ନିରବତା ଚିରି ରାଓର ଗୀତରୁ ଟାଙ୍କୁରେଇବା ପାଇଁ ଯଥେଷ୍ଟ ଥିଲା।

ରାଜ ଏଠାକୁ ଆସେ ପିଇବାକୁ କେବଳ ?

ଡଙ୍ଗାରେ ଠିଆ ହେଲା ରାଜ। ଏକ ଲୟରେ ଦେଖିଲା କୂଳର ସହରକୁ। ନବମୀର ଜହ୍ନରେ ତା'ର ଆଖି ଦୁଇଟି ଖୁବ୍ ଗଭୀର ଦେଖାଯାଉଥିଲା। ଏତେ ଗଭୀର ଯେ ତା'ଭିତରେ ସମୁଦ୍ର ଥିଲା, ମୁଁ ଥିଲି ଆଉ ଆମର ଛୋଟ ଡଙ୍ଗା। ରାଜ ସେମିତି ଠିଆ ହୋଇଥାଏ। ଡଙ୍ଗା ଦୋହଲୁଥାଏ। ପୁରୀକୁ ଚାହିଁ କହିଲା, 'ସୁଲତାନା'। ଯେମିତି ଏ ଶବ୍ଦ ତା ମୁହଁରୁ ବାହାରୁ ନଥିଲା। ସାରା ସମୁଦ୍ର ସମବେତ ଉଚ୍ଚାରଣ କରୁଥିଲା ଯେମିତି। କିଏ ଏ ସୁଲତାନା ?

ରାଜ ଠିଆ ହୋଇଥାଏ। ରାଓ ମୋତେ ବୁଝେଇଲା। ବାବୁ ଏ ବାବୁ ତା ସୁଲତାନା ସାଙ୍ଗରେ କଥାହୁଏ ଆଉ ମୁଁ ଉର୍ବଶୀ ସାଙ୍ଗେ। ଆଜି ତୁମେ ଅଛ। ଉର୍ବଶୀ ଆସିବନି। ମତେ ଏ ସବୁ ପାଗଳାମୀ ଲାଗିବା ଉଚିତ। ଏହା ପାଗଳାମୀ ଅଟେ। କଣ କରିବି ବାଧ ହୋଇ ରହିଲି। ରାଜ ଠିଆ ହୋଇଥାଏ। ତା'ର ଗ୍ଲାସ ଖାଲି ହେଲେ ରାଓ ତିଆରି କରି ପେଗ୍ ଭରିଦେଉଥାଏ। ଆମକୁ ଖାଇବାର ଆବଶ୍ୟକତା ନଥାଏ। କେମିତି ଖାଇବି? ଦୁଇଟି ପାଗଳ, ମଝି ସମୁଦ୍ର। ମୁଁ ଭାବୁଥାଏ ରାଜକୁ କେଉଁ ସାଇକିଆଟ୍ରିଷ୍ଟ ପାଖକୁ ନେବି ନିଶ୍ଚୟ...

ମୁଁ ଶୋଇବାର ଚେଷ୍ଟା କରୁଥାଏ। ବେଳେ ବେଳେ ଭୟରେ ମୋର ଝପ କରି ଲାଗିଆସୁଥିବା ନିଦ ଭାଙ୍ଗିଯାଉଥାଏ। ରାଓ ମତେ ବୁଝଉଥିଲା। ସେ ଯାହା କହିଲା, ରାଜ ଅନେକ ଥର ଏମିତି ଆସେ। ଜଗନ୍ନାଥ ଶୋଇଗଲାପରେ ସୁଲତାନା କବିତା ଲେଖେ। ଗଭୀର ରାତି ସମୁଦ୍ର ଓ ଜଗନ୍ନାଥ ଶୋଇପଡ଼ନ୍ତି। ସୁଲତାନା ବିଛଣା ଛାଡ଼ି କବିତା ଲେଖେ। ରାତି ଶେଷନାଗପରି ସୁଲତାନାକୁ ଫଣାଟେକି ସୁରକ୍ଷା ଦିଏ। ରାଜ ସମୁଦ୍ର ଭିତରେ ଚଞ୍ଚଳ ଶବ୍ଦମାନଙ୍କୁ ସୁଲତାନା ନିକଟକୁ ଯିବାକୁ କାକୁତି ହୁଏ। ସେ ସୁଲତାନାର ଶବ୍ଦମାନଙ୍କ ପ୍ରହରୀ ହୁଏ। ସମ୍ଭ୍ରାନ୍ତ ଶବ୍ଦମାନେ ଧିରେ ଧିରେ ସୁଲତାନା ପାଖକୁ ଯାଆନ୍ତି। ରାଜ ଏତେ କାମ କରେ ଯେ କେତେବେଳେ ଶୋଇପଡ଼େ ସେ ବି ଜାଣେନି କ୍ଳାନ୍ତିରେ। ତା'ର କ୍ଳାନ୍ତି ସଂସାର ଜଗୁଥିବା ଜଗୁଆଳିଠୁ ବି ବଳିଯାଇଥାଏ।

ମୋର ନିଦ ଉଡ଼ିଗଲା। ଯେ ଭଲ ପାଉଛି? ଏସବୁ ତା'ର ପ୍ରତିକ୍ରିୟା।

ଆଚ୍ଛା ରାଓ ! ସେ ଝିଅଟା କେମିତି ଦିଶେ ?

କଉ ଝିଅ ବାବୁ ?

ସୁଲତାନା।

ରାଓ ହସିଲା, ବହୁତ ହସିଲା। ଜୋରରେ ହସିଲା। ମୁଁ ଆଶ୍ଚର୍ଯ୍ୟ ହୋଇଗଲି। ମୁଁ ଏମିତି କଣ କହିଦେଲି ଯେ ଯେ ପାଗଳ ପରି ହସୁଛି।

ଆରେ ହସୁଛୁ କାହିଁକି ?

ସୁଲତାନା ବୋଲି କିଏ ଥିଲା ସିନା ଦିଶନ୍ତା ବାବୁ ! ରାଓ ଆହୁରି ହସିଲା।

ତମେ ଦି ଜଣ ଯାକ ପାଗଳ। ମୁଁ ଶୋଇପଡ଼ିଲି।

୨୬ ଫେବୃଆରୀ ସକାଳ, ମୁଁ ରାଜକୁ ଏୟାରପୋର୍ଟରେ ଛାଡ଼ିଦେଇ ଆସିଲି, ସେ ରାୟପୁର ଯିବ ଆଉ ମୁଁ ମୋ ଗନ୍ତବ୍ୟ ସ୍ଥଳକୁ।

ରାଜ, ସୁଲତାନା କେମିତି ଅଛି? କଣ କହିବି ମୁଁ ଜାଣିନଥାଏ। ଏ ଛନ୍ଦକପଟର ଗଣିତ ସମାଧାନ କରୁ କରୁ ମୋ ଭିତରେ ବି କେଉଁ ସୁଲତାନାର ଅଭାବ ଜଣାପଡୁଥାଏ।

ସତର ବର୍ଷପରେ ସୁଲତାନା ମନେ ପଡ଼ିଲା?

ତା ଓଠରେ ସେ କୌମାର୍ଯ୍ୟର ହସ ଯାହାକୁ କେଉଁ ସୁଲତାନା ପ୍ରଥମ କରି ଛୁଇଁଛି। ଆଖି ଗଭୀର ଖୁବ୍ ଗଭୀର ଆଉ ପ୍ରଶାନ୍ତ। ଠିକ୍ ସେମିତି ଯେମିତି ଜଗନ୍ନାଥଙ୍କ ପହଡ଼ ଦେଖି ଫେରିଥିଲା; ସମୁଦ୍ର ଭିତରେ କବିତା ଲେଖୁଥିବା ସୁଲତାନାର ଶବ୍ଦମାନଙ୍କୁ ଜଗୁଥିଲା; କୋଣାର୍କର ଯୁଗଳ ମୁଦ୍ରାରେ ଥିବା ସେ ତଥାକଥିତ ନିଶିଦ୍ଧ ଯୁଗଳମୂର୍ତ୍ତିମାନଙ୍କ ଆଖି।

# ରାକ୍ଷୀ



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ରମେଶ କଟକ ବଡ଼ ଡାକ୍ତରଖାନାରେ ଏବେ ସ୍ପେଶାଲିଷ୍ଟ। ଆଉଟ୍ ଡୋର୍‌ରେ ବସି ରୋଗୀ ଦେଖୁଥିବା ସମୟରେ ଭାରୀ ବିକଳ ହେଉଥିବା ଜଣେ ଝିଅକୁ ସେ ଝରକା ସେପାଖରୁ ଦେଖିଥିଲା। ମୋ ବାପାକୁ ବଞ୍ଚେଇ ଦିଅ ବୋଲି ସେ ନେହୁରା ହେଉଥିଲା। ସର୍ଜରୀ ବିଭାଗରେ ବସିଥିବା ରମେଶ ଦେଖୁଥିବା ମେଡ଼ିସିନ୍ ୱାର୍ଡ୍ ପାଖରେ ସାମାନ୍ୟ ଭିଡ଼ ଭିତରେ ସେ ଝିଅଟା ଲୁହ ଛଳ ଛଳ ହୋଇ ନେହୁରା ହେଉଥିଲା। ଅତ୍ୟନ୍ତ ଦୁର୍ବଳ ବାପାକୁ ସେ ଷ୍ଟ୍ରେଚର୍‌ରେ ଆଣି ଦେହ ଦେଖାଇବାପାଇଁ ଅପେକ୍ଷା କରିଥିଲା। ରମେଶ ସେପାଖକୁ ବେଶି ଧ୍ୟାନ ଦେଇ ପାରିଲା ନାହିଁ।

ଅପରାହ୍ନରେ ଡ୍ୟୁଟି ସାରିଦେଇ ବାହାରି ଯିବା ସମୟରେ ବନ୍ଧୁ ହରି ସହ ଦେଖା ହୋଇଥିଲା। ହରି ମେଡ଼ିସିନ୍ ସ୍ପେଷାଲିଷ୍ଟ। ତା'କୁ ସେ ବୁଢ଼ା ବିଷୟରେ ପଚାରିଲା। ହରି କହିଲା, 'ହାଇପର୍‌ଟେନ୍ସିଭ୍ ପାରାଲିସିସ୍ କେସଟା। ବ୍ଲଡ୍ ପ୍ରେସର ବଢ଼ିଯାଇଥିଲା ଏବେ ପାରାଲିସିସ୍ ହେଇଯାଇଛି।'

ଘରକୁ ଫେରିଲା ରମେଶ। ପୋଷାକ ପରିବର୍ତ୍ତନ କରିଦେଇ ଖାଇ ସାରିବା ପରେ, କିଛି ସମୟ ଘୁମେଇ ପଡ଼ିଥିଲା ସେ। ମନେ ପଡୁଥିଲା ଅନେକ ବର୍ଷ ତଳେ ତା'ସହ ଘଟିଥିବା ଏକ ଘଟଣା।

ଦଶ ବାରବର୍ଷ ତଳର କଥା, ରମେଶ ନୂଆ ନୂଆ ଡାକ୍ତର ହେବାପରେ ବାଲେଶ୍ବର ଜିଲ୍ଲାର ଏକ ସୁଦୂର ସ୍ବାସ୍ଥକେନ୍ଦ୍ରରେ ଚାକିରୀ ଆରମ୍ଭ କରିଥିଲା। ସେଇ ସମୟରେ ହସ୍ପିଟାଲରେ ଦିନରେ ଅତି ବେଶିରେ ଦଶ କୋଡ଼ିଏ ଜଣ ରୋଗୀ ଆସୁଥିଲେ, ବାକି ସମୟ ଖାଲି ଖାଲି ବିତିଯାଉଥିଲା। ସେଇ ସମୟର ଗୋଟିଏ ଘଟଣା ରମେଶକୁ ଆଜି ହଠାତ୍ ମନେପଡ଼ିଲା।

ରାତି ସାଢ଼େ ବାରଟା ହେବ, ହଠାତ୍ ଅଫିସ୍ କ୍ବାର୍ଟର କବାଟରେ କିଏ ଖଟ୍ ଖଟ୍ କରୁଥିବା ଶୁଣି ବାହାର ପଟର ଲାଇଟ୍ ଲଗେଇଲା ରମେଶ। ଘର ଭିତରୁ ଦେଖିଲା, ୧୫-୧୬ ବର୍ଷ ବୟସର ଝିଅଟେ ଠିଆ ହୋଇଛି। କଣ ହୋଇଛି ପଚାରିବା ପରେ ସେ କହିଲା, 'ମୋ ବାପାର ମୁଣ୍ଡ ଫାଟିଗଲା□' ତା'କୁ କହିଲା, 'ବାପାକୁ ନେଇ ହସ୍ପିଟାଲ୍‌କୁ ଯା ମୁଁ ଆସୁଛି।'

ଟର୍ଚ୍ଚ ଧରି ହସ୍ପିଟାଲ୍ ଆଡ଼କୁ ଗଲା। ଟେବୁଲ୍ ଉପରେ ବୁଢ଼ାଟିଏ ଶୋଇଥିଲା ପାଖରେ ସେ ଝିଅଟି ବସିଥିଲା। ବୁଢ଼ା ମୁଣ୍ଡରେ ଗାମୁଛାଟିଏ ବାନ୍ଧିଥିଲା। କବାଟ ଖୋଲି ଅପରେସନ୍

ଟେବୁଲ୍ ଉପରେ ବୁଢ଼ାକୁ ଶୁଆଇଲା। ଅଧଘଣ୍ଟା ଲାଗିଲା ତା ମୁଣ୍ଡରେ ଷ୍ଟିଚ୍ ଦେଇ ସିଲେଇ କରିବା ପାଇଁ। ଇଞ୍ଜେକ୍ସନ୍ ଦେଇସାରି କହିଲା,

- 'ଯାଅ, ଏବେ ଘରକୁ। ଦୁଇ ଦିନ ପରେ ଆସିବ।'

ଝିଅଟା ନିର୍ବାକ୍ ସେଇଠି ଠିଆ ହେଇଥିଲା।

ରମେଶ ପଚାରିଲା, 'କଣ ହେଲା?'

ଝିଅଟା କହିଲା, 'ଆଜ୍ଞା, ଏବେ ଗାଁକୁ ଯାଇ ହେବନି।'

- କାହିଁକି ?

- ଆଜ୍ଞା ଆମ ଗାଁ ଏଇଠୁ ଦଶ ମାଇଲ୍।

- ତା'ହେଲେ ଆସିଲୁ କେମିତି?

- ଆଜ୍ଞା, ବାପାର ମୁଣ୍ଡ ଫାଟିଥିଲା ବୋଲି ବୁଦ୍ଧିବାଟ ଦିଶୁଲାନି, ଚାଲି ଆସିଲି। ଏବେ ଡର ମାଡୁଚି।

ବୁଢ଼ା ଟେବୁଲ୍ ଉପରେ ଶୋଇଯାଇଥିଲା। ରମେଶ କହିଲା, 'ବାପାକୁ ଉଠା, ଆଉ ମୋ ସାଙ୍ଗରେ ଚାଲ୍।'

କ୍ବାର୍ଟରରେ ଆସି ଗାଡ଼ି ରହିବା ସ୍ଥାନରେ ସେ ଦୁଇଜଣଙ୍କୁ ବସେଇ ଦେଇ କହିଲା, 'ଏଠି ରହିଥା। ସକାଳ ହେଲେ ଚାଲିଯିବୁ।'

ରମେଶ ଘର ଭିତରକୁ ପଶି ଆସିଲା। କିଛି ସମୟପରେ ପୁଣିଥରେ ବାହାରକୁ ଗଲାବେଳେ ଦେଖିଲା ବୁଢ଼ା ଶୋଇପଡ଼ିଛି। ଝିଅ ତା' ପାଖରେ ବସି ବିଞ୍ଚିଦେଉଛି। ରମେଶ ପଚାରିଲା, 'କିଛି ଖାଇଚୁ ?' ସେ ମୁଣ୍ଡ ହଲାଇ ନାହିଁ ବୋଲି ଜଣେଇଲା। ଘର ଭିତରକୁ ପଶିଲା ଆଉ ବିସ୍କୁଟ୍ ମୁଠାଏ, ପାଣି ଗିଲାସେ ଧରି ନେଇ ତା'କୁ ଦେଲା। ସେ ସାମାନ୍ୟ ହସିଦେଇ ସେ ସବୁ ନେଇଗଲା। ରମେଶ କହିଲା, 'ମୁଁ ଭିତରେ ଅଛି। କଣ ଦରକାର ହେଲେ କବାଟ ଖଟ୍ ଖଟ୍ କରିବୁ।'

କିଛି ସମୟପରେ କବାଟ ଖଟ୍ ଖଟ୍ ହେବା ଶୁଣି ରମେଶର ନିଦ ଭାଙ୍ଗିଲା। ଦେଖିଲା ସକାଳ ହେଇ ଆସିଲାଣି। ବୁଢ଼ା ଠିଆ ହେଇଛି। ଝିଅ ଗିଲାସଟା ହାତକୁ ବଢ଼େଇ ଦେଇ କହିଲା, 'ଆଜ୍ଞା ଆମେ ଏବେ ଗାଁକୁ ପଳେଇବୁ।' ନିଦ ଭାଙ୍ଗିନଥିଲା। ତା'ହାତରୁ ଗିଲାସ ନେଇ କବାଟ ବନ୍ଦ କରି ପୁଣି ଶୋଇଗଲା।

ଦୁଇ ଦିନପରେ ହସ୍ପିଟାଲରେ ବସିଥିଲା ବେଳେ ପୁଣିଥରେ ସେ ବୁଢ଼ା ଆଉ ତା ଝିଅ ଆସିଲେ। ତା' ବ୍ୟାଣ୍ଡେଜ୍ ପଟି ଖୋଲି ସଫା କରିଦେଲା। ସେମାନେ ଫେରିଯାଉଥିବା ବେଳେ ଝିଅଟି କହିଲା, 'ଆଜ୍ଞା, ସେଦିନ ରାତିରେ ଆପଣ ଆମକୁ ବେଶି ସାହାଯ୍ୟ କଲେ। ଆପଣ ନଥିଲେ ମୋ ବାପା ବଞ୍ଚିନଥାନ୍ତା। ଆପଣ ଆମ ପାଇଁ ଭଗବାନ।' ନିଜର ପ୍ରଶଂସା ଶୁଣିବାକୁ ଭଲ ଲାଗୁଥିଲା, ହେଲେ ରମେଶକୁ ତା' ବାପାଙ୍କ କଥା ମନେ ପଡୁଥିଲା, 'ଗର୍ବ ମନୁଷ୍ୟକୁ ଧ୍ବଂସ କରିଦେବ।' ତେଣୁ ତା କଥାରେ ସାମାନ୍ୟ ହଁ ଭରିଦେଇ, ସେ ଅନ୍ୟ ରୋଗୀମାନଙ୍କୁ ଦେଖିବାରେ ଲାଗିଗଲା।

ସେଇ ସପ୍ତାହରେ ତିନି ଚାରିଥର ବୁଢ଼ା ଆଉ ତା' ଝିଅ ହସ୍ପିଟାଲ୍ ଆସିଥିଲେ। ସବୁଥର ଏଇ ଏକା କଥା। ଦିନେ କହିଲା, 'ତୋ ବାପାର ଦେହ ଏବେ ପୁରା ଠିକ୍ ହେଇଗଲାଣି। ଆଉ ଆସିବା ଦରକାର ନାହିଁ।' ତା ମୁହଁଟା ଉଜ୍ଜ୍ବଳ ହେଇଗଲା ଆଉ ହସଟେ ଖେଳିଗଲା। ବଡ଼ ଧନ୍ୟବାଦଟେ ଦେଇ ସେ ଚାଲିଗଲା। ସେଦିନ ଥିଲା ରାକ୍ଷୀ। ରମେଶ ରୋଗୀ ଦେଖିବାରେ ବ୍ୟସ୍ତ ହୋଇଯାଇଥିଲା। କିଛି ସମୟ ପରେ ସେଇ ଝିଅଟି ପୁଣିଥରେ ଆସିଲା। ରମେଶ ତା'କୁ ପ୍ରଶ୍ନିଳ ନୟନରେ ଦେଖୁଥିଲା। ସେ ରମେଶର ହାତକୁ ଆଗକୁ ଟାଣି ନେଇ ରାକ୍ଷୀଟିଏ ବାନ୍ଧିଦେଇଥିଲା। ଅପ୍ରତ୍ୟାଶିତ ଭାବରେ ଏମିତି ଘଟଣାଟିଏ ଘଟିଗଲା। ରମେଶ କଣ କହିବ ବା କରିବ ଭାବିବା ପୂର୍ବରୁ ଝିଅଟି ସେଠାରୁ ଚାଲିଯାଇଥିଲା। ହେଲେ ସେ ଯିବା ସମୟରେ ତା'ହସ ଆଉ ତା'ଆଖିର ସେଇ ଚମକ ରମେଶ ମନରେ ଅନେକ ବର୍ଷ ରହିଲା। ଅବଶ୍ୟ ସେଇ ହସ୍ପିଟାଲ୍‌ରେ ରହିବା ଭିତରେ ସେ ଝିଅ ଆଉ କେବେ ଆସିନି। ବୋଧ ହୁଏ ଦରକାର ପଡ଼ିନି। ଅନେକ ଥର ସେ ରମେଶ ପାଖକୁ ଆସିଥିଲେ ସୁଦ୍ଧା ତା'ନାଁ ସେ କେବେ ପଚାରି ବୁଝିନି।

ହଠାତ୍ ତା ନିଦ ଭାଙ୍ଗିଗଲା। ସେ ଶୀଘ୍ର ଶୀଘ୍ର ଉଠି ହସ୍ପିଟାଲକୁ ଚାଲିଲା। ମେଡ଼ିସିନ୍ ୱାର୍ଡ୍‌ରେ ଯାଇ ଖୋଜିଲା ଆଜି ସକାଳେ ଦେଖିଥିଲା ସେହି ବୁଢ଼ା ଆଉ ତା ଝିଅକୁ। ୱାର୍ଡ଼ର ଗୋଟିଏ କଣରେ ତଳେ ମସିଣା ପକେଇ ପଡ଼ିଥିଲା ବୁଢ଼ା। ବୋଧହୁଏ ବେଡ୍ ମିଳିନଥିଲା। ତା'ପାଖରେ ବସିଥିଲା ତା'ଝିଅ। ରମେଶ ନିରେଖି କରି ଝିଅଟିକୁ ଚାହିଁଲା। ଝିଅଟା ଆଶ୍ଚର୍ଯ୍ୟ ହୋଇ ଦେଖୁଥିଲା। କିଛି ସମୟପରେ ରମେଶ୍ ଡ୍ୟୁଟି ରୁମକୁ ଫେରିଆସିଲା। ଚେୟାର ଉପରେ ବସି ପଡ଼ିଲା। ସେ ଝିଅଟିର ମୁହଁ ଆଜି ତା'କୁ ଜଳଜଳ ଦିଶୁଥିଲା। ତା'କାନ୍ଧରେ କାହାର ସ୍ପର୍ଶ ପରେ ସେ ପ୍ରକୃତିସ୍ଥ ହୋଇ ପଛକୁ ବୁଲି ଚାହିଁଲା, ସେ ପାରାଲିସିସ୍ ବୁଢ଼ାର ଝିଅ ଠିଆ ହୋଇଥିଲା, ରମେଶକୁ ଚାହିଁ ଲୁହଭରା ହସ ହସ ଆଖିରେ କହିଲା, 'ଭାଇ !' ରମେଶର ମୁହଁ ଉଜ୍ଜ୍ବଳ ହୋଇଯାଇଥିଲା।

# ଭାରିଜା ଭାବନ୍ତି ମତେ ବହୁତପର

ବ୍ୟଙ୍ଗକବି ଇଂ ଚିତ୍ତରଞ୍ଜନ ଓଝା



ଭାରିଜା ଭାବନ୍ତି ମତେ ବହୁତପର
ସବୁଦିନେ ମିଳୁଥାଏ ଝାଡୁ ପାହାର
ମାତ୍ରାଟା ବଢିଗଲେ  ଦିଅନ୍ତି  ଛ'ନମ୍ବରୀ ହିଲ୍ ପାହର.
ତାଙ୍କୁ ଡରିଡରି ଦଉଥାଏ ରଙ୍ଗୀନ୍ ଉପହାର
ଅଫିସ୍ ଗଲାପରେ ତାଙ୍କର ଚାଲେ ନାନା ବେପାର
ବାଇଚାନସ୍ ସେହି ସମୟରେ ମୁଁ ସାମନାକୁ ଆସିଲେ
ଖାଲି ରାଗରେ ହୁଅନ୍ତି ଗରଗର
ଭାରିଜା ଭାବନ୍ତି ମତେ ବହୁତପର |
ଅଫିସରୁ ଫେରି ଯଦି କହେ ଓଃ ଆଇ ଆମ୍ ସୋ ଟାଏଡ୍
ପ୍ଲିଜ୍ ଚାହା କପ୍ ଟିଏ କର
ଉତ୍ତର ମିଳଇ ଦିଶୁ ନାହିଁକି
ସେଇଟା'ପା ଆମ ରୋଷେଇଘର
ଯଦି ପାରୁଛ ନିଜେ ତିନି କପ୍ ଚାହା କର
ଆଶ୍ଚର୍ଯ୍ୟ,ତମେତ ଏକା ମୁଁତ ଏକା ତିନି କପ୍ କ'ଣ ପାଇଁ
କାରଣ ଆସିବାର ଅଛନ୍ତି ବୟେଫ୍ରେଣ୍ଡ ମୋର
ଏହିପରି ଭାସିଆସେ ବିଭିନ୍ନ ଅର୍ଡର
ଭାରିଜା ଭାବନ୍ତି ମତେ ବହୁତପର |
ନିରୁପାୟ ହୋଇ ଚାଲିଯାଏ ମୁହିଁ ଗାଁ ମୁଣ୍ଡ
ରବି ସାହୁ ଦୋକାନକୁ
ଶୁଖିଲା ବରା ସାଙ୍ଗକୁ ଚାହା କପଟିଏ,
ଯାହା ଲାଗୁଥାଏ ମୋ ପାଟିକୁ

ସେଠାରୁ ଫେରି ଘରେ ମୁଁ ଦେଖଇ
ଘରଣୀ ମୋହର ଯାଇଥାନ୍ତି କୋଉ ପାର୍ଟିକୁ
ତେଣୁ ନିଜେ ତିଆରି କରଇ ଡିନର
ଭାରିଜା ଭାବନ୍ତି ମତେ ବହୁତପର |
ରୋଷେଇ ସାରିଣ ଚାହିଁ ବସିଥାଏ
ଗେଟ୍ ପାଖରେ ତାଙ୍କ ଫେରିବା ବାଟକୁ
ନିଶାରେ ସେ ଥା'ନ୍ତି ବୁଡି ହୁ ଆର୍ ୟୁ କହି
ସିଧା ପଶିଯାନ୍ତି ବେଡରୁମ୍ କୁ
ଆଉ କି ଖାଇବି, ଭାରି ଥକା ଲାଗୁଥାଏ
ଶୋଇଯାଏ ମୁହଁ କରି ଦେଇ ତଳକୁ
ଖାଲି ଏତିକିରେ ମନ ବୁଝେନି ଯେ
ଆଦେଶ ପାଇଣ ଗୋଡ ଘଷିଦିଏ ତାଙ୍କର
ଭାରିଜା ଭାବନ୍ତି ମତେ ବହୁତପର |
ମାସ ଆରମ୍ଭରେ ଦରମା ମିଳିଲେ
ଛଡେଇ ନିଅନ୍ତି ମୋଠାରୁ ସିଏ ସବୁକୁ
ଏଲ୍.ଆଇ.ସି ପିୟରଲେସ୍ ତାଙ୍କ ନାଁରେ କରିଛି
ତାଙ୍କୁ ସଦା ଖୁସି ଆନନ୍ଦରେ ରଖିବାକୁ
କାହକୁ କିଛି କହି ନ ପାରଇ
ଖାଲି ନିନ୍ଦୁଥାଏ ମୋ ଭାଗ୍ୟକୁ
କିନ୍ତୁ ଏତେ ପରେବି ମୁଁ ତାଙ୍କୁ ଭାବେ ଅତି ଆପଣାର
କାରଣ ଭାରିଜା ମୋର ଦେଖିବାକୁ ଭାରି ସୁନ୍ଦର ||

# ସାବିତ୍ରୀ ଉବାଚ

ଶାଶ୍ୱତ ସାହୁ



ଦ୍ରୌପଦୀର ଶାଢିଠୁ ବି
ଲମ୍ବମାନ ହଉଗୋ ତୁମ୍ଭ ଆୟୁସ
ଯେମନ୍ତେ ଭିଡି ଭିଡି ଯମ ହେବେ ଅବସ,
ଚିତ୍ରଗୁପ୍ତ କହି ପକେଇବେ ଶେଷରେ-
ଆପଣ ବୁଝନ୍ତୁ ହିସାବ ମହାରାଜ
ମତେ ଦିଅନ୍ତୁ ଏଥର ଅବକାଶ ।

(In original Koshli)

# ସାବିତ୍ରି ଉବାଚ

ଦ୍ରୁର୍‌ପତିର କପ୍‌ଟା ଠାନୁ

ଲମାନ୍ ହଉ ଗୋ ତୁମର୍ ଜିବନ

ଜେନ୍ତା ଘିଚି ଘିଚି ଅଥା ଛୁଟିଜିବେ ଜମ୍‌ରଜା,

ଚିତର୍‌ଗୁପ୍‌ତ ଭିଲ ସେସେଁ କହି ପକାବେ

ଆପଣ୍ ହିସାବ୍ ବୁଝୁନ୍ ମାଲିକ୍

ମତେ ଦେଇ ଦଉନ୍ ଏଥ୍‌ର ପେନ୍‌ସନ୍ ।

# ସପ୍ତମ ଋତୁ... ପ୍ରେମ

ଦୀପ୍ସା ରଥ



## ଗ୍ରୀଷ୍ମ

ଭୋକର ଅମୁହାଁ ଦେଉଳ ଉପରେ
ପାପର ଦଧିନଉତି
ଦେଉଳ ଭିତରେ ସ୍ୱର୍ଣପାଗଳିନୀ
ମାୟା ଜାଳେ ନିତିପ୍ରତି
ଅପୂଜ୍ୟ ଦେବତା ପୂଜା ପାଏ
ସେଇ କାମନାରେ ଜତୁଗୃହେ
ଗଭୀର ରାତ୍ରିର ଉତ୍ତପ୍ତ ଆଲୋକ
ସକାଳକୁ ହଜିଯାଏ□

## ବର୍ଷା

ଆବେଗର ଆହ୍ଲାଦରେ ମେଘ ଆଜି କ୍ରୁର
ଭୀଷଣ ଗର୍ଜନେ କରଇ ପବନ ଫୁତ୍କାର
ଅଶ୍ରୁମୁଖୀ ସୀମନ୍ତିନି ଶିଶୁନେଇ କୋଳେ
ସ୍ୱାମୀ ଶୁଭ ଆବେଦନେ କରପତ୍ର ଯୋଡ଼େ

## ଶରତ

ସପନ ପାଣିର ପ୍ରଣୟ ପଦୁଅଁ
ଢଳ ଢଳ ଢଳୁଥାଏ
ପଦୁଅଁ ପ୍ରଲୋଭି ଚପଳ କିଶୋର
ଜଳକୁ ପାଦ ବଢ଼ାଏ
ପହଁରି ନଶିଖି ଜୀବନ ତଟିନୀ
ନଜାଣି ଗଭୀର କେତେ
ପ୍ରାଣ ବନ୍ଧାପଡ଼େ ଲୁହ ଭଉଁରୀରେ

ପଦ୍ମ ଘୁଞ୍ଚି ଘୁଞ୍ଚି ଯାଏ

### ହେମନ୍ତ

ଶାମୁକାଏ ରିକ୍ତତାକୁ ବକ୍ଷରେ ଆବୋରି
ମୃତ ନଦୀ ସମୁଦ୍ରକୁ ଝୁରି ହେଲାପରି
ଅପାଙ୍କ୍ତେୟ ଜୀବନଟା ଅପେକ୍ଷାରେ କଟେ
ଝରାପତ୍ର ଭାଗ୍ୟରେ କି କୃଷ୍ଣଚୂଡ଼ା ଫୁଟେ...

### ଶୀତ

ଶୀତୁଆ ରାତିର ବାଇଆ ପବନ
ସତେକି ଶୋଇଚି ନିଦେ
ମହୁଆ ଦେହର କସ୍ତୁରୀ ପୁଲକ
ଏବେ ବି ଖେଳୁଚି ହୃଦେ
ନିବିଡ଼ ଆଶ୍ଳେଷ ବତୁରି ଯାଇଛି
କଅଁଳା କୁହୁଡ଼ି ଭଳି
ଲୋଚାକୋଚା ହୋଇ ସ୍ମୃତି ପଡ଼ିଅଛି
ବିଛଣା ପଡ଼ିଛି ଖାଲି...□

### ବସନ୍ତ

ବଉଳ ପାଟର କଂଚନ ପରଶେ
ହୃଦୟେ ବେପଥୁ କମ୍ପନ
କରବି କଢ଼ିର ମତାଲ ମହକେ
ଘୁମନ୍ତି ମଳୟ ପବନ
ଚକୋର ପକ୍ଷୀର ନିଃସର୍ତ୍ତ ପ୍ରତୀକ୍ଷା
ରଜତ ଜୋଛନା ଲଢ଼ା ତା'ର
ବାସର ରାତିର ପ୍ରଦୀପ ଆଲୋକେ
ନବବଧୂ ରଚେ ଅଭିସାର...□



# ହସିବନି ଜମା

ସରୋଜ ମିଶ୍ର

କୁତୁକୁତୁ ମିଠା ଖାଇବା ପାଇଁକି ସଭିଙ୍କ ମନରେ ଇଚ୍ଛା
ଡରି ଡରି ଅଜା ଯେତେ ଜଗିଲେ ବି ନାତି ଭିଡ଼ିଦିଏ କଚ୍ଛା
ଉଦରର ବାଞ୍ଛା ପୁରଣ ପାଇଁକି ବାଞ୍ଛା ଖାଇଲା ଭଳିଆ
ତଣ୍ଟି ଫୁଲିଗଲା, ଗଳା ବସିଗଲା କୁତୁକୁତୁ ହେଇ ହାଲିଆ

ଚଗଲା ଟିମା ଟି କୁତୁ କୁତୁ ହୋଇ ଷଣ୍ଢପଛେ ମାରେ ହାତ
ବାରବୁଲା ଷଣ୍ଢ କସିଦେଲା ନାତ, କୁତୁକୁତୁ ବଜ୍ରପାତ...

ଯଉବନ ବେଳେ ମର୍କଟି ସୁନ୍ଦରୀ କୁତୁ କୁତୁ ଯେହ୍ନେ ଅଠା
ଛୋଟି ବୋଲାଉଛି ଶ୍ରୀମତି ନିଜକୁ କୁତୁକୁତୁ ଚାଲି ଅଣ୍ଟା
ପସିଗଲା ଫଟଫଟିଆଟେ ପାଖେ ପୋଚରା ପଙ୍କ ମେଞ୍ଚାଏ
ଭାଙ୍ଗିଗଲା ଆଶା କୁତୁକୁତୁ ନିଶା ଲାଜରେ ମୁହଁ ଲୁଚାଏ

ବନ୍ଧ ହୁଡ଼ା ତଳେ ଡାହୁ ପୁଅ ଖେଳ ଖେଳନ୍ତି ମାଧିଆ, ଗେଡୁଆ
ଗାଡ଼େଇ ଚାଲିଲେ ଗାଁ ସରପଞ୍ଚ ଯେମିତି ଅଛଡ଼ା ନଡ଼ିଆ
କିରେ.. ଇୟେ କ'ଣ... ଗାଁ ପଡ଼ିଆ ?
ପେଟ ଚିପିଚିପି କହିଲେ ସେ ରାଗି କେ କଣ ଯିବେନି ଗଡ଼ିଆ ?
ଆଖିଠାରି ଦେଲା ମାଧିଆ... କୁତୁକୁତୁ ହୋଇ ଗେଡୁଆ
ଅନେଇ ମରିଲା  ଡାହୁପୁଅ ଟାକୁ, ଜଗିଥା ହେ 'ପାଞ୍ଚ' ଫଡ଼ିଆ...

ନ ଉଠି ପାରିଲେ ହୁଡ଼ାତଳୁ ପାଞ୍ଚେ ଠାପ ପୋଖରୀ ପାଣି
ଧରି ଧରି ଅଣ୍ଟା ଚିହ୍ନିକି ଆସିଲେ ସତେକି ବାଉଁଶ କାନି
ଗେଡୁଆ ଦଉଡ଼େ ଘଗୁଡ଼ି ହଲାଇ, ମାଧିଆ କୋଳଥ ଚୋପା
ଡରି ଫିଙ୍ଗିଦେଲେ ଡ଼ାହୁପୁଅ ବାଡ଼ି କେନ୍ଦୁବଣ ପଛ ଆଡ଼େ
ଆଉଗୋଟେ କିଏ ବସିଥିଲା ବୋଧେ ଖାଲି ଦୋ ଅକ୍ଷରି ଝାଡ଼େ...

# ଅନୁପମାର ବର



ସ୍ୱପ୍ନଲତା ମିଶ୍ର(ରଥ)

କାଉଣ୍ଟର ପାଖରେ ପେ କରିବାକୁ ଯଇ ପ୍ରୀତି ଦେଖେତ ଲମ୍ବା ଲାଇନ୍ ।ଆଜି କି ସ୍ପେଷିଆଲ୍ ଡେ ଯେ ଏତେ ଭିଡ ଲଗିଛି··· ଦିଓ୍ୱାଲି କି ହୋଲି ସେଲ୍ ତ ଏବେ ନାହିଁ । ଝିଅ ର ଜିଦ୍ ଥିଲା ଅଫିସ୍ ରୁ ଫେରିବା ବେଳେ ସମୋସା ଆଣିଆସିବାକୁ ।ଘରେ ପହଞ୍ଚିବାକୁ ଡେରିହେଇ ଯିବ···ବେବିସିଟର୍ ମୁହଁ ଫୁଲେଇକି ବସିଥିବ··· କିନ୍ତୁ ଲାଇନ୍ ବେଶ୍ ଲମ୍ବା ଅଛି ।ସାମ୍ନାରେ ଠିଆହେଇଥିବା ଭଦ୍ର ବ୍ୟକ୍ତି କିନ୍ତୁ ଶାନ୍ତ ଭାବରେ ଇଣ୍ଡିଆ ଟୁଡେ ର ପୃଷ୍ଠା ଓଲଟଉଛନ୍ତି । ତାଙ୍କୁ ଶୁଣାଗଲା ପରି ପ୍ରୀତି କହିଲା, ହ୍ୱାଟସ୍ ଗୋଇଙ୍ଗ ଓନ···ହ୍ୱାଇ ସୋ କ୍ରାଉଡେଡ୍ ଟୁଡେ ··· ଇଟସ୍ ଏ ଉଇକ୍‌ଡେ । ଭଦ୍ରଲୋକ ମୁହଁ ଉଠେଇ ଅଳ୍ପ ହସି କହିଲେ ··· ଭିଡ୍ ସାୟଦ୍ ରାକ୍ଷୀ କେ ଲିୟେ । ପ୍ରୀତି ପତ୍ୟୁତ୍ତରରେ କହିଲା··· ରାକ୍ଷୀ! ହ୍ୱେନ୍ , କବ୍ ! ଭଦ୍ରଲୋକ ହସି ହସି ଉତ୍ତର ଦେଲେ "ଓନ୍‌ଲି ଟୁ ଉଇକ୍ସ୍··· ନିଡ୍ ଟୁ ବି ମେଲ୍‌ଡ ବାଇ ଟୁମୋରୋ । ଉଇ ହାଭ୍ ଏ ନିଉ ବର୍ନ ବେବି ଗାର୍ଲ । ସୋ ଆଇ ଆମ୍ ହିଅର୍ ଟୁ ହେଲପ ମାଇ ଓ୍ୱାଇଫ୍ ଟୁ ଗେଟ୍ ଇଟ୍ ··· ଇଟ୍ ଇଜ୍ ଆଓ୍ୱାର ଡଟର'ସ୍ ଫାର୍ଷ୍ଟ ରାକ୍ଷୀ ଠୁ, ସୋ ଉଇ ଓ୍ୱାଣ୍ଟ୍ ଟୁ ସେଣ୍ଡ ଇଟ୍ ଟୁ ହର୍ ଏଭ୍ରି କଜିନ୍ ଠୁ ।" ପ୍ରୀତିର ଆକ୍ଷୀ ଭଦ୍ର ଲୋକଙ୍କ ବାସ୍‌କେଟ୍‌ରେ ବୁଲି ଆସିଲା । ହେ ଭଗବାନ୍ ଏତେ ଗୁଡାଏ ରାକ୍ଷୀ ଲୋକଟା ଦୋକାନ୍ ଖୋଲିବନା କଣ ! ତା ଭାବନାରେ ପୂର୍ଣଚ୍ଛେଦ ପକାଇ ଭଦ୍ରଲୋକ ପଚାରିଲେ··· ଡୁ ଇଉ ହାଭ୍ ବ୍ରଦର୍‌ସ ? ଡୁ ଇଉ ସେଣ୍ଡ୍ ରାକ୍ଷୀ ଠୁ! ଆଇ ହାଭ୍ ଟୁ ସିଷ୍ଟର୍‌ସ ଆଣ୍ଡ୍ ଫାଇଭ୍ କଜିନ୍‌ସ ଆଣ୍ଡ୍ ସମ୍ ଅଦର୍ ଫ୍ରେଣ୍ଡ୍‌ସ୍ ହୁ ଅଲସୋ ସେଣ୍ଡ୍ ମି ରାକ୍ଷି ଏଭ୍ରି ଇଅର" । "ଓଃ ଦାଟ'ସ୍ ଗ୍ରେଟ୍"··· 'ନୋ ଆଇ ଡୋଣ୍ଟ ସେଣ୍ଡ ଇଟ୍ ଟୁ ଏନିବଡି··· ନଟ୍ ୟେଟ୍ ଏ ଫେବରାଇଟ୍ ଟ୍ରାଡିସନ୍ ଇନ ଆଓ୍ୱାର ଫାମିଲି···ଦ୍ୟାଟ୍ ଟୁ ଆଇ ଆମ୍ ଓନ୍‌ଲି ଡଟର୍ ···· ଆଇ ଜଷ୍ଟ ହାଭ ଓ୍ୱାନ୍ ଡଟର୍ ଠୁ·· ସି ହାଜ୍ ନୋ ଆଇଡିଆ ଏବାଉଟ୍ ରାକ୍ଷୀ ୟେଟ୍ ।" ଭଦ୍ର ଲୋକ ପଚାରିଲେ ·· ଆପ୍ କହାଁସେ ହେ ?, 'ଓଡିଶା' ଉତ୍ତର ଦେଲା ପ୍ରୀତି···" ଓଃ ଓଡିଶା, ଜଗନ୍ନାଥ ଧାମ୍ , ଭାଇ ବହନ୍ କି ଅପନି ଗାଓଁ " ହସି ହସି କହିଲେ ଭଦ୍ରଲୋକ, " ଆଇ ମିନ୍ ଲର୍ଡ ଜଗନ୍ନାଥ, ବଲଭଦ୍ର , ସୁଭଦ୍ରା କଥାବାର୍ତ୍ତା ରେ ସେମାନେ କେତେ ବେଳେ କାଉଣ୍ଟର୍ ପାଖରେ ପହଞ୍ଚି ସାରିଥିଲେ । ଭଦ୍ରଲୋକ ଓ୍ୱାଲେଟ୍‌ରୁ କାର୍ଡଟିଏ ବାହର କରି ପ୍ରୀତି ହାତକୁ ବଢେଇଦେଇ କହିଲେ ··· ପ୍ଲିଜ୍ ଡ୍ରପ୍ ବାଇ ସମ୍ ଟାଇମ୍ ···ଉଇ ଆର୍ ଇସକନ୍ ମେମ୍‌ବର୍‌ସ୍, ଜଗନ୍ନାଥ ଡିଭୋଟିଜ୍, ମାଇ ଓ୍ୱାଇଫ ଉଇଲ୍ ବି ହାପି ଟୁ ମିଟ୍ ଇଉ, ସିନ୍‌ସ୍ ଇଉ ଆର୍ ଫ୍ରମ୍ ଓଡିଶା । ସି ଲଭ୍‌ସ୍ ଓଡିଶା । ହର୍ ନେମ୍ ଇଜ୍ ଅନୁପମା ।" ସିଓର୍··· କହି କାର୍ଡ ଟି ଆଣି ପର୍ସରେ ରଖିଲା ପ୍ରିତି ।

ଉଇ ଗୋ ଟୁ ପୁରୀ ଇନ ଏଭରି ଇଣ୍ଡିଆ ଟ୍ରିପ୍ ।

କାଉଣ୍ଟରରେ ପେ କରିସାରି ସବୁ ଜିନିସ ଗାଡିରେ ରଖି ଗାଡି ଷ୍ଟାର୍ଟ କଲା , ଘରେ ପହଞ୍ଚିବାକୁ ଆହୁରି କୋଡିଏ ମିନିଟ୍ ଲାଗିବ ।

ଅନୁପମା ନାଁ ଟିରେ ଯେମିତି ଏକ ଯାଦୁକରୀ ସ୍ପର୍ଶ ରହିଥିଲା । ଏଇ ନାଁ ସହିତ ଜଡିତ ଗୋଟିଏ ମୁହଁ ବହୁଦିନ ପରେ ଆଖି ସାମ୍ନାରେ ନାଚିବାକୁ ଲାଗିଥିଲା । ଅନୁପମା ଏକ ବିଗତ ଅତୀତର ନାଁ ଯାହା ବିଗତ ସମୟ ସାଙ୍ଗରେ ନିରୁଦ୍ଦିଷ୍ଟ ଅନେକ ଦିନରୁ, କେଉଁଠିଥିବ ସିଏ , କଣ କରୁଥିବ , କିଛି ଖବର ରଖିନଥିଲା ପ୍ରୀତି । । ଯଦିଓ ଅନୁପମା କୁ ବାଦ୍‌ଦେଇ ଶୈଶବ, ଆଦ୍ୟ ଯୌବନ ଏବଂ ପ୍ରାକ୍ ବୈବାହିକ ସମୟର ସ୍ମୃତି ସଂପୂର୍ଣ୍ଣ ନୁହେ ତାପାଇଁ । ସାତ ଭାଇ ଭଉଣୀଙ୍କ ଭିତରେ ସେ ସବା ସାନ ଥିଲା । ଛଅ ଭାଇଙ୍କର ଗେହ୍ଲା ଭଉଣୀ ଥିଲା ଅନୁପମା । କେତେ ଗେହ୍ଲା ଥିଲା ସେ ନିଜେ ଜାଣିଥିଲା, କିନ୍ତୁ ଅନବରତ ଭାଇ ମାନଙ୍କର ସେବା କରିବା ଯେମିତି ତା ଜୀବନର ଧର୍ମ ଥିଲା । ସବୁ ଭାଇ ମାନେ ବେଶ ଭଲ ଛାତ୍ର ଥିଲେ, କିନ୍ତୁ ଅନୁପମା ଗୁଣରେ ଯେତିକି ଭଲ ଥିଲା ପାଠରେ ସେତିକି ଖରାପ କରୁଥିଲା । ଅନୁପମାର ବାପା ଥିଲେ ଜଣେ ଆଦର୍ଶ ଶିକ୍ଷକ । ଅନୁପମାର ମା ଥିଲେ ଖୁବ୍ ସ୍ନେହମୟୀ, ମାତ୍ର ରୋଗ କେମିତି ତାଙ୍କ ଦେହକୁ ଘର କରି ନେଇଥିଲା । ତେଣୁ ଅଳ୍ପ ବୟସରୁ ଅନୁପମା ଘରର ସବୁ ଦାୟିତ୍ୱ ନେଇଥିଲା, ସତେ ଯେମିତି ସାରା ପରିବାରର ସେ ମାଆ । ତା ମୁହଁ ର ସ୍ମିତ ହସ କଳା ମୁହଁରେ ସବୁଠାରୁ ଆକର୍ଷଣୀୟ , ଏବେ ବି ଆଖି ବନ୍ଦ କଲେ ସେ ଅନୁପମାର ହସର ଝଲକ ଦେଖି ପାରେ । ଏକ ଚମତ୍କାର ଔଜଲ୍ୟତା ଭରି ରହିଥାଏ ସେହି ହସରେ । କଳାରଙ୍ଗର ମୁହଁରେ ଟଣା ଟଣା ଦୁଇଟି ନିରୀହ ଆଖିରେ ସବୁ ବେଳେ ଯେମିତି ଏକ ପରିପୂର୍ଣ୍ଣ ଅନୁଭବ ଢଳ ଢଳ ହେଉଥାଏ । ପ୍ରୀତି ଏମେ ସ୍ ସି ପଢିବା ପାଇଁ ବାଣୀ ବିହାର ନ ଯିବା ପର୍ଯ୍ୟନ୍ତ ଏମିତି ଗୋଟିଏ ଦିନ ନଥାଏ ଯେଉଁଦିନ ଅନୁପମା ଆଉ ପ୍ରୀତି ପରସ୍ପର କୁ ଦେଖି ନଥାନ୍ତି । ଯଦିଓ ପ୍ରୀତି କୃତୀ ଛାତ୍ରୀ ଥିଲା ଏବଂ ଗୋଟିଏ ଝିଅ ହେଇ ଖୁବ ଗେହ୍ଲାରେ ବଢୁଥିଲା, ଅନୁପମା ଇ ଥିଲା ତାର ପ୍ରିୟ ସଖୀ । ପ୍ରୀତିର ସ୍ୱପ୍ନ ଥିଲା ଜଣେ ଅଧ୍ୟାପିକା ହେବା ଆଉ ଅନୁପମାର ସ୍ୱପ୍ନ ଥିଲା ବାହାହେଇ ଘର ସଂସାର କରିବ । ବାପାଙ୍କ ଇଛା ପୂରଣ କରିବାକୁ ଅନୁପମା ବି· ଏ କଷ୍ଟେ ମଷ୍ଟେ ପାସ୍ କରିଗଲା ପରେ ପ୍ରୀତି କୁ କହିଥିଲା···· "ଯା ତୁ ପଢୁଥା·· ମୋର ଗୋଟେ କାମ ସରିଗଲା ··· ଯେତେ ପଢିଲେ ସେଇ ତ ବାହା ହେଇ ଚୁଲ୍ଲୀ ମୂଳରେ ପଶିବି ତେଣୁ କାହିଁକି ଅଯଥା କଷ୍ଟ କରିବି ··· ମୁ ମୋର ଅସଲ ଜୀବନ ପାଇଁ ମୋ ବୋଉ ପାଖରୁ ଯଥେଷ୍ଟ ଟ୍ରେନିଙ୍ଗ ପାଇଛି, ଏବେ ମୋ ମୁଁ ଖାଲି ଚାକିରୀକୁ ଅପେକ୍ଷା କରିବି । ମୋ ବାହାଘରକୁ ଯୋଉଠିଥିଲେ ବି ତୁ ଆସିବୁ, ପରୀକ୍ଷା ବାହାନା କରି ରହିଯିବୁନି ।" ପ୍ରୀତି ଉତ୍ତରରେ କହିଥିଲା , " କୋଉଠି କାହାକୁ ଠିକ୍ କରିକି ରଖିଛୁ କିଲୋ ! ହୋଉ ଡେଟ୍ ଟା ମୋତେ ପଚାରିକି ଠିକ୍ କରିବୁ" । ଦୁଇସାଙ୍ଗ ହସି ହସି ଗଡିଯାଇଥିଲେ ।

ବାଣୀବିହାରରେ ପ୍ରୀତିର ଭେଟ ହେଇଥିଲା ପ୍ରଣବଙ୍କ ସାଙ୍ଗରେ, ରସର୍ଚ୍ଚ କରୁଥିଲେ ସେ । ବାହା ହେବାକୁ ଆଦୌ ସ୍ୱପ୍ନ ଦେଖୁନଥିବା ପ୍ରୀତି ପ୍ରଣବଙ୍କ ସାଙ୍ଗରେ ······ କେମିତି ··· କେତେବେଳେ···ସଂସାର ବାନ୍ଧିବାର ସ୍ୱପ୍ନ ରଚି ବସିଲା··· ସେ ନିଜେ ବି ଜାଣି ପାରିଲାନି । ସବୁ ଯେମିତି ପୂର୍ବ ନିର୍ଦ୍ଧାରିତ ହୋଇ ରହିଥିଲା, ଖାଲି ସମୟର ଅପେକ୍ଷାରେ ଥିଲେ ଘଟଣା ମନେ ଘଟି ଯିବାକୁ ··· ସୌମ୍ୟଦର୍ଶନ ଅଧ୍ୟାପକ ପ୍ରଣବଙ୍କ ପ୍ରସ୍ତାବରେ ବାପାମାଙ୍କର ଅରାଜି ହେବାର କୌଣସି କରଣ ନଥିଲା, ଏମେଏସ୍‌ସି ପାସ୍ କରୁ କରୁ ସେ ପ୍ରଣବଙ୍କୁ ବାହା ହେଇ ଗଲା, ବାହାଘର ପାଞ୍ଚ ବର୍ଷ ଭି

ତରେ ଗୋଟିଏ ପିଲାର ମା ହେଇ ସାରିଥିଲା ଆଉ ଏମ୍ ଫିଲ୍ ସାରି ଅଧ୍ୟାପିକା ଭାବେ ଚାକିରୀ ବି ଆରମ୍ଭ କରି ସାରିଥିଲା । ମାତ୍ର ଅନୁପମା ଜୀବନରେ ସେମିତି କିଛି ବିଶେଷ ପରିବର୍ତ୍ତନ ଆସିନଥିଲା ଆଉ କେବଳ ବଡ ଭାଇ ମାନଙ୍କର ପରିବାର ବୃଦ୍ଧି ଆଉ ବାପାଙ୍କର ଅକାଳ ବିୟୋଗ ବ୍ୟତୀତ । ପ୍ରସ୍ତାବ ପରେ ପ୍ରସ୍ତାବ ଭାଙ୍ଗୁଥିଲା, କାରଣ ଥିଲା ତା ଦେହର ରଙ୍ଗ ଆଉ ଯୌତୁକ, ପ୍ରତିଥର ଅନୁପମା କୁ ଦେଖିଲେ ଦୁଃଖ ଲାଗେ ପ୍ରୀତିକୁ , କିନ୍ତୁ ସେ ଦୁଃଖର ଚିହ୍ନ କୋଉଠି ନଥାଏ ଅନୁପମାର ମୁହଁରେ, କିଛିବି ବଦଳି ନଥିଲା ସେ, ଭାଉଜମାନଙ୍କ ଉପସ୍ଥିତି ସତ୍ୱେ ସେ ସେମିତି ଘର ର ସବୁ ଦାୟିତ୍ୱ ନେଇ ସମସ୍ତଙ୍କ ଭିତରେ ଖୁବ୍ ହସଖୁସିରେ ଦିନ କାଟୁଥିଲା, ଦୁଃଖୀ ଥିଲେ କେବଳ ମାଉସୀ, ଯିଏ ଜାଣିଥିଲେ ତାଙ୍କ ଝିଅର ଢଳଢଳ ଆଖି ପତାତଳେ ଲୁଚିରହିଥିବା ସ୍ୱପ୍ନ, ନିଜର ଘର ସଂସାର କରିବାର ସ୍ୱପ୍ନ । ଚାହିଁ କି ବି କିଛି କରି ପାରୁ ନଥିଲା ପ୍ରୀତି ।  ଏଭିତରେ ପ୍ରଣବ ଆମେରିକା ଆସିବା ପାଇଁ ନିଷ୍ପତ୍ତି ନେଲେ । ଆମେରିକା ଆସିବା ପାଇଁ ଆୟୋଜନ ଚାଲିବା ଭିତରେ, ହଠାତ୍ ଅନୁପମାର ବାହାଘର ଖବର ପାଇ ପ୍ରୀତି ପ୍ରଣବଙ୍କ ସାଙ୍ଗରେ ନ ଆସି ପଛରେ ଆସିବାକୁ ଠିକ୍ କଲା । ପ୍ରଣବ ଭାରତ ଛାଡିବା ପରେ ପ୍ରୀତି ଝିଅକୁ  ନେଇ ବାପ ଘରକୁ ଚାଲିଯାଇଥିଲା । ଅନୁପମାର ଭାବି ବର ଜଣେ ବ୍ୟବସାୟୀ ଥିଲେ । ନିଜ ଗାଁରେ ଖୁବ୍ ପ୍ରତିପତ୍ତି ଥିଲା ତାଙ୍କର । ଘରର ବଡପୁଅ ଥିଲେ ସେ, ପରିବାର ର ଆବଶ୍ୟକ ଥିଲା ଅନୁପମା ପରି ଗୁଣବତୀ ବୋହୂ, ଯିଏ ସମସ୍ତଙ୍କର ଯତ୍ନ ନେବ । ଯୌତୁକରେ ସେମାନେ ଯାହ ଚାହୁଁ ଥିଲେ ଭାଇ ମାନେ ସବୁ ଦେବା ପାଇଁ ପ୍ରସ୍ତୁତ ଥିଲେ, ଅନୁପମାକୁ ସତେଇଶ ହେବାକୁ ଯାଉଥିଲା, ଏବେ ବୟସ ସାଙ୍ଗରେ ଯୌତୁକ ଦାବି ବି ବଢିବ , ତେଣୁ ଭାଇ ମାନେ କିଛି ଜମି ବିକ୍ରି କରି ଗେହ୍ଲା ଭଉଣୀର ବାହାଘର କରିବାର ନିଷ୍ପତ୍ତି ନେଇ ଥିଲେ । ଯାହାକି ଅନୁପମାର ବପା ଙ୍କ ବଞ୍ଚିଥିବା ବେଳେ ସମ୍ଭବ ହେଇ ନଥାନ୍ତା, ତାଙ୍କ ଆଦର୍ଶବାଦ କରଣରୁ । ଯୋତୁକ ପ୍ରଥାର ଘୋର୍ ବିରୋଧି ଥିଲେ ସେ । ଯୌତୁକ ନେବିନି କି ଦେବିନି , ଏହଥିଲା ତାଙ୍କର ଜିଦ୍ । ଭାଉଜ ମାନେ ଗରୀବ ଘର ଝିଅ ଥିଲେ, ଯେଉଁ ମାନଙ୍କୁ ମଉସା ଏକ ରକମର ଉଦ୍ଧାର କରିଥିଲେ ଦରିଦ୍ର୍ୟତାରୁ । ସୁଯୋଗ୍ୟ ଭାଇ ମାନେ ବି ବିନା ଆପତ୍ତିରେ ମଉସାଙ୍କ କଥା ମାନି ନେଇଥିଲେ…କେବଳ ସେମାନଙ୍କର ଜିଦ୍ ଥିଲା ଝିଅକୁ ନିଜେ ପସନ୍ଦ କରିବେ । ମାତ୍ର ଅନୁପମାର ଦେହର ରଙ୍ଗ ତାର ଶତ୍ରୁ ଥିଲା, ସବୁ ଭଲ ଗୁଣ କୁ ଦେଖିବା ଆଗରୁ ବରପାତ୍ର ଏବଂ ସେମାନଙ୍କ ଘର ଲୋକ ମାନଙ୍କର ନଜର ପଡୁଥିଲ ତା ଦେହର ରଙ୍ଗ ଉପରେ । ଏମିତିକି ତା ହସର ଯାଦୁକରୀ ସ୍ପର୍ଶବି କାହାକୁ ଛୁଇଁ ପାରୁନଥିଲା । ଅନୁପମା ପାଇଁ , ଅନୁପମାର ପରିବାର ପାଇଁ ଓ ପ୍ରୀତି ପାଇଁ ବହୁ ପ୍ରତୀକ୍ଷିତ ଥିଲେ ଆନୁପମାର ବର ।

ଅନୁପମାର ବାହାଘର ଅୟୋଜନରେ ଅନୁପମାର ଭାଉଜ ମାନଙ୍କୁ ସାହାଯ୍ୟ କରିବା ଭିତରେ ଅନୁପମାର ଆନନ୍ଦକୁ ମନଭରି ଉପଭୋଗ କରିଥିଲା । କଥାବାର୍ତ୍ତା ଛଳରେ ଅନୁପମାଠାରୁ ପ୍ରୀତି ଜାଣିପାରିଥିଲା ଅନୁପମାର ଭାବି ବର ଅମାୟିକ, ବେଶ୍ ଭଦ୍ର, ବିଏ ପାଶ୍ କରିଥିଲେ ଏବଂ ରଙ୍ଗରେ ତା'ଠୁ କଳା, ଦେଖିବାକୁ ଆସିଲା ବେଳେ ଇୟାତୁ ସିୟାତୁ କଥା ପଚାରି ତାକୁ ହଇରାଣ କରିନଥିଲେ । ଅନୁପମା ଖୁସିଥିଲା, ବେଶ୍ ଖୁସି ଥିଲା । ସ୍ୱପ୍ନର ମଣିଷକୁ ପାଇଲା ବୋଲି ନା

ତାଜୀବନର ଏକମାତ୍ର ସ୍ୱପ୍ନ ସତ ହେଲା ବୋଲି, କାହିଁକି ସେ ନିଜେ ଜାଣିଥିବ । ପୂଣିଥରେ ଅନୁପମା ଆଉ ପ୍ରୀତିଙ୍କର ରାତି ଅନିଦ୍ରା ଗପ, ଥଟ୍ଟା ମଜା ଭିତରେ ଦୁଇ ମାସ କୁଆଡେ ଚାଲିଗଲା ଜଣା ପଡିଲାନି । ନିମନ୍ତ୍ରଣ ପତ୍ର ବଣ୍ଟା ସରିଥାଏ । ବନ୍ଧୁ ବାନ୍ଧବଙ୍କ ଭିଡ ଆସ୍ତେ ଆସ୍ତେ ବଢୁଥାଏ । ଚାରିଦିନ ପରେ ବାହାଘର । ହଠାତ୍ ଖବର ଆସିଲା ବର ପାତ୍ରର ବ୍ୟବସାୟରେ ବହୁତ ବଡ ଧରଣର କ୍ଷତି ହେଇଯାଇଛି , ଦୁଇ ଲକ୍ଷ ଟଙ୍କା ନଗଦ ଦରକାର । ଯଦି ଦେଇ ପାରିବେ ବାହାଘର ହେବ, ନଚେତ୍ ବାହାଘର ଏବେ ବନ୍ଦ କରିବାକୁ ବାଧ୍ୟହେବେ ସେମାନେ । ସମସ୍ତେ ଭାବିଲେ ଯେମିତି ସେମିତି ବାହାଘର କରିଦେଇ ପରେ ଦୁଇ ଲକ୍ଷ ଟଙ୍କା କଥା ବୁଝିବେ । ଆଗରୁ ଛିଡିଥିବା କଥାନୁଯାୟୀ ଯାହା କିଛି ଯୋଗାଡ କରିବାକଥା ସବୁ ସରିଥିଲା, ଯୌତୁକର ଲମ୍ବା ଧାଡି ଥିଲା ... ତାସହିତ ଲକ୍ଷେ ଟଙ୍କା । ବାହାଘର ସରିବା ପରେ ପରେ ଦୁଇ ଲକ୍ଷ ଟଙ୍କା ଦେବାର ପ୍ରତିଶ୍ରୁତି ପରେ ବାହାଘର କାମ ଆଗକୁ ବଢିଥିଲା । ମାତ୍ର ବାହାଘର ଦିନ ଆଉଥରେ ଖବର ଆସିଲା ତିନି ଲକ୍ଷ ଟଙ୍କା ନେଇ ବରଧରାକୁ ଆସିବାକୁ ହେବ । ସବୁ ଭାଇ ମାନେ ଏତେ ଖର୍ଚ୍ଚ କରିସାରିଥିଲେଯେ ଆଉ କେହି ଖର୍ଚ୍ଚ କରିବାକୁ ଚାହୁଁ ନଥିଲେ । ସାରାପରିବାର ଋଣରେ ବୁଡି ଯାଇଥିଲେ । ଅଗତ୍ୟା ଅନୁପମାର ବାହାଘର ଆୟୋଜନ ସେତିକିରେ ରହିଲା । ରାତି ପାହିଲେ ହେବାକୁ ଥିବା ବାହାଘର ଭାଙ୍ଗିଗଲା, ଜଣଙ୍କ ସାଙ୍ଗରେ ସାରା ଜୀବନ ସୁଖ ଦୁଃଖର ସାଥୀ ହୋଇ ରହିବାର ସ୍ୱପ୍ନକୁ ଲୁହରେ ଧୋଇ ଭସେଇ ଦେବାକୁ ହେଇଥିଲା ଅନୁପମାକୁ । କନ୍ତୁ ପରଦିନ ଯେମିତି କିଛି ହେଇନି , କିଛି ହେବାର ନଥିଲା ସେମିତି ଅବିଚଳିତ ଥିଲା ଅନୁପମା । ସବୁଦିନ ପରି ସକାଳୁ ଉଠି ଘରକାମରେ ଲାଗି ପଡିଥିଲା । ଘରକୁ ଆସିଥିବା କୁଣିଆ ମାନଙ୍କର ଚର୍ଚ୍ଚା, ପରିବାରର ସମସ୍ତଙ୍କର ଦୈନନ୍ଦିନ ଆବଶ୍ୟକ ତା ଅନୁସାରେ ଯାହା ଯେମିତି କରିବାକଥା କରି ଚାଲିଥିଲା । ଆଷ୍ଚର୍ଯ୍ୟ ହେଇଥିଲା ପ୍ରୀତି ଅନୁପମାର ମନୋବଳ ଦେଖି । ଭାଇ, ବନ୍ଧୁ ବାନ୍ଧବ ମାନେ ଚିନ୍ତାରେ ବୁଡିଥିବା ବେଳେ ହଠାତ୍ ଆଉ ଗୋଟିଏ ଘଟଣା ଘଟିଲା । ମଉସାଙ୍କର ଜଣେ ଛାତ୍ର ଯିଏକି ଶିକ୍ଷକ ଭାବରେ କାମ କରୁଥିଲେ ଗୋଟିଏ ହାଇସ୍କୁଲ୍‌ରେ ଏବଂ ଅନୁପମାର ବାହାଘରରେ ଯୋଗ ଦେବାକୁ ବାହାଘର ପୂର୍ବ ଦିନ ଆସି ପହଞ୍ଚିଥିଲେ ପ୍ରସ୍ତାବ ଦେଲେ ଅନୁପମାକୁ ବାହା ହେବା ପାଇଁ , ବିନା ଯୌତୁକରେ । ଭଦ୍ରଲୋକଙ୍କ ନା ଥିଲା ଅମୂଲ୍ୟ ମିଶ୍ର । ପରିବାର କହିଲେ ଥିଲେ ତାଙ୍କର ଜଣେ ବୁଢୀ ମା । ଦେଖିବାକୁ ଥିଲେ ସୌମ୍ୟ ଦର୍ଶନ , ବ୍ୟବହାର ଆମାୟିକ । ପ୍ରୀତିର ମନେ ହେଇଥିଲା ସେ ଜଣେ ଦେବଦୂତ, ଗୋଟିଏ ପରିବାରକୁ ଏତେ ବଡ ଦୁଃଖଦ ପରିସ୍ଥିତିରୁ ଯେମିତି ଉଦ୍ଧାର କରିବାକୁ ଆସିଛନ୍ତି । ମାତ୍ର ଘରେ କେହି ଖୁସି ନଥିଲେ, ଏମିତି କି ଅନୁପମା ବି କାନ୍ଦିବାକୁ ଲାଗିଲା । କାରଣ ସେ ଅମୂଲ୍ୟ ମିଶ୍ର କୁ ରାକ୍ଷୀ ବାନ୍ଧି ଭାଇ କରିଥିଲା,ମଉସାଙ୍କର ବହୁତ ଛାତ୍ର ଏବଁ ଭାଇ ମାନଙ୍କର ସାଙ୍ଗ ମାନଙ୍କୁ ଅନୁପମା ରାକ୍ଷି ବାନ୍ଧି ଭାଇ କରିଥିଲା । କେବେ ମଉସାଙ୍କ କଥାନୁଯାୟୀ, କେବେ ଭଉଣୀ ନଥିବା ସାଙ୍ଗ ମାନଙ୍କ ପାଇଁ ଭାଇ ମାନଙ୍କର ଅନୁରୋଧରେ । ପ୍ରୀତି ଚିଡଉଥିଲା ସମସ୍ତଙ୍କୁ ତ ଭାଇ କରୁଛୁ , ବାହା କାହାକୁ ହେବୁ ବ୍ରାହ୍ମଣ ମାନଙ୍କୁ ତ ଛାଡିଦେ, ତାହେଲେ କେହି ଜଣେ କୋଉଠି ରହିଯିବ ।" ଅନୁପମା ହସି ହସି କହେ " ମୋ ପାଇଁ ଯିଏ ଗଢା ହେଇଛି , ସେ ସେ ମୋର ହେବ , ମୁ ଏବେଠୁ କାହକି ସତର୍କ

ହେବି, ବରଂ ଭାଇ କରିଥିଲେ ପରିବାରର ବିପଦ ଆପଦରେ ସାଙ୍ଗରେ ଠିଆହେବେ, ମୋ ଭାଇ ମାନଙ୍କୁ ସାହାଯ୍ୟ କରିବେ ।" ପ୍ରୀତିଠାରୁ ଆଉ କେହି ଅଧିକ ଯାଣି ନଥିଲେ କେତେ ସ୍ୱଛଥିଲା ଅନୁପମାର ଚିନ୍ତାଧାରା । ଖାଲି ରାକ୍ଷି ବାନ୍ଧି ଦିଏନି, ରାକ୍ଷି ସଙ୍ଗରେ ମଙ୍ଗଳ କାମନା କରେ, ଘରକୁ ଆସିଲେ ନିଜ ଭାଇ ମାନଙ୍କ ପରି ଯତ୍ନନିଏ, ଭରସା କରେ । ପ୍ରୀତିକୁ ଦେବଦୂତ ପରି ମନେହେଉଥିବା ମଣିଷଟି କିନ୍ତୁ ସମସ୍ତଙ୍କ ଆଖିରେ ଗର୍ହିତ ଅପରାଧ କରିପକେଇଥିବା ଦୋଷୀଟିଏ ପରି ସମସ୍ତଙ୍କ ନିନ୍ଦାର ପାତ୍ର ହୋଇଥିଲେ ଏବଂ ଦୁଃଖରେ ବୁଡିରହିଥିବା ଅନୁପମାକୁ ମଧ୍ୟ କମ୍ ଅପନିନ୍ଦା ମିଳିନଥିଲା । କାରଣ ସେ ଭାଇ ଭାବୁଥିବା ଜଣେ ଶିକ୍ଷିତ ଯୁବକ ତାର ଏ ଅସହାୟ ପରିସ୍ଥିତିରେ ହଠାତ ସାହାଯ୍ୟ କରିବଆକୁ ଆଗେଇ ଆସିଲେ, ନିଶ୍ଚୟ ସେମାନଙ୍କ ଭିତରେ ଆଗରୁ କିଛି ଗୋପନ ସଂପର୍କ ଥିଲା । ଏମିତି ଅନେକ କଳ୍ପନା ଜଳ୍ପନା ଚାଲିଲା ଚିହ୍ନା ଜଣା ବନ୍ଧୁ ବାନ୍ଧବଙ୍କ ଭିତରେ । ମାଉସୀଙ୍କର ମନ ଥିଲେ ବି ଅନୁପମାର ଭାଇ ମାନେ ପ୍ରସ୍ତାବରେ ରଜି ହେଲେନି । ସେମାନଙ୍କର ଯୁକ୍ତିଥିଲା ଆଉ ମୁହଁ ଦେଖେଇ ହେବନି କାହକୁ, ଲୋକେ ଭାବିବେ ବୋଧହୁଏ ଆଗରୁ କିଛି ସଂପର୍କ ଥିଲା, ଏଇ ପ୍ରସ୍ତାବ ଭଙ୍ଗିବାଟା ଗୋଟେ ବାହାନା , କଥା ଉଠିପାରେ ସେଇଥିପାଇଁ ବାହାଘର ଭାଙ୍ଗିଗଲା । ବୁଝେଇବାକୁ ଚେଷ୍ଟା କରି ଅମୂଲ୍ୟ ମିଶ୍ର ଅପମାନ ପାଇ ଫେରିଗଲେ । ଭାଇମାନେ ଓ ବନ୍ଧୁବାନ୍ଧବ ମାନେ ଆଉ ଖୋଟିଏ ସୁଜୋଗ୍ୟ ବରପାତ୍ର ଖୋଜିବାରେ ଲାଗିପଡିଲେ, ଏଥର ଆଉ କିଛି ଜମି ବିକ୍ରୀର ଯୋଜନା ବି ରହିଥିଲା । ବୋଝ ଉପରେ ନଳିତା ବିଡା ପରି

ଅନୁପମା ସହିତ ବାହାଘର ଭାଙ୍ଗିବାର ସପ୍ତାହେ ପରେ କିନ୍ତୁ ଅନୁପମାର ସ୍ୱପ୍ନର ମଣିଷଟିର ବାହାଘର ଖୁବ୍ ଜାକଯମକରେ ଅନୁଷ୍ଠିତ ହେବାର ଖବର ଆସି ପହଞ୍ଚି ଯାଇଥିଲା । ଆଷ୍ଚର୍ଯ୍ୟ ହେଲା ପ୍ରୀତି ... ଏତେ ଘୃଣ୍ୟ ବ୍ୟବସାୟିକ ମନୋବୃତ୍ତି ଲୋକଟାର! ଗୋଟିଏ ଝିଅର ସ୍ୱପ୍ନ, ଗୋଟିଏ ପରିବାରର ବିଶ୍ୱାସକୁ ଏମିତି କେମିତି ଭଙ୍ଗିଦେଇପାରିଲା । ଅଥଚ ଅମୂଲ୍ୟ ମିଶ୍ର ଚେଷ୍ଟା କରି ବି ଗୋଟେ ପରିବାରର ବିଶ୍ୱାସ କୁ ଜିତିପାରିଲେନି, ହାରିଗଲେ ପରିବାରର ମିଥ୍ୟା ଅହଂ ଆଉ ସମାଜକୁ ଭୟ ଆଗରେ । ଲୋକେ କେତେ ଦିନ କହିଥାନ୍ତେ , ପରେତ ଚୁପ୍ ହେଇଥାନ୍ତେ ...ମାତ୍ର ଅନୁପମାକୁତ ଏମିତି ଅସହାୟତା ଭିତରେ ସମୟ କାଟିବାକୁ ହେଇ ନଥାନ୍ତା ।

ମାସକ ଭିତରେ ପ୍ରୀତିକୁ ଆମେରିକା ଆସିବାର ହେଲା । ଏମିତି ଗୋଟେ ପରିସ୍ଥିତି ଭିତରେ ଅନୁପମାକୁ ଛାଡିଆସିବ ବେଳେ ବହୁତ କାନ୍ଦିଥିଲା ପ୍ରୀତି । କିନ୍ତୁ ଅନୁପମା ଯେମିତି ପଥର ପାଲଟି ଯାଇଥିଲା । ଛ' ମାସ ପରେ ପ୍ରୀତି ମା ଠରୁ ଶୁଣିଥିଲା ଅନୁପମାର ବାହାଘର ଜଣେ ମଧ୍ୟ ବୟସ୍କଙ୍କ ସହ ସ୍ଥିର ହୋଇ ଯାଇଛି , ଭଦ୍ର ଲୋକଙ୍କର ପ୍ରଥମ ପତ୍ନୀ କିଛି ବର୍ଷ ତଳେ ମରିଯାଇଥିଲେ ଦୁଇଟି ଛୋଟ ପିଲାଙ୍କୁ ଛାଡି । ଅନୁପମା ମନା କରୁଥିଲେ ବି ଭାଇ ମାନେ ବାହାକରିବାର

ନିଷ୍ପତ୍ତି ନେଇଥିଲେ । ସେଦିନ ପ୍ରୀତିକୁ ମନେହେଇଥିଲା ଅନୁପମା ତା ନିଜ ପରିବାର ପାଇଁ ବୋଝ ହେଇଗଲା । ଝିଅଟିଏ ନିଜ ପରିବାରର ସ୍ନେହ ଶ୍ରଦ୍ଧା ଭିତରେ ବଢି ନିଜର ବୋଲି ଯେଉଁ ଘର ପାଇଁ ସବୁ ଦାୟିତ୍ତ୍ୱ ବିନା ଆପତ୍ତିରେ ହସିହସି ମୁଣ୍ଡେଇ ଚାଲିଥାଏ, ଠିକଣା ସମୟରେ ବାହାଘର

ନହେଇପାରିଲେ ନିଜ ଅଜାଣତରେ କେତେବେଳେ ବୋଝ ପାଲଟିଯାଏ ସେ ନିଜେ ବି ଜାଣି ନଥାଏ । ସେଦିନ ଅମୂଲ୍ୟ ମିଶ୍ର ଖୁବ୍ ମନେ ପଡିଥିଲେ ପ୍ରୀତିର । ଆହା ସେଦିନ ହେଲେ ନିଜ ବିଚାରକୁ ବଦ ଳେଇଥାନ୍ତା ଅନୁପମା ଆଜି ଏ ପ୍ରକାର ପରିସ୍ଥିତି ତ ସାମ୍ନା କରି ନଥାନ୍ତା । କିନ୍ତୁ ପ୍ରୀତି ଜାଣିଥିଲା ଭଦ୍ରଲୋକଙ୍କ ପିଲା ମାନଙ୍କୁ ନିଜର କରିବାକୁ ମମତାମୟୀ ଅନୁପମାକୁ ଡେରି ଲାଗିବନି । ଅନୁପମାର ଭାଗ୍ୟ ଭାବି ନିଜକୁ ବୁଝେଇ ନେଇଥିଲା ସେ । ମାତ୍ର ଅଳ୍ପ ଦିନପରେ ମା ପାଖରୁ ଯାହା ଶୁଣିଥିଲା ସେ ନିଜକୁ ବିଶ୍ୱାସ କରିପରିନଥିଲା ।

ବାହାଘରର ସପ୍ତାହକ ପୂର୍ବରୁ ଖବର ମିଳିଲା ଅନୁପମାର ଭାବିବରଙ୍କ ପ୍ରଥମ ପତ୍ନୀଙ୍କ ମୃତ୍ୟୁର କାରଣ, ଆତ୍ମହତ୍ୟା କରିଥିଲେ ସେ, କାରଣ ଥିଲା ଭଦ୍ରଲୋକଙ୍କର ଅନ୍ୟ ଜଣେ ମହିଳାଙ୍କ ସହିତ ଅନୈତିକ ସଂପର୍କ । ତଥାପି ଭାଇ ମାନେ ବାହାଘର ଭାଙ୍ଗିବାକୁ ଚାହିଁ ନଥିଲେ । ଅନୁପମା ପଥର ପାଲଟି ଯାଇଥିଲା ଭାଇମାନଙ୍କର ନିଷ୍ପତ୍ତି ଜାଣିବା ପରେ । ହଠାତ୍ ଦିନେ ଦିପହରେ ଅମୂଲ୍ୟ ମିଶ୍ର ଆସିଲେ ଆଉ ଅନୁପମାର ବୋଉଙ୍କ ଆଗରେ ସିଧାସଳଖ ଅନୁପମାକୁ ବିବାହ ପ୍ରସ୍ତାବ ଦେଲେ, ପ୍ରତିଶ୍ରୁତିଦେଲେ ତାର ଯତ୍ନ ନେବେ, ତା ସୁଖ ଦୁଃଖର ସାଥୀ ହେବେ । ଉତ୍ତରରେ ମାଉସି ଖାଲି ଅନୁପମା ଆଉ ତା ଅମୁ ଭାଇଙ୍କ ମୁଣ୍ଡକୁ ଆଉଁଷି ଦେଇଥିଲେ । ଘରେ ଭାଇ ମାନେ କେହି ନଥିଲେ । ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରି ଅନୁପମା ତା ବୋଉଙ୍କୁ ମୁଣ୍ଡିଆ ମାରି ଭାଉଜ ମାନଙ୍କୁ ଅନୁରୋଧ କରିଥିଲା ତାକୁ ଅମୁଭାଇଙ୍କ ସାଙ୍ଗରେ ଯିବାକୁ ଦେବାପାଇଁ , କହିଥିଲା ସେ ଜିଇଁବାକୁ ଚାହେଁ , ସଂସାର କରିବାକୁ ଚାହେଁ । ଭାଉଜମାନେ ବାରଣ କରିପାରିଲେନି, ଅନୁପମା ଭାଇ ମାନଙ୍କ ଅନୁପସ୍ଥିତିରେ ଘରୁ ଗୋଡ କାଢି ଚାଲି ଯାଇଥିଲା । ଏ ଘଟଣା ଭାଇ ମନଙ୍କର ଅହଂକୁ ଏମିତି ଆଘାତ ଦେଇଥିଲାଯେ ସେମାନେ ଅନୁପମାର କୌଣସି ଖବର ରଖିବକୁ ଚାହିଁ ନଥିଲେ, ସେଦିନ ନିଜପାଇଁ ଜିଁବାରା ଆଶ୍ରା ଖୋଜିବାକୁ ଯାଇ ସେଇ ଦିନରୁ ସାରା ପରିବାର ପାଇଁ ମରିଯାଇଥିଲା ଅନୁପମା । କାହିଁ କେଉଁ ଯୁଗର ବାହାଘର ସ୍ୱପ୍ନ ଦେଖୁଥିବା ଅନୁପମା ଅମୂଲ୍ୟ ମିଶ୍ରଙ୍କୁ ବାହା ହେଲା ଅତି ନିରାଡମ୍ବର ଭାବରେ । ଅଳ୍ପଦିନ ପରେ ଅନୁପମାର ବୋଉ ଚାଲିଗଲେ । ଅନୁପମା ଭାଇ ମାନଙ୍କୁ କ୍ଷମା ମାଗି ଚିଠି ଦେଇଥିଲା । କିନ୍ତୁ ଘରେ ତାନାଁ ବି ଉଠିବନି ବୋଲି ନିଷ୍ପତ୍ତି ନିଆ ହେଇଥିଲା । ଅମୂଲ୍ୟ ମିଶ୍ର ବାହାଘରର ଅଳ୍ପ ଦିନ ପରେ ଅନୁପମାକୁ ନେଇ ଚାଲିଯାଇଥିଲେ, ଅନୁପମାର ଭାଇ, ବନ୍ଧୁ ବାନ୍ଧବ ସମସ୍ତଙ୍କ ଠାରୁ ଅନେକ ଦୂରକୁ । ପଛରେ ଯାହା ରହି ଯାଇଥିଲା ଅନୁପମା ଆଉ ଅମୂଲ୍ୟ ମିଶ୍ରଙ୍କ ନାଁରେ ଗୁଡାଏ ଗୁଜବ ଆଉ ଅପନିନ୍ଦା । ଆଉକେହି ଜାଣନ୍ତୁ ନଜାଣନ୍ତୁ କିନ୍ତୁ ପ୍ରୀତି ଜାଣିଥିଲା ଅନୁପମା କେତେ ସ୍ୱଚ୍ଛ ଓ ନିର୍ମଳ ମନୋଭାବର ଝିଅ ଥିଲା । ତା ବିଷୟରେ ଜାଣିବାକୁ ଚାହିଁଲେବି ମା ପାଖରୁ ବେଶୀ କିଛି ଖବର ପାଉନଥିଲା ସେ । ଖାଲି ତିନି ଚାରି ବର୍ଷ ତଳେ ଯାହାଥରେ ମା ତାକୁ କେଉଁ ମନ୍ଦିରରେ ଦେଖିଥିଲା... ଛୋଟ ପୁଅଟିକୁ ଧରି ଅପେକ୍ଷା କରିଥିଲା ଭୋଗ କିଣିବାକୁ ଯାଇଥିବା ତା ବର ପାଇଁ । ପ୍ରୀତିର ମାଙ୍କୁ ଚିହ୍ନିପାରି କୁଣ୍ଢେଇ ପକେଇଥିଲା । ପ୍ରୀତିର ଭଲମନ୍ଦ ବୁଝିଥିଲା । ସେମାନେ ଯେ ସୁଖୀଥିବେ ଏଥିରେ ସନ୍ଦେହ ନଥିଲା ପ୍ରୀତିର, କେବଳ ଅବଶୋଷ ଦଶ ବର୍ଷ ପରେ ବି ସେ ଅନୁପମାର ବରକୁ ଦେଖିପାରିନି । କେବେ ଦେଖା ହେବକି ନାହିଁ

ବି ଜଣା ନାହିଁ । ଯୋଉଠି ଅଛି ଭଲରେ ଥାଉ । କିଛି ସଂପର୍କ ଏମିତି ହଜିଯାଇବି ବଞ୍ଚି ଥାଏ , କେବେ କେବେ ଋତୁ ଆସିଲେ ଆଉଥରେ ସ୍ମୃତିର ଫୁଲ ସବୁ ଫୁଟିଯାନ୍ତି ଆପେ ଆପେ । ମନ ସତେଜ ହେଇଯାଏ । ଦୂରରେ ଥିଲେ ବି ଏଇ ପାଖରେ କୋଉଠି ଥିବା ପରି ମନେ ହୁଏ । କେବେ କେବେ ଆଉ କାହା ଜରିଆରେ ଜୀବନ ଭିତରକୁ ବାଟ ଭାଙ୍ଗି ଚାଲିଆସନ୍ତି ବିନା ନିମନ୍ତ୍ରଣରେ । ଆଜି ଯେମିତି ଇଣ୍ଡିଆନ୍ ଷ୍ଟୋର୍ ଅଜଣା ଭଦ୍ରବ୍ୟକ୍ତି, ଅନୁପମାର ସ୍ମୃତିକୁ ଆଉଥରେ ଜୀବନ୍ତ କରି ଦେଲେ ତା ପାଇଁ । ଯିଏକି ଆଉଜଣେ ଅନୁପମାର ବର !

ଘରେ ପହଞ୍ଚୁ ପହଞ୍ଚୁ ଝିଅ ଧାଇଁ ଆସିଲା , ତା ହାତରୁ ଗ୍ରୋସରୀ ବ୍ୟାଗ୍ ଛଡେଇନେଲା ସମୋସା ଖାଇବ ବୋଲି । ବେବି ସିଟର୍ କୁ ବାୟ କହି ପ୍ରୀତି ଭିତରକୁ ଆସି ଦେଖେତ ଝିଅ ରାଖୀ ଦେଖେଇ ପଚାରୁଛି ,"ହ୍ୱାଟ୍ ଆର୍ ଦିଜ୍ ଷ୍ଟଫ୍ ମମ୍ , ବ୍ରେସ୍‌ଲେଟ୍ ?", "ଡୋ'ଣ୍ଟ ଟଚ୍ ଇଟ୍ , ସେଇଟା ଆମର ନୁହେ ,ହେ ଭଗବାନ୍ ଭଦ୍ରବ୍ୟକ୍ତି ଭୁଲ୍‌ରେ ବ୍ୟାଗ୍ ବଦଳ କରିଦେଇଛନ୍ତି କାର୍ଡଟା ଦେଲା ବେଳେ । ବିଚରା କାଲି ପୋଷ୍ଟ୍ କରିବେ ବୋଲି କହୁଥିଲେ" । "କାହାର ମାମା ?"

ପଚାରିଲା ଝିଅ । କିଛି ଉତ୍ତର ଦେଲାନି ପ୍ରୀତି, ତାଙ୍କ ନାଁ ବି ପଚାରି ନଥିଲା ସେ, ଆବଶ୍ୟକ ତ ନଥିଲା । ତାଙ୍କ ନଁ ଯାହାବି ହେଉ, ଅନୁପମା ତାଙ୍କ ଓ୍ୱାଇଫ୍ । କାର୍ଡଟା ବାହାର କରି ଫୋନ୍ ଲଗେଇଲା ପ୍ରୀତି... ଆରପଟୁ ଉତ୍ତର ଆସିଲା... ହେଲୋ... ପ୍ରୀତି ପଚାରିଲା " ଅନୁପମା?" ଉତ୍ତର ଆସିଲା "୍ ଆପ୍ କୌନ୍ ବୋଲ୍ ରହେ ହୈ ।" ପ୍ରୀତି କହିଲା, "ହାଏ...ଆଇ ଥିଙ୍କ୍ ଇଓର୍ ରାକ୍ଷୀବ୍ୟାଗ୍ ହାଜ୍ ବିନ୍ ଏକ୍‌ସଚେଞ୍ଜଡ୍ ଉଇଥ ମି " ଆଉ କିଛି କହିବା ଆଗରୁ ଉତ୍ତର ଆସିଲା...

ରିଅଲି ସରି ବହେନ୍ ଜୀ, ପତା ଦେ ଦିଯିୟେ , ମେ ଆପକି ସମୋସା ଡ୍ରପ୍ କର୍ ଦେତା ହୁଁ ଇନ୍ ହଫ୍ ଆନ୍ ଆଓ୍ୱାର୍, ଥ୍ୟାଙ୍କ ଇଉ ସୋ ମଚ୍ ଫର୍ କଲିଙ୍ଗ " । "ଠିକ୍ ହୈ ଭାଇ ସାହେବ୍ ଲିଖିୟେ । ଲଗତା ହୈ ଆପ୍ ଲୋକ୍ ପାସ୍ ମେ ହି ରହତେ ହୈ" ଠିକଣା ଦେଇ ଫୋନ୍ ରଖିଲା ପ୍ରୀତି । ଏଥର ବି ନାଁ ପଚାରିବାକୁ ଭୁଲିଗଲା ସେ ।

''ହାୟେଆର୍ ଇଜ୍ ସମୋସା ମାମା?"ପଚାରୁଥିଲା ପ୍ରୀତିର ଝିଅ ।

''ମାମୁ ଆଣିବେ ରହ ।" ପ୍ରଣବଙ୍କ ସ୍ୱର ଶୁଭିଲା ।

" ତୁମେ କେତେବେଳେ ଆସିଲ ?" ଚମକି ପଡି ପଚାରିଲା ପ୍ରୀତି ।

" ଜଷ୍ଟ ଗଟ୍ ଇନ, ତୁମ ପଛେ ପଛେ...!"

"ହୁ ଇଜ୍ ମାମୁ ?" ପଚାରିଲା ଝିଅ

ମାମୁ ଶବ୍ଦଟା ଝିଅ ମୁହଁରେ ବହୁତ ଭଲ ଲାଗିଥିଲା ପ୍ରୀତିକୁ ।

''ୟେସ୍ ବଟ୍ ହୁ ଇଜ୍ ମାମୁ ?" ପ୍ରଣବ ପଚାରିଲେ ।

ପ୍ରୀତି ହସି ହସି ଉତ୍ତର ଦେଲା " ଅନୁପମାର ବର" ।

# ବିରୋଧୀ ଦଳର ହାତ



ବିଜୟ ପ୍ରଧାନ

ମନ୍ତ୍ରୀ ଆସିଥିଲେ ଆମରି ଗାଁ କୁ
ଫୁଲ୍ ଫେମିଲି ସାଥିରେ
ଗାଁ ବାଲା ତାଙ୍କୁ ଦୁଃଖ ଗୋଟି ଗୋଟି କହିଲେ
ଗଳା ଖଙ୍କାରି ମନ୍ତ୍ରୀ ଦେଲେ ଯାହା ଭାଷଣ ସେଥିରେ
ସବୁ କଥାରେ ସେ ବିରୋଧୀ ଦଳଙ୍କୁ ଶୋଧିଲେ
ଦେଖୁଚ ତ ଏଇ ଇସ୍କୁଲ୍ ଘର
ଛାତରୁ ଗଳୁଛି ପାଣି ଝର ଝର
କିମିତି ରହିଛି ଖଣ୍ଡିଆ ଏହାର କାନ୍ଥ
କିଏ ଦେଲା ଟଙ୍କା ? ମୁଁ ଦେଇଥିଲି
ପୁରା ହବାକୁ ବି ଦେଲେ ନାହିଁ ପରା
ଏଥିରେ ବି ଅଛି ବିରୋଧୀ ଦଳର ହାତ...□
ହେଇଟି ତମର ରାସ୍ତାର କଥା ଦେଖ
ସଡ଼କ ହେଲେ ବି ପ୍ରଧାନମନ୍ତ୍ରୀ
ଫାଳେ ମାଟି ଆଉ ଫାଳେ କଂକ୍ରିଟି
ସେଂକ୍ସନ କଲି କାମ ବି ଚାଲିଲା
ତମେ ଭାବୁଥିବ ଦୋଷୀ ପରା ଠିକାଦାର...
ଜମା ନୁହେଁ, କାମ ଖଣ୍ଡିଆ ହେବାରେ
ହାତ ଅଛି ପରା ସେଇ ବିରୋଧୀ ଦଳର...!!
କେହି ଜଣେ ଉଠି କହିଲା ହଜୁର୍
ଗଲା ଥର ଏକା ଆସିଥିଲେ ଏବେ
ଫୁଲ୍ ଫେମିଲି ସାଥେ ଦିଶୁଛନ୍ତି ଭଲ...
ଖୁସି ହୋଇ ମନ୍ତ୍ରୀ କହିଲେ ବୁଝିଲ
ଗତ ଥର ଥିଲି ଏକା...
ଭଲ ଝିଅ ଦେଖି ବାହାସାହା ହେଲି
ବରଷ ପୁରୁଣୁ ପୁଅଟେ ପାଇଲି..
ମୋ ଉତ୍ତରୁ ସିଏ ହେବ ତୁମ ଭବିଷ୍ୟତ...
ପୁଣି ଜଣେ କେହି କହିଲା ହଜୁର୍
ଏଥିରେ ନାହିଁ ତ ବିରୋଧୀ ଦଳର ହାତ ... !!!

# ଅଭିଶାପ

ଶ୍ବେତା ଆଚାର୍ଯ୍ୟ



ନିଶାର୍ଦ୍ଧରେ କାହାର ଶୀତଳ ସ୍ପର୍ଶରେ ନିଦ ମୋର ଭାଙ୍ଗିଯାଏ
କିଏ ? କିଏ ତୁମେ... ଚିହ୍ନିଥିଲା ପରି ଲାଗୁଛି
ମୁହଁରୁ ତୁମର ଅଗ୍ନି ଝରୁଛି
କିନ୍ତୁ ଶୀତଳ ତମର ସ୍ପର୍ଶ
କଣ୍ଟକିତ ତୁମ ସାରା ଏଇ ଶରୀର
ତେଜହୀନ ତୁମ ଚକ୍ଷୁଯୁଗଳ.. ଓଃ.. ତୁମେ ତ ଅଭିଶାପ
ବିଭସତାରେ ଭରି ରହି କେଉଁ
ଅନାଦି କାଳରୁ ମଣିଷ ଉପରେ ତୁମର ଅକ୍ତିଆର
ତମେ ଯେ ଅଭିଶାପ
ନା ନା ମୁଁ ନିଦ୍ରା ଯିବାକୁ ଚାହେଁ
ଶାନ୍ତି ରେ ଜନ୍ମ ଜନ୍ମ ଧରି
ତୁମଠୁ ମୁହଁ ଫେରେଇ ନବାକୁ ଚାହେଁ
ଜନ୍ମଜନ୍ମ ଧରି...
ତୁମେ କିନ୍ତୁ ହସୁଚ
ଇଏ କଣ? ମୋତେ ଆକ୍ଷେପ କରୁଛ ?
ଭୟରେ ମୁଁ ବାକ୍‌ଶକ୍ତିବିହୀନ
ତମେ ଆଖିଠାର ରେ ମତେ କହିଛ...
ପ୍ରତିଦିନ ଦୀପ ଦେଇ ହାତ ତୋର ଯାଇଛି ଜଳି..
ପ୍ରତିଦିନ ଫୁଲ ତୋଳି ପାପୁଲିରେ ଫୁଟିଛି କଣ୍ଟା
ପ୍ରତିଦିନ ଗୀତ ଗାଇ ସ୍ବର ତୋର ହୋଇଛି ଶୁଷ୍କ...
ପ୍ରତିଦିନ ଉଡ଼ି ଉଡ଼ି ଡେଣା ତୋର ଯାଇଛି ଭାଙ୍ଗି...
ହଁ...
ମଣିଷର ଆଢୁଆଳରେ ଏଠି ସମସ୍ତେ କୁଆଡ଼େ ରାକ୍ଷସ
ସବୁଦିନ ମଣିଷ ହେବାର ଅଜସ୍ର ପ୍ରୟାସ
ସତ କହୁଛି ଅଭିଶାପ...
ହାତ ଯୋଡ଼ି ତୁମକୁ ଅନୁନୟ ବିନୟ କରିବାର ଇଚ୍ଛା ଉଙ୍କି ମାରିଚି ମୋ ହୃଦୟରେ
ମୁଁ ବା ମଣିଷର ଆଢୁଆଳରେ ରାକ୍ଷସ...

ମୋ ପରି ସମସ୍ତେ ଏଠି,
ମତେ ନ୍ୟାୟ ଟିକେ ଦେବ ?
ନିକିତିରେ ହିସାବ କରିବ ତମେ ପାପ ପୁଣ୍ୟର
ମୋ ସୁନାର ସଂସାର ଭାଙ୍ଗିଯାଇଚି ଯଦି...
ତମେ ଖୋଜି ଆଣିବ ତାକୁ ନରକରୁ ବି
ମୁଁ କହୁଛି
ସବୁ ଦୀପ
ସବୁ ଫୁଲ
ସବୁ ପ୍ରେମର ଋଣ
ଏତେ ଲୁହ ବିନିମୟେ ଜଳି ଯିବ ସିଏ
ମୋର ଗୋଟେ ବୁନ୍ଦା ଲୁହରେ
କାହିଁକି ଅଭିଶାପ
କାହିଁକି ଏଇ ପାତର ଅନ୍ତର
ମୁଁ ତ ପ୍ରେମିକା
ଅନ୍ତରରେ ମୋର ଖାଲି ପ୍ରେମ ଆଉ ତ୍ୟାଗ
ସେ ପ୍ରେମରେ ଧୋଇ ହେଇ ଯିବ
ଯେତେ ବିଷ, ଯେତେ ରକ୍ତ, ଯେତେ ତୁମ ପରି ଅଭିଶାପ
ତୁମେ ଫେରିଯାଅ
ଏଇ ମୁହୂର୍ତ୍ତରେ ମତେ ନିଦ୍ରା ଯିବାକୁ ଦିଅ
ମାନୁଛି ମୁଁ ବା ମଣିଷର ଖୋଳପାରେ ରାକ୍ଷସ
ମୋ ପରି ସମସ୍ତେ ଏଇଠି
ଏଇଥରକ କିନ୍ତୁ ଫେରିଯାଅ
ମଣିଷ ହେବାପାଇଁ ମୋର ଆଉ ଏକ ବାହାନା
ଦୀପ, ଲୁହ, ଫୁଲ ଆଉ ପ୍ରେମରେ ମୁଁ ପାଇଛି
ଆଉ ପାଇବି...

# ମୁଁ ନାଥୁରାମ କହୁଛି

ସନ୍ତୋଷ କୁମାର ମହାରଣା



ମୁଁ ନାଥୁରାମ ଗଡ଼ସେ। ମୋ ମୃତ୍ୟୁକୁ ଆଜି ୭୨ ବର୍ଷ ବିତିଗଲାପରେ ମଧ୍ୟ ମୋ ଆତ୍ମା ଶାନ୍ତି ପାଇନାହିଁ। ଆଜି ବି ଭାରତର ପାଣିପବନରେ ମୋ ଆତ୍ମା ଅତୃପ୍ତ ହୋଇ ଘୁରିବୁଲୁଛି। ପ୍ରତ୍ୟେକ ଭାରତୀୟଙ୍କ ନିକଟରେ ମୁଁ ଏକ ନିନ୍ଦିତ, କଳଙ୍କିତ ଚରିତ୍ର ହୋଇ ରହିଯାଇଛି। ଭାରତ ସ୍ବାଧୀନତା ସଂଗ୍ରାମର ଅଗ୍ରଦୁତ ମହାତ୍ମା ଗାନ୍ଧୀଙ୍କୁ ହତ୍ୟା କରିଥିଲି ମୁଁ। କିନ୍ତୁ କେହି କେବେ କାହିଁକି ଚିନ୍ତା କରିବାକୁ ଚାହିଁଲେ ନାହିଁ ଯେ ଯେଉଁ ଲୋକ ଆଜୀବନ ସତ୍ୟ ଓ ଅହିଂସାର ପଥଧରି ଭାରତର ସ୍ବାଧୀନତା ସଂଗ୍ରାମରେ ନିଜ ଜୀବନକୁ ଜଳାଞ୍ଜଳି ଦେଇଥିଲା, ସେହିପରି ଏକ ମହାପୁରୁଷକୁ ହତ୍ୟା କଲି କାହିଁକି ?

ମହାତ୍ମା ଗାନ୍ଧୀଙ୍କ ସହ ମୋର କୌଣସି ବ୍ୟକ୍ତିଗତ ଶତ୍ରୁତା ନଥିଲା, ନା ସେଇ ସମୟରେ କ୍ଷମତା ବଣ୍ଟନର ମହାପର୍ବରେ ମୁଁ କୌଣସି କ୍ଷମତା ପାଇବାକୁ ଆଶାୟୀ ଥିଲି। କୁହାଯାଏ ମହାପୁରୁଷମାନେ କୌଣସି ଭୁଲ କରନ୍ତି ନାହିଁ, ଏବଂ ଯଦି ସେମାନେ ଭୁଲ କରନ୍ତି ଏହାର ପରିଣାମ ଏତେ ଭୟଙ୍କର ହୋଇଥାଏ ଯେ ଏହାକୁ ସମଗ୍ର ଜାତି, ଦେଶ ଓ ମାନବ ସମାଜକୁ ଭୋଗିବାକୁ ପଡ଼ିଥାଏ। ଗାନ୍ଧିଜୀଙ୍କ କ୍ଷେତ୍ରରେ ମଧ୍ୟ ଠିକ୍ ସେଇୟା ହୋଇଥିଲା। ତାଙ୍କର ସତ୍ୟ, ଅହିଂସା, ସହନଶୀଳତା, ଦେଶ ବିଭାଜନ ସମୟରେ ନିରବତା ହିଁ ତାଙ୍କ ଜୀବନର ଅନ୍ତ ନିର୍ଦ୍ଧାରଣ କରିଥିଲା।

ମୋର ପୁରାନାମ ନାଥୁରାମ ବିନାୟକ ଗଡ଼ସେ। ମୋର ଜନ୍ମ ୧୯୧୦ ମସିହା ମେ ୧୯ ତାରିଖରେ ମହାରାଷ୍ଟ୍ରର ପୁନେଜିଲ୍ଲା ଅନ୍ତର୍ଭୁକ୍ତ ବାରାମତିଠାରେ ଏକ ନୈଷ୍ଠିକ ବ୍ରାହ୍ମଣ ପରିବାରରେ ହୋଇଥିଲା। ମୋର ପିତା ଭାମନ ରାଓ ଗଡ଼ସେ ଡାକ ବିଭାଗରେ ଜଣେ ସ୍ବଳ୍ପ ବେତନଭୋଗୀ କର୍ମଚାରୀ ଥିଲେ। ପିଲାଦିନେ ମୋର ନାଁ ଥିଲା ରାମଚନ୍ଦ୍ର। ମୋର ଜନ୍ମପୂର୍ବରୁ ମୋ ପିତାଙ୍କର ତିନିପୁଅ ଓ ଜଣେ ଝିଅ ଥିଲେ। କିନ୍ତୁ ସେ ସମସ୍ତେ ବାଲ୍ୟାବସ୍ଥାରେ ହିଁ ମୃତ୍ୟୁବରଣ କରିଥିଲେ। ପଡ଼ୋଶୀମାନେ ପରାମର୍ଶ ଦେଲେ ଯଦି ସେମାନଙ୍କର ଗୋଟିଏ ପୁତ୍ର ସନ୍ତାନ ହୁଏ ସେମାନେ ତାକୁ ଗୋଟିଏ କନ୍ୟା ସନ୍ତାନ ମନେ କରି ପାଳନ କରିବେ ତେବେ ପିଲାଟି ବଞ୍ଚିଯିବ। ପରେ ବିନାୟକ ଗଡ଼ସେଙ୍କର ଜନ୍ମ ହେଲା। ମୁଁ ସେହି ପୁତ୍ର। ଏପରିକି ମୋର ନାକ ଫୋଡ଼ାଯାଇ ନଥ ପିନ୍ଧାଯାଇଥିଲା ଏବଂ ଝିଅ ପରି ଲାଳନପାଳନ କରାଯାଇଥିଲା। ନଥ ପିନ୍ଧିଥିବା ହେତୁ ମୋ ନାଁ ନାଥୁରାମ୍ ହୋଇଗଲା। ଅବଶ୍ୟ ମୋର ସାନଭାଇର ଜନ୍ମପରେ ପରିବାରରେ ମୋତେ ପୁଅପରି ପାଳନ କଲେ।

ବାରାମତୀଠାରେ ପ୍ରାଥମିକ ଶିକ୍ଷା ସମାପ୍ତକରି ମାଟ୍ରିକ ପଢ଼ିବାପାଇଁ ମୁଁ ପୁନେ ଆସିଲି। କିନ୍ତୁ ପରିବାରର ଆର୍ଥିକ ଅବସ୍ଥା ସ୍ବଚ୍ଛଳ ନଥିବା ହେତୁ ପାଠପଢ଼ାର ଡୋରି ବନ୍ଧାହେଲା। ମୋତେ ଯେତେବେଳେ ୨୨ ବର୍ଷ ହୋଇଥିଲା ସେ ସମୟରେ ମୁଁ 'ହିନ୍ଦୁ ମହାସଭା ଓ ରାଷ୍ଟ୍ରୀୟ ସ୍ବୟଂ ସେବକ ସଂଘ'ରେ ସକ୍ରିୟ ସଦସ୍ୟ ଥିଲି। ଏହି ସମୟରେ ମରାଠୀ ଭାଷାରେ 'ଅଗ୍ରଣୀ' ନାମକ ଏକ ସମ୍ବାଦପତ୍ର ଆରମ୍ଭ କରିଥିଲି, ଯାହା ପରେ 'ହିନ୍ଦୁରାଷ୍ଟ୍ର' ନାମରେ ପରିଚିତ ହେଲା।

ଗାନ୍ଧିଜୀଙ୍କ ପ୍ରତି ମୋର ଅସୀମ ଶ୍ରଦ୍ଧା ଓ ଭକ୍ତି ଥିଲା। ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ମୁଁ ଓ ମୋର ଅନେକ ବନ୍ଧୁ ଭାରତବର୍ଷର ସ୍ବାଧୀନତା ପାଇଁ ଆଗେଇ ଆସିଥିଲୁ। ଗୋଟିଏ ରକ୍ଷଣଶୀଳ ନୈଷ୍ଠିକ ବ୍ରାହ୍ମଣ ପରିବାରରେ ଜନ୍ମ ଲାଭକରି ମଧ୍ୟ ମୁଁ ଗାନ୍ଧିଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଅସ୍ପୃଶ୍ୟତା ବିରୋଧରେ ଆନ୍ଦୋଳନ ଚଳାଇଥିଲି। ଆପଣ ବର୍ତ୍ତମାନ ଭାବୁଥିବେ ଗାନ୍ଧିଙ୍କର ଏତେବଡ଼ ସମର୍ଥକହୋଇ ସୁଦ୍ଧା ମୁଁ ଗାନ୍ଧିଜୀଙ୍କୁ ହତ୍ୟାକଲି କାହିଁକି ? ଏହା ପଛରେ ମୋରେ ବିକୃତମାନସିକତା ଥିଲା ନା କାହାର ପ୍ରରୋଚନାରେ ମୁଁ ଏ କାଣ୍ଡ ଭିଆଇଥିଲି ? ନା, ଗାନ୍ଧିଜୀଙ୍କୁ ହତ୍ୟା କରିବାର ସିଦ୍ଧାନ୍ତ ମୁଁ ମୋର ସୁସ୍ଥ ମାନସିକ ଅବସ୍ଥାରେ ନେଇଥିଲି। ବେଳେ ବେଳେ ଦୂର ପାହାଡ଼ ଖୁବ୍ ସୁନ୍ଦର ଦେଖାଯାଏ କିନ୍ତୁ ପାଖକୁ ଗଲେ ଏହି ସୁନ୍ଦରତା ଭିତରେ ଲୁଚିଥିବା ଅନେକ ଅସୁନ୍ଦର ଓ ଅରୁଚିକର ଜିନିଷ ଦେଖାଯାଏ।

ମାନବିକ ଦୃଷ୍ଟିକୋଣରୁ ଗାନ୍ଧିଜୀ ନିହାତି ଭଲଲୋକଥିଲେ। ମୋ ମତରେ ସେ ଜଣେ ସନ୍ଥ ଥିଲେ। କିନ୍ତୁ ରାଜନୈତିକ ଦୃଷ୍ଟିକୋଣରୁ ସେ ନିଜକୁ ଦକ୍ଷ ବୋଲି ପ୍ରତିପାଦିତ କରିପାରିଲେ ନାହିଁ। ଯାହାର ବଳିଷ୍ଠ ନମୁନା ହେଉଛି ଦେଶ ବିଭାଜନ। ପରବର୍ତ୍ତି ସମୟରେ ମୁଁ ଯେତେବେଳେ ଗଭୀର ଭାବରେ ଚିନ୍ତା କରି ଅନୁଧ୍ୟାନ କରିବା ଶିଖିଲି, ମୁଁ ବୁଝିପାରିଲି ଭାରତବର୍ଷ ବିଭାଜନ ଓ ସାମ୍ପ୍ରଦାୟିକ ଦଙ୍ଗା, ଦେଶର ବାତାବରଣକୁ ଅଶାନ୍ତ କରି ତୋଳିଛି। ଓ ଏହି ଅଶାନ୍ତି ପାଇଁ ମୁଁ ଗାନ୍ଧିଜୀଙ୍କୁ ହିଁ ଦାୟୀ କଲି। ଯେଉଁ କାରଣ ଗୁଡ଼ିକ ମୋତେ ଗାନ୍ଧିଜୀଙ୍କୁ ହତ୍ୟା କରିବା ପାଇଁ ପ୍ରବର୍ତ୍ତାଇଥିଲା ସେଗୁଡ଼ିକ ମୁଁ ବିଚାରାଳୟ ପରିସର ମଧ୍ୟରେ ନିଜ ତରଫରୁ ୧୫୦ ଦଫାଯୁକ୍ତ ଜବାବ ହିସାବରେ ଉପସ୍ଥାପନ କରିଥିଲି। ସେଥିରୁ କିଛି ଦଫା ମୁଁ ଜନସାଧାରଣଙ୍କ ନିକଟରେ ଉପସ୍ଥାପନ କରିବାକୁ ଚାହେଁ, ଯାହାଦ୍ବାରା ମୋର ହତ୍ୟା କରିବାର ଉଦ୍ଦେଶ୍ୟ ବିଷୟରେ ଏକ ସ୍ପଷ୍ଟ ଚିତ୍ର ମିଳିପାରିବ।

୧୯୨୦ ମସିହାଠାରୁ ଅର୍ଥାତ୍ ଲୋକମାନ୍ୟ ତିଳକଙ୍କ ମୃତ୍ୟୁପରଠାରୁ କଂଗ୍ରେସ ଉପରେ ଗାନ୍ଧିଜୀଙ୍କ ପ୍ରଭାବ ପ୍ରଥମକରି ବଢ଼ି ଉଠିଲା। ଜନଜାଗରଣ ପାଇଁ ତାଙ୍କର କାର୍ଯ୍ୟଗୁଡ଼ିକ ବିସ୍ମୟକର ଭାବେ ବ୍ୟାପକଥିଲା। ତାହା ଅଧିକ ଦୃଢ଼ ହେଲା ତାଙ୍କର ସତ୍ୟ ଓ ଅହିଂସା ସ୍ଲୋଗାନ୍ ପାଇଁ। ମୋ ମତରେ ଦଳେ ଆକ୍ରମଣକାରୀ ବିରୁଦ୍ଧରେ ସଶସ୍ତ୍ର ବିଦ୍ରୋହ ଅନ୍ୟାୟ ନୁହେଁ। ଶକ୍ତି ଓ କ୍ଷମତା ବିନା ଅହିଂସା ହେଉଛି ଭୀରୁତା। ଜଣେ କ୍ଷମତାଶାଳୀ ଲୋକ

ଅହିଂସା ଆଚରଣ କଲେ ତାକୁ ଶୋଭାଦିଏ, କିନ୍ତୁ ଜଣେ ଦୁର୍ବଳ ଓ ସର୍ବହରା ଅହିଂସା ଆଚରଣ କଲେ ଏହାତା'ର ଦୁର୍ବଳତାର ପରିପ୍ରକାଶ। ଏଠାରେ ସମ୍ରାଟ ଅଶୋକ ଓ ଗାନ୍ଧିଜୀଙ୍କ ମଧ୍ୟରେ ତୁଳନା କରାଯାଇପାରେ।

ଗାନ୍ଧିଜୀ ହିନ୍ଦୁ-ମୁସଲମାନ ମାନଙ୍କ ଭିତରେ ସଦ୍‌ଭାବ ଆଣିବା ପାଇଁ ହିନ୍ଦୁମାନଙ୍କ ବିରୋଧ ସତ୍ତ୍ୱେ ମନ୍ଦୀରରେ ପ୍ରାର୍ଥନା ସମୟରେ କୋରାନ୍ ପାଠ କରିଥିଲେ କିନ୍ତୁ ମୁସଲିମଙ୍କ ବିରୋଧ ହେତୁ ସେ ମସଜିଦରେ ଗୀତାପାଠ କରିବାକୁ ସାହାସ କରିନଥିଲେ। ସେହିଦିନ ମୁଁ ନିଶ୍ଚୟ କରିଥିଲି ଯେ ଏହା ପ୍ରମାଣ କରି ଦେଖେଇ ଦେବି ଯେ ହିନ୍ଦୁମାନେ ମଧ୍ୟ ତାଙ୍କ ସମ୍ମାନ ରକ୍ଷା କରିବାପାଇଁ ଭୟଙ୍କର ହୋଇପାରିବେ।

ମୋ ମତରେ ଗାନ୍ଧି ମୁସଲିମ୍ କିମ୍ବା ଜିନ୍ନାଙ୍କ ଉପରେ କେବେ କୌଣସି ସର୍ତ୍ତ ଲଦିନଥିଲେ। ଏପରିକି ସେମାନଙ୍କର ଗାନ୍ଧିଜୀଙ୍କର କଥାବାର୍ତ୍ତା ଓ ଅନସନ ଉପରେ କୌଣସି ଆସ୍ଥା ନଥିଲା। ସେମାନେ ଗାନ୍ଧିଜୀଙ୍କୁ ଭାରତର ପିତା ଅପେକ୍ଷା ପାକିସ୍ଥାନର ପିତା ବୋଲି କହୁଥିଲେ, ଯେହେତୁ ପାକିସ୍ତାନ ଗଠନ ଦିଗରେ ସେ ବାଟ ପରିଷ୍କାର କରିଥିଲେ।

ଭାରତ ବିଭାଜନ ପରେ ୧୯୪୭ ମସିହା ଅଗଷ୍ଟ ମାସ ୧୪ ତାରିଖ ଦିନ ସୁଦ୍ଧା ଅବିଭକ୍ତ ଭାରତବର୍ଷର ରାଜକୋଷରେ ଥିବା ସମୁଦାୟ ଟଙ୍କାର ୩୩ ପ୍ରତିଶତ ଭାଗ ପ୍ରାୟ ୫୫ କୋଟି ଟଙ୍କା ପାକିସ୍ତାନକୁ ଦେବାକୁ ହେବ ବୋଲି ସ୍ଥିର କରାଗଲା। କିନ୍ତୁ ପାକିସ୍ତାନର ତତ୍‌କାଳୀନ ସାଂପ୍ରଦାୟିକ ମନୋଭାବ ଦେଖି ସେ ସମୟର ଭାରତର ଘରୋଇ ବିଭାଗର ମନ୍ତ୍ରୀ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ୍ ଏହି ଟଙ୍କା ବିଳମ୍ବରେ ଦେବାପାଇଁ ସ୍ଥିର କଲେ। ଦେଶର ଏପରି ସଙ୍କଟମୟ ପରିସ୍ଥିତିରେ ଗାନ୍ଧିଜୀ ପାକିସ୍ତାନକୁ ତା'ର ୫୫ କୋଟି ଟଙ୍କା ଯଥାଶୀଘ୍ର ଦେବାପାଇଁ ଭାରତ ସରକାରଙ୍କ ଉପରେ ଚାପ ପ୍ରୟୋଗ କଲେ ଏବଂ ଏହା ତୁରନ୍ତ ଦିଆ ନ ଗଲେ ସେ ଅନଶନ କରିବେ ବୋଲି ମଧ୍ୟ ଧମକ ଦେଲେ।

କାଶ୍ମୀର୍ ସମସ୍ୟା ପାକିସ୍ତାନ ସଙ୍ଗେ ବିଶେଷ ଭାବରେ ଜଡ଼ିତ। କାଶ୍ମୀରକୁ ଦଖଲ କରିବା ଲକ୍ଷ୍ୟନେଇ ପାକିସ୍ତାନ ଭୟାବହ ଆକ୍ରମଣ କରିଥିଲା। କାଶ୍ମୀରର ମହାମାନ୍ୟ ହିନ୍ଦୁମହାରାଜା ହରି ସିଂ ନେହେରୁ ସରକାରଙ୍କ ନିକଟରୁ ସାହାଯ୍ୟ ଚାହିଁଥିଲେ। ସେହି ସମୟରେ ନେହେରୁ ସରକାର ସର୍ତ୍ତ ରଖିଥିଲେ ଯେ ଶେଖ୍ ଅବଦୁଲ୍ଲାଙ୍କୁ କାଶ୍ମୀରର ପ୍ରଧାନ ଶାସକ କରାଗଲେ ସାହାଯ୍ୟ ଦିଆଯିବ। ଏବଂ ଏ ବିଷୟରେ ସେ ଗାନ୍ଧିଜୀଙ୍କ ସହ ପରାମର୍ଶ କରି ତାଙ୍କରି ସମ୍ମତି କ୍ରମେ କାଶ୍ମୀରକୁ ସୈନ୍ୟଦଳ ପଠାଇଥିଲେ। ଯଦି ଗାନ୍ଧିଜୀଙ୍କର ସତରେ ଅହିଂସା ଉପରେ ଆସ୍ଥା ରହିଥାନ୍ତା ତେବେ ସେ ସୈନ୍ୟବାହିନୀ ପରିବର୍ତ୍ତେ ସତ୍ୟାଗ୍ରହୀ ପଠାଇ ପାରିଥାନ୍ତେ କିମ୍ବା ନିଜେ ଯାଇ ସମାଧାନର ପନ୍ଥା ଖୋଜିଥାନ୍ତେ। ସେ ଅହିଂସାକୁ କିପରି ରାଜନୀତିରେ ପ୍ରୟୋଗ କରାଯାଏ ତାହା ଜାଣିଥିଲେ କିନ୍ତୁ ଅହିଂସା ଉପାୟରେ ରାଜନୀତି

ଚଳାଇବା ସପକ୍ଷରେ ନଥିଲେ।

ପାକିସ୍ତାନକୁ ସମର୍ଥନ କରିବାପରେ ଗାନ୍ଧିଜୀଙ୍କର ସତ୍ ଅଭିପ୍ରାୟ ସମ୍ପର୍କରେ ଯେଉଁମାନେ କୁହନ୍ତୁ ସେମାନଙ୍କୁ ମୁଁ ଏହା କହିବାକୁ ଚାହେଁ ଯେ ପାକିସ୍ତାନ ସୃଷ୍ଟି ହେବା ଫଳରେ ଯେଉଁ ସବୁ ବିଭତ୍ସ ଘଟଣାବଳି ଘଟିଚାଲିଛି, ସେଥିପାଇଁ ଗାନ୍ଧିଜୀ ଥିଲେ ସମ୍ପୂର୍ଣ୍ଣତଃ ଦାୟୀ। ଆଉ ଗାନ୍ଧିଜୀଙ୍କ ଉପରେ ଏହି ଚରମ ପନ୍ଥା ଗ୍ରହଣ ସମୟରେ ସ୍ବଦେଶର ପବିତ୍ରତମ ମଙ୍ଗଳ ଇଚ୍ଛା ଭିନ୍ନ ଅନ୍ୟ କିଛି ନଥିଲା। ମୁଁ ଏକଥା ପୂର୍ଣ୍ଣ ଭାବରେ ଅନୁଭବ କରିଥିଲି ଯେ ମୋର ଏହି କାର୍ଯ୍ୟପାଇଁ ମୋତେ ଭାରତବାସୀ ଯୁଗ ଯୁଗଧରି ଏକ ଘୃଣ୍ୟବ୍ୟକ୍ତି ହିସାବରେ ଦେଖିବେ, ହେଲେ ମୋର ତିଳେ ହେଲେ ଅନୁଶୋଚନା ନଥିଲା।

## ଗାନ୍ଧିଜୀଙ୍କ ହତ୍ୟା

ଗାନ୍ଧିଜୀଙ୍କର ମୁସଲମାନମାନଙ୍କ ପ୍ରତି ସହାନୁଭୂତିସୂଚକ ମନୋଭାବ, ଦେଶ ବିଭାଜନ କ୍ଷେତ୍ରରେ ନିରବତା, ବିଶେଷକରି ମୁସଲମାନ ସମ୍ପ୍ରଦାୟର ହିନ୍ଦୁମାନଙ୍କ ଉପରେ ନୃଶଂସ ଅତ୍ୟାଚାରକୁ ଅସ୍ବୀକାର କରିବା ଓ ପାକିସ୍ତାନକୁ ୫୫ କୋଟି ଟଙ୍କା ଶୀଘ୍ରଦେବାପାଇଁ ଭାରତସରକାରଙ୍କ ଉପରେ ଚାପ ପ୍ରୟୋଗ କରିବା ହେଉଛି, ତାଙ୍କୁ ହତ୍ୟାକରିବାର ମୁଖ୍ୟ କାରଣ। ଗାନ୍ଧିଜୀଙ୍କୁ ହତ୍ୟା କରାଯିବା ପାଇଁ ଯେଉଁ ଷଡ଼ଯନ୍ତ୍ର କରାଯାଇଥିଲା, ତାହା ୧୯୪୭ ମସିହା ଡିସେମ୍ବର ମାସରେ କରାଯାଇଥିଲା। ଏହି ଷଡ଼ଯନ୍ତ୍ରର ମୁଖ୍ୟ ନାୟକ ଦ୍ବୟ ହେଲୁ ମୁଁ ଓ ନାରାୟଣ ଆପ୍ତେ। ୧୯୪୮ ମସିହା ଜାନୁଆରୀ ୩୦ ତାରିଖ ଅପରାହ୍ନ ସମୟରେ ଗାନ୍ଧିଜୀ ବିରଲା ଭବନସ୍ଥିତ ପ୍ରାର୍ଥନା ସଭାରେ ଯୋଗଦେବାକୁ ଅଗ୍ରସର ହେଉଥାନ୍ତି, ଏହି ସମୟରେ ମୁଁ ମୋ ହାତରେ ଏକ ଗୁଳିଭରା ପିସ୍ତଲ (ନମ୍ବର ୬୦୬୮୨୪) ଧରି ଗାନ୍ଧିଜୀଙ୍କ ଆଡ଼କୁ ଅଗ୍ରସର ହେଉଥାଏ।

ପ୍ରାର୍ଥନା ସଭାରେ ଭିଡ଼ ବହୁତ ଥିଲା। ମୁଁ ଭିଡ଼ ଭିତରେ ଜନତାକୁ ଠେଲି ଗାନ୍ଧିଜୀଙ୍କ ସମ୍ମୁଖରେ ଉପସ୍ଥିତ ହେଲି। ମୁଁ ମୋ ପିସ୍ତଲରୁ ଚାରି ରାଉଣ୍ଡ ଗୁଳି ଚଳାଇଥିଲି। ଏହି ଗୁଳି ଗୁଡ଼ିକ ଗାନ୍ଧିଜୀଙ୍କ ପେଟ ଓ ଛାତିରେ ବିନ୍ଧି ହେଇଯାଇଥିଲା। ଗୁଳିର ଶୀକାର ହେବାପରେ ଗାନ୍ଧିଜୀ ସେଠାରେ ଟଳି ପଡ଼ିଲେ। ମୁଁ ସେଇଠି ସେଇମିତି ଠିଆ ହୋଇ ରହିଲି। କିଛି ସମୟପରେ କିଛି ପୋଲିସ ଅଫିସର ଆସି ମୋତେ ଗିରଫ କଲେ। ୧୯୪୮ ମସିହା ମେ ୨୭ ତାରିଖରେ ମୋର ବିଚାରପର୍ବ ଆରମ୍ଭ ହେଲା। ୧୯୪୮ ମସିହା ନଭେମ୍ବର ୮ ତାରିଖ ଦିନ ଗାନ୍ଧିଜୀଙ୍କୁ ହତ୍ୟା କରିବାର କାରଣ ଓ ଲକ୍ଷ୍ୟ ସମ୍ପର୍କରେ ମୁଁ ମୋର ବୟାନ ପ୍ରକାଶ କଲି। ୧୫୦ଟି ଯୁକ୍ତି ବାଢ଼ିଥିଲି। ଯାହାକୁ ପରେ ମୋର ଅନୁଜ ଗୋପାଲ୍ ଗଡ଼ସେ ସଂଗ୍ରହ କରି, 'ମେ ଇଟ୍ ପ୍ଲିଜ୍ ୟୋର୍ ଅନର୍' ନାମକ ଏକ ପୁସ୍ତକ ଆକାରରେ ପ୍ରକାଶ କରିଥିଲେ। ୧୯୪୯ ମସିହା ଫେବୃଆରୀ ୧୦ ତାରିଖ ଦିନ ବିଚାରାଳୟ ତାଙ୍କର ରାୟ ପ୍ରକାଶ କରି ମୋତେ ଏବଂ

ନାରାୟଣ ଦତ୍ତାତ୍ରେୟ ଆପ୍‌ତେଙ୍କୁ ମୃତ୍ୟୁଅ ଦଣ୍ଡରେ ଦଣ୍ଡିତ କରିଥିଲେ।

ବିଷ୍ଣୁରାମକୃଷ୍ଣ କରକରେ, ମଦନଲାଲ ପାଓ୍ୱା (ସେମାନେ ଗାନ୍ଧିଜୀଙ୍କୁ ହତ୍ୟା କରିବାପାଇଁ ପ୍ରଥମେ ଚେଷ୍ଟା କରି ବିଫଳ ହୋଇଥିଲେ), ଗୋପାଲ୍ ବିନାୟକ ଗଡ଼ସେ, ଡାକ୍ତର ସଦାଶିବ ଦତ୍ତାତ୍ରେୟ ପରଚୁରେଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିଲେ।

୧୯୪୯ ମସିହା ନଭେମ୍ବର ମାସ ୧୫ ତାରିଖ ଦିନ ମୋତେ ଓ ଆପ୍‌ତେଙ୍କୁ ଅମ୍ବାଲା ଜେଲରେ ଫାଶୀ ଦିଆଯାଇଥିଲା।

ପ୍ରତ୍ୟେକ ମଣିଷ ଭିତରେ କିଛି ଭଲଗୁଣ ସହିତ କିଛି ଖରାପ ଗୁଣ ବି ଥାଏ। ଗାନ୍ଧିଜୀଙ୍କୁ ଆମେ ମହାତ୍ମା କହିବା ପୂର୍ବରୁ ଚିନ୍ତା କରିବା ଉଚିତ ଯେ ସେ ପ୍ରଥମେ ଜଣେ ମଣିଷ। ତା'ପରେ ବାକି ଅନ୍ୟ କିଛି। ତାଙ୍କର ନିଜ ପୁଅ ହରିଲାଲ ମଧ୍ୟ ତାଙ୍କ କାର୍ଯ୍ୟରେ ସନ୍ତୁଷ୍ଟ ନଥିଲେ। ମୁଁ ଏଠାରେ ଗୋଟିଏ ପ୍ରଶ୍ନ କରିବାକୁ ଚାହେଁ ସତରେ କଣ ତାଙ୍କୁ ଜାତିର ଜନକ କହିବା ଠିକ୍ ହେବ ? ସେ କ'ଣ ଚାହିଁଥିଲେ ଦେଶ ବିଭାଜନ ଓ ଏହା ସହିତ ଜଡ଼ିତ ଲକ୍ଷ ଲକ୍ଷ ହିନ୍ଦୁ ମୁସଲମାନଙ୍କ ହତ୍ୟା, ବଳାତ୍କାରକୁ ରୋକି ପାରିନଥାନ୍ତେ ?

ଗାନ୍ଧିଜୀଙ୍କର ପ୍ରତ୍ୟେକ କ୍ଷେତ୍ରରେ ଅନଶନ ଭାରତ ସରକାର ପ୍ରତି ଏକ 'ରାଜନୈତିକ ବ୍ଲାକ୍‌ମେଲ୍' ରୂପେ ପରିଣତ ହୋଇଯାଉଥିଲା।

ମୋର ଆତ୍ମା ଆଜି ମଧ୍ୟ ଗାନ୍ଧିଜୀଙ୍କ ହତ୍ୟାପାଇଁ ଅନୁତପ୍ତ ନୁହେଁ। ହୁଏତ ଏହା ଠିକ୍ ବା ଭୁଲ୍ ହୋଇପାରେ, ମୁଁ କେବଳ ସେ ସମୟର ଆବଶ୍ୟକତାକୁ ମେଣ୍ଟାଇ ଏକ ବିରାଟ ଜାତି ବା ଦେଶକୁ ଧ୍ବଂସ ମୁଖରୁ ରକ୍ଷା କରିଛି। ମୁଁ ମୋର ୱିଲ୍ ବା ଅଭିଳାଷ ପତ୍ରରେ ଏଇଆ ଲେଖିଛି ଯେ ଯେଉଁଦିନ ସ୍ବାଧୀନ ହିନ୍ଦୁସ୍ତାନର ପତାକା ପୁନର୍ବାର ସିନ୍ଧୁନଦୀ କୂଳରେ ଉଡ଼ିବ ସେହିଦିନ ମୋ ଚିତାଭସ୍ମକୁ ସିନ୍ଧୁନଦୀରେ ବିସର୍ଜନ କରିଦେବ। ମୋର ଆତ୍ମା ଶାନ୍ତି ପାଇବ।

ଜୟ ହିନ୍ଦ୍, ଭାରତ ମାତାକି ଜୟ

ହିନ୍ଦୁରାଷ୍ଟ୍ର ଜିନ୍ଦାବାଦ...

ଲେଖାପାଇଁ ଯେଉଁସବୁ ପୁସ୍ତିକାକୁ ଅନୁସରଣ କରାଯାଇଛି:-


୧. 'ମେ ଇଟ୍ ପ୍ଲିଜ୍ ୟୋର୍ ଅନର୍' - ନାଥୁରାମ୍ ଗଡ଼ସେ

୨. ମୁଁ ନାଥୁରାମ କହୁଛି - ଶେଷଦେବ ମଲ୍ଲିକ

୩. ଇଣ୍ଟରନେଟ୍‌ରୁ ଉଦ୍ଧୃତ

# ମଦ ଉପାଖ୍ୟାନ

ଅକ୍ଷୟ କୁମାର ରାଉତ



ନିଦାଘରେ ପଛେ ମାଟି ଶୁଖିଯାଉ
ତଣ୍ଟି ଆମ ଶୁଖେ ନାହିଁ
ଭୋକରେ ପଛକେ ପେଟ ଜଳୁଥାଉ
ମଦକୁ ଛାଡ଼ିବୁ ନାହିଁ... ୧

ନିର୍ବାଚନ ବେଳେ ଗାଡ଼ିଏ ଗାଡ଼ିଏ
ମଦ ଭାସି ଯାଏ ଗାଁରେ
ନ ପିଇବା ଲୋକ ପିଆ ଶିଖିଯାଏ
ଭୋଟ ଦେବା ବୋଲି ନାଁରେ ... ୨

ପିଲା ଜନମଠୁ ବାହାଘରଯାଏଁ
କ୍ରିୟା କର୍ମରେ ବି ଲାଗେ ଭୋଗ
ଭୂମିପୂଜା ଅବା ଗୃହପ୍ରବେଶରେ
ନଲାଗିଲେ ମଦ, ପଡ଼େନା ଯୋଗ ... ୩

ପରୀକ୍ଷାର ଫଳ ବାହାରୁ ବାହାରୁ
ବାପା ବାଣ୍ଟିବସେ ଦେଶୀ ମାଲ୍
ରାତି ଅଧିଆ ଇଂଲିଶ୍ ପିଇକି
ସାଙ୍ଗ ସାଥେ ପୁଅ ହୁଏ ଚୁଲ୍ ... ୪

ନାହିଁ ତା'ର ଜାତି ନାହିଁ ତା'ର ଧର୍ମ
ସଭିଙ୍କୁ ଦିଅଇ ସମ ନିଶା
ସିକ୍ୟୁଲାରିଜ୍‌ମ୍ ତା'ର ଭାଷା
ହେଉ ଅବା ଜାତି ଅବା ଜନ ଜାତି
ରିଜର୍ଭେସନରେ ନଥାଏ ଆସ୍ଥା ... ୫
ନାକାମ ଶିକ୍ଷାର୍ଥୀ, ବିଫଳ ପ୍ରେମିକ

ବେକାର ଭଣ୍ଡୁଆ ଯେତେ
ନେତାଙ୍କ ଭାଷଣ, ବାବାଙ୍କ ପ୍ରବଚନ
ସବୁରି ବନ୍ଧନ ସିଏ ... ୬

ନ ପିଇବା ଲୋକ ବାସନ୍ଦ ଯେମିତି
ଶୁଦ୍ର କୂଳେ ଜାତ ତାର
ପାଠୁଆ ପିଇଲେ ହିନ୍ଦି ଉବାଚଇ
ମୁର୍ଖ ପିଇଲେ ଇଂଲିଶ୍ ଫର ଫର ... ୭

ବାର ମାସେ ତେର ପର୍ବ ଯେତେ
ମଦୁଆଙ୍କ କଚେପୁଅ ବାର
କହନ୍ତି ପରବ କମ୍ ପଡୁଛି
ଆମ କଥା ଟିକେ ବିଚାର କର ... ୮

ସ୍ପେଶାଲ୍ ପ୍ୟାକେଜ୍ ଦିଅହେ ଆମକୁ
ପୂଜା, ଦୀପାବଳି, ଯାନି ଯାତ୍ରାରେ
ମଦ ଦୋକାନରେ ଲାଗୁଅଛି ଭିଡ଼
ବ୍ୟବସ୍ଥା କର ଗାଁ ତେଜରାତି ଦୋକାନରେ ... ୯

ପିଇବା ଲାଗି ପ୍ରୋତ୍ସାହନ ହେତୁ
ରଖ ଭିନ୍ନ ଭିନ୍ନ ପ୍ରତିଯୋଗିତା
ବିଜୟୀଙ୍କୁ ଦିଅ ମଦଭୂଷଣ ହେ
ଆଜୀବନ ନିଃଶୁଳ୍କ ମଦର ବାର୍ତ୍ତା ... ୧୦

ମଦ ଯେଣୁ ମାନେ ନାହିଁ ଜାତିଧର୍ମ
ମଦ ପିଇବାକୁ ନିୟମ ହେଉ,
ସଭିଏଁ ପିଇବା ଏକାଠି ହୋଇ ହେ
ଛୁଆଁ ଅଛୁଆଁ ଜାତି ଧର୍ମର ଭେଦଭାବ ଉଠିଯାଉ ... ୧୧

# ମୋ ଭ୍ରମଣ କାହାଣୀ – ଟରୋଣ୍ଟୋ



ପ୍ରଶାନ୍ତ କୁମାର ଭୂୟାଁ

ଶେଷରେ ଭିସାଟାରେ ଗୋଟିଏ ରଙ୍ଗ ବିରଙ୍ଗ ମୁଦ୍ରାଟିଏ ଲାଗି ଆସିଗଲା । ଏଥିପାଇଁ , ମୁଁ ଯେ କେତେ ଦହଗଞ୍ଜ ହୋଇଛି ଆଉ କେତେ ପାମ୍ପଡ଼ ବେଲିଛି ତାହା କହି ପାଠକଙ୍କ ମୁହଁଟାକୁ ରଙ୍ଗ କରିବାକୁ ଚାହୁଁନି । କଥାରେ ବା ଅଛି, "ବାଂଝ କି ଜାଣଇ ଗର୍ଭ ବେଦନା" ଯିଏ ଭୁକ୍ତଭୋଗୀ ସିଏ ହିଁ ଜାଣେ ଆମେରିକା ଭିସା ର ମଜା କଣ ? ଏବେ ଚାଲନ୍ତୁ , ଅସଲ ବିଷୟ କୁ ଆସିଯିବା ସମୟ ନଷ୍ଟ ନକରି ।

ମୋ ସ୍ତ୍ରୀ ଗୋଟିଏ ବହୁର୍ଦେଶୀୟ କମ୍ପାନୀରେ କାର୍ଯ୍ୟରତ । ତାଙ୍କର ବହୁ ସାଙ୍ଗସାଥିଙ୍କ ସହ ଯେବେବି ମିଶିଛି ସଦାବେଳେ କେତୋଟି କଥା ମୁହୁର୍ମୁହୁ ଅନର୍ଗଳ ଭାବେ ଛୁଟି ଆସୁଥିବ ସେମାନଙ୍କ ମୁହଁରୁ, ଯେପରିକି ଅନ୍‌ସାଇଟ୍, ପିଆର୍, ସିଟିଜେନ୍‌ସିପ୍, ଭିସା ଇଣ୍ଟର୍‌ଭିଉ, ପ୍ରଭୃତି । ଦିନେ ମୁଁ କୁତୁହଳୀ ହୋଇ ତାଙ୍କୁ ପଚାରିବସିଲି ବହୁତ ଦିନ ହେଲା ବିଦେଶ ଗସ୍ତ ହୋଇନାହିଁ , କଣ ଆଉ ଯିବାଟା ହେବ କି ନାହିଁ ?

ସେ କହିଲେ ଯେ , ଯଦି ତୁମେ କହିବ ତେବେ ହୁଏତ ମୁଁ ମୋ ଉପର ଅଧିକାରୀଙ୍କ ସହ ଏ ବିଷୟରେ ଆଲୋଚନା କରିବି ।

ବାସ୍ , କଥାହେଲା କି ସେ ଉପର ଅଧିକାରୀଙ୍କୁ କହିବୁଝି ଠିକ୍ କରିବେ ଆମର ବିଦେଶ ଗସ୍ତ । ଏହି ବହୁର୍ଦେଶୀୟ କମ୍ପାନୀ ମାନଙ୍କର ଏହା ଏକ ସୁବିଧା , ଯାତରା ଦେଖା ଓ କଦଳୀ ବିକା ଗୋଟିଏ ଯାଗାରେ । ଚାକିରୀ ଆଉ ବିଦେଶ ବୁଲାର ସୁଯୋଗ ଗୋଟିଏ ସାଙ୍ଗରେ ହୋଇଯାଏ ।

ସେତେବେଳେ ବାଙ୍ଗାଲୋର୍‌ର ଏକ ବହୁର୍ଦେଶୀୟ କମ୍ପାନୀରେ ମୁଁ ପରିଚାଳକ ରୂପେ ଅବସ୍ଥାପିତ ହୋଇଥାଏ । ଆଉ ରାତିରେ ମୁଁ ଅନ୍‌ଲାଇନ୍‌ରେ ଆମେରିକାର ଛାତ୍ରମାନଙ୍କୁ ପାଠ ପଢ଼ାଏ , ଏଣୁ ଦୁନିଆଁ ର ଯେ କୌଣସି ଜାଗାରେ କମ୍ପ୍ୟୁଟର୍ ଆଗରେ ବସି ପଡ଼ିଲେ ମୋର କାମ ଆରମ୍ଭ ହୋଇଯାଏ । ଏଣୁ ମୋ ପାଇଁ ଏହା ଏକ ରାଜଯୋଟକ ଭଳିକା । ହେଲେ ଟରୋଣ୍ଟୋ ଯିବା ପୂର୍ବରୁ ମୋର ଦିନବେଳର ଚାକିରୀ ଛାଡ଼ିବାକୁ ହେବ ଏହା ଭାବି ଟିକେ ମନଟା ଭାରୀ ହେଉଥିଲା । ଏହିପରି ବହୁତ ଦିନପରେ ଆଲୋଚନା ବିଲୋଚନା, ହେଲାପରେ କମ୍ପାନୀ ମୋତେ , ଧର୍ମପତ୍ନୀଙ୍କ ସହ ଉତ୍ତର ଆମେରିକାର ପ୍ରସିଦ୍ଧ ସହର " ଟରୋଣ୍ଟୋ "କୁ ଯିବା ପାଇଁ ଅନୁମତି ପ୍ରଦାନ କଲେ । ମୋତେ ଏହା ଯେପରି କମ୍ପାନୀର ଶାରଦୀୟ ପୂଜା

ଭେଟି ଭଳି ମିଳିଥିଲା । ପୂରା ଅକ୍ଟୋବର୍ ମାସଟା ପ୍ରସ୍ତୁତି ପାଇଁ ଲାଗିଯାଇଥିଲା । ସମସ୍ତେ ମା ଦୁର୍ଗାଙ୍କୁ ଆବାହନ କରି ଗୃହାଭିମୁଖୀ କରାଇଲାବେଳେ ଆମେ ଗୃହତ୍ୟାଗୀ ହୋଇ ପରଦେଶ କୁ ଯିବା ପାଇଁ ଜାଗତିଆର ହେଉଥିଲୁ ।

ଇଣ୍ଟରନେଟ୍‌ରେ "ଟରୋଣ୍ଟୋ" ର ଏକ ରିସର୍ଚ୍ଚ ମୁଁ ଚଲାଇଥିଲି । ସେଠାକାର ପାଣିପାଗ, ଅବସ୍ଥିତି, ସାମାଜିକ ପରିସ୍ଥିତି, ଚାଲିଚଳଣ, ପ୍ରଭୃତି ଏକ ଟିପାଖାତାରେ ଲେଖି ରଖୁଥିଲି । ସେଠାକୁ ଯିବା ପୂର୍ବରୁ, ଯିବାପରେ, ରହିଲାବେଳେ କଣ କଣ ସବୁ ଦରକାର , ସେହି ଉପାଦାନ ସବୁ ଯୋଗାଡ଼ କରିବାରେ ଲାଗିପଡ଼ିଥିଲି । ସବୁଠାରୁ ଛାନିଆ ହେବାର କଥାଥିଲା ଯେ ସେଠି ଶୀତଋତୁରେ ତାପମାନ – ୩୫ ଆଡ଼କୁ ଖସିଯାଏ । ପୂରା ବରଫରେ ରାସ୍ତାଘାଟ ଆଚ୍ଛନ୍ନ ହୋଇ ରହିଥାଏ ୩/୪ ମାସ । ଏ ସବୁ ଜାଣିବାରେ ମଜା ଲାଗୁଥିଲା ହେଲେ ଭିତରେ ହାଡ଼ ଶୀତଳ ହୋଇ ଯାଉଥିଲା ।

ଆମ ଟିକଟ ପଇସା ସିନା କମ୍ପାନୀ ଦେଉଥିଲା ହେଲେ ଅନ୍ୟାନ୍ୟ କିସମର ଦ୍ରବ୍ୟ, ପୋଷାକ ପରିପାଟୀ, ପ୍ରଭୃତି ଯୋଗାଡ଼ ଯନ୍ତ୍ରରେ ହିଁ ୪୦ ରୁ ୫୦ ହଜାର ଟଙ୍କା ସରିଗଲା ।




(ଦିଲ୍ଲୀ ଜାତୀୟ ବିମାନ ବନ୍ଦରରୁ ଆନ୍ତର୍ଜାତୀୟ ବିମାନ ବନ୍ଦର ଯିବାକୁ ଅପେକ୍ଷା କରିଅଛି )

ପରିଶେଷରେ ଅକ୍ଟୋବର ମାସ ୨୯ତାରିଖ ଦିନ ବାଙ୍ଗାଲୋର୍ ଆନ୍ତର୍ଜାତୀୟ ବିମାନ ବନ୍ଦରରୁ ଜେଟ୍ ଏଇର୍‌ୱେସ୍ ର ଏକ ବିମାନରେ ବସି ସର୍ବପ୍ରଥମେ ଦିଲ୍ଲୀ ଅଭିମୁଖେ ଯାତ୍ରାକଲୁ । ତାପରେ ସେଇଠୁ ଆଉ ଏକ ବିମାନରେ ବସି ବାହାରିଲୁ ଟରୋଣ୍ଟୋକୁ ଭାୟା ବ୍ରସେଲ୍ସ ବିମାନ ବନ୍ଦର ଦେଇ । ବ୍ରସେଲ୍ସବିମାନ ବନ୍ଦରରୁ ବିମାନ ଛାଡ଼ିଲା ପରଠୁଁ ମୋର ଆଖି ଅହରହ ଝରକା ବାହାରକୁ ହିଁ ରହିଥାଏ ଆକାଶରୁ ଟରୋଣ୍ଟୋ ସହରକୁ ପ୍ରଥମେ ଦେଖିବାକୁ ।



(ଦିଲ୍ଲୀ ବିମାନ ବନ୍ଦରର ଅନୁସନ୍ଧାନ /  ଟିକଟ କାଉଣ୍ଟର )



(ଦିଲ୍ଲୀ ଆନ୍ତର୍ଜାତୀୟ ବିମାନ ବନ୍ଦର ର ଆଭ୍ୟନ୍ତରୀଣ ମନୋହର ଦୃଶ୍ୟ )

ସତ କହିବି ଯେ ଆକାଶ ଉପରୁ ସହର ଗୁଡ଼ିକ ଦେଖିବାରେ ଯେଉଁ ସୁନ୍ଦର ଲାଗେ ଅତି ନିକଟରୁ ସେଇପରି ନୁହେଁ । ନେପାଳରୁ ଦିଲ୍ଲୀ ଆସିଲାବେଳେ ହିମାଳୟକୁ ଆକାଶ ଉପରୁ ଉଡ଼ାଜାହାଜରୁ ଦେଖି ଆଚମ୍ଭିତ ହୋଇଥିଲି ସେଥର । ଏହିପରି ଆକାଶ ଉପରୁ ବିମାନ ପରିଚାରିକାଙ୍କୁ କହିପୋଛି ହିମାଳୟ, ବେଙ୍କକ୍,ସିଙ୍ଗାପୁର୍, ମେଲ୍‌ବୋର୍ଣ୍ଣ,କାଠମାଣ୍ଡୁ, ଦିଲ୍ଲୀ, ବାଙ୍ଗାଲୋର୍ ପ୍ରଭୃତି ଅନେକ ସହରର ସୁନ୍ଦର ସୁନ୍ଦର ଛବି ସବୁ ଉଠାଇ ରଖିଛି ଉଡ଼ାଜାହାଜ ଭିତରୁ ଅତି ଯତନରେ ।  ଶେଷରେ ମୋର ପ୍ରତୀକ୍ଷାରେ ପୂର୍ଣ୍ଣଛେଦ ପକାଇ ଦୂରରୁ ଭାସି ଆସିଲା ସି.ଏନ୍. ଟାୱାର୍ ର ଅଗ୍ରଭାଗ । ଧର୍ମପତ୍ନୀଙ୍କୁ ନିଦରୁ ଉଠାଇଲି ଆଉ ଦେଖାଇଲି ଆକାଶ ଉପରୁ ଟରୋଣ୍ଟୋ ସହର ।

ରଙ୍ଗବିରଙ୍ଗ ବୃକ୍ଷଲତାରେ ଆଚ୍ଛନ୍ନ ହୋଇ ରହିଥିଲା ସହରଟି । ମନଟା କୁରୁଳି ଉଠୁଥିଲା ଭିତରେ, ଆଉ ଗୁରୁଗର୍ଜ୍ଜନ ଧ୍ବନୀକରି ଆମର ବିମାନ ଅବତରଣ କରୁଥିଲା ପିଅର୍‌ସନ୍ ଆନ୍ତର୍ଜାତୀୟ ବିମାନ ବନ୍ଦର ଭିତରେ । ବହୁତ ସୁନ୍ଦର ଓ ସୁସଜ୍ଜିତ ବିମାନ

ବନ୍ଦରଟିଏ ଟରୋଣ୍ଟୋର । ହେଲେ ଏଠାରେ ନିଶ୍ଚୟ ଲେଖିବି ଯେ ଏବକାର ଦିଲ୍ଲୀ ଆନ୍ତର୍ଜାତୀୟ ବିମାନ ବନ୍ଦର ବିଦେଶର ବିମାନ ବନ୍ଦର ଠାରୁ କେଉଁ ଗୁଣରେ କମ୍ ନୁହେଁ ।

ବିମାନ ବନ୍ଦର ଅଧିକାରୀମାନେ ବହୁତ ଚଞ୍ଚଳ ଓ ବ୍ୟବହାର ଏମାନଙ୍କର ବହୁତ ଭଦ୍ରୋଚିତ ଥିଲା । ବାସ୍ ଏହି ଗୁଣ ଆମର ଦିଲ୍ଲୀ ବିମାନ ବନ୍ଦର ଅଧିକାରୀଙ୍କ ଠାରେ ମୁଁ ଦେଖିବାକୁ ପାଇନଥିଲି । ନିହାତି ଅଳସୁଆ ଓ କାମଚୋର ଗୁଡ଼ାକ । ପାନ ଖଣ୍ଡେ ଜାକିଦେଇ , ୫ମିନିଟ୍‌ରେ ଥରେ ହାଇ ମାରୁଥିବେ ଆଉ ବାରମ୍ବାର ଘଡ଼ିଟାକୁ ଦେଖୁଥିବେ । ମୋତେ ଗୋଟିଏ ଆତଙ୍କବାଦୀଙ୍କ ଭଳି ଦେଖି ଯାଡୁସ୍ୟାଡୁ ଅନେକ ପ୍ରଶ୍ନ ପଚାରି ଚାଲିଥିଲେ । ବାରମ୍ବାର ମୋତେ ସେ ପଚାରିଥିଲେ ," ତୁମେ ଟରୋଣ୍ଟୋ କାହିଁକି ଯାଉଛ ? "

ଆମ ଦୁଇଜଣଙ୍କ ପାସ୍‌ପୋର୍ଟ ଓ ଅନ୍ୟାନ୍ୟ କାଗଜ ପତ୍ର ସବୁ ଦେଖିବାକୁ ଦିଲ୍ଲୀ ବିମାନ ବନ୍ଦର ଅଧିକାରୀ ମାନଙ୍କୁ ୩୫ମିନିଟ୍ ସମୟ ଲାଗିଥିବା ବେଳେ ଟରୋଣ୍ଟୋରେ ଏମାନଙ୍କୁ ୩/୪ ମିନିଟ୍ ଲାଗିଥିଲା ।

ପରେ ଅନ୍ୟଜଣେ ଅଧିକାରୀ ଆମକୁ ଏକ କୋଠରୀକୁ ଡାକିନେଇ ଅତି ଆଦରରେ


ଟରୋଣ୍ଟୋ ଏକ ମେଘୁଆ ପାଗବେଳେ

ଦୁଃଖସୁଖ ପଚାରି ବୁଝିଥିଲେ । ତାପରେ ସେ କହିଲେ, ଆପଣ ଯଦି ଚାହାଁନ୍ତି , ତାହାହେଲେ ଏଠି ଚାକିରୀ କରି ପାରନ୍ତି । ଆଉ ସେ ଗୋଟିଏ ଫୋନ୍ ନମ୍ବରଟିଏ ଦେଇ କହିଲେ , ଆପଣ ଏହି ନମ୍ବରକୁ  ଫୋନ୍ କଲେ ସେ ଆପଣଙ୍କୁ ଚାକିରୀ ଖୋଜିବାରେ ସାହାଯ୍ୟ କରିବେ । ଅତି ଖୁସି ଲାଗୁଥିଲା ଏମାନଙ୍କ ଏହି ଅମାୟିକ ବ୍ୟବହାର ଦେଖି ।

କାଗଜପତ୍ରର ଯାଞ୍ଚ ସରିଲାପରେ ନିଜ ନିଜର ସାମାନ ସବୁ ସଂଗ୍ରହ କରି ବିମାନ







ବନ୍ଦରର ବାହାରକୁ ଆସିଲୁ । ବାହାରେ ବେଶଭୂଷାରେ ସଜାଇ ହୋଇ ସିକ୍ୟୁରିଟି ଗାର୍ଡ଼ଟିଏ ଏପଟ ସେପଟ ହେଉଥାଏ । ଆମ୍ଭକୁ ଦେଖି ସେ ବୁଝିପାରିଲା ଯେ ଆମେ ଏ ଦେଶରେ ନୂଆଁ ଏଣୁ ସେ ଆମର ଅତି ନିକଟକୁ ଆସି ଅତି ସଂଭ୍ରମର ସହ ଶୁଭେଚ୍ଛା ଜଣାଇ ପଚାରିଲା , ଆପଣମାନେ କ୍ୟାବ୍ ବୁକ୍ କରିଛନ୍ତି କି ? ଆମ୍ଭେ ମୁଣ୍ଡ ହଲାଇ ନାହିଁ କରିବାର ଦେଖି , ସେ ହସି ହସି ବୁଝାଇ କହିଲା କିଛି ଅସୁବିଧା ନାହିଁ । ଏହାପରେ ସେ ନିଜର ଫୋନ୍‌ରୁ ଗୋଟିଏ କ୍ୟାବ୍ ପାଇଁ ଘୋଷଣା କରିବାକୁ ଲାଗିଲା । ତତକ୍ଷଣ ଗୋଟିଏ କ୍ୟାବ୍ ଆସି ଆମପାଖରେ ହାଜର ହେଲା । ସିକ୍ୟୁରିଟି ଗାର୍ଡ଼ ଜଣକ ଆମ୍ଭଠାରୁ ଠିକଣା ପଚାରି ସେହି କ୍ୟାବ୍ ଚାଳକ ଜଣକୁ ବୁଝାଇ କହିଲା । ଭାଗ୍ୟକୁ ସେହି ଚାଳକ ଜଣକ ଜଣେ ପଞ୍ଜାବୀ ଭାଇ ଥିଲେ । ଏଣୁ ଗାଡ଼ିରେ ବସୁ ବସୁ ହିନ୍ଦୀରେ କଥା ଭାଷା ଆରମ୍ଭ ହୋଇଗଲା । ସେ ଆମକୁ ପଚାରି ଜଗ୍‌ଜିତ୍ ସିଂଙ୍କ ଗଜଲ୍ ବଜାଇବାକୁ ଆରମ୍ଭ କରିଦେଇଥିଲେ । ଅନୁସନ୍ଧିତ୍ସୁ ମନରେ ମୋର ଯାହା ଅନ୍ତ୍ୱବହୁତ

କଥା ଥିଲା ତାଙ୍କୁ ପଚାରି ବୁଝିଲି । ଆମେ ଭାରତରୁ ହିଁ ଏଠିକାର ଏକ ହୋଟେଲ୍ ସହ କଥାବାର୍ତ୍ତା ହୋଇ କୋଠରୀ ପାଇଁ କଥାବାର୍ତ୍ତା ହୋଇସାରିଥିଲୁ । ଏଣୁ ସେହି ହୋଟେଲ୍ "ଟାଉନ୍ ଇନ୍"କୁ ହିଁ ଯାଉଥିଲୁ । ରାସ୍ତାରେ ଏହି ପଞ୍ଜାବୀ ଡ୍ରାଇଭର୍ ଜଣକ ବିନମ୍ର ଭାବେ ଆମ୍ଭକୁ କହିଲେ କି ଆପଣ ଯେଉଁ ଅଞ୍ଚଳରେ ହୋଟେଲ ନେଇଛନ୍ତି ସେହି ହୋଟେଲ୍‌ଟି ଏକ " ଗେ ଏରିଆ "ରେ ରହିଅଛି , ଏଣୁ ଆପଣମାନଙ୍କୁ ଯଦି କିଛି ଅସମଞ୍ଜସ ହୁଏ ତାହାହେଲେ ଦିନେ ଦୁଇଦିନରେ ହୋଟେଲ୍ ବଦଳାଇ ପାରନ୍ତି ।

ହୋଟେଲ୍‌ରେ ପହଞ୍ଚିଲୁ ଏବଂ ରିସେପ୍‌ସନ୍‌ରେ ପଇସାପତ୍ର ଦିଆନିଆ କରି ରୁମ୍ ଚାବି ନେଇ ଚତୁର୍ଥ ମହଲାରେ ପହଞ୍ଚିଲୁ କୋଠରୀ ଭିତରେ । ଜିନିଷ ପତ୍ର ସବୁ ରଖାରଖି କରି ଧୁଆଧୋଇ ହୋଇ ଖାଇବାକୁ ବାହାରି ପଡ଼ିଲୁ । ଆମେ ପ୍ରଥମେ ଯାଇ ପହଞ୍ଚିଲୁ କେ.ଏଫ୍.ସି. ରେ । ଗୋଟିଏ ଦୁଇଟା କଣ ପାଟିରେ ପକାଇଦେଇ , ପାଖ ଦୋକାନରୁ କିଛି ଜିନିଷ ଆଉ ପରିବାପତ୍ର କିଣି ଫେରିଲୁ ହୋଟେଲ୍ ରୁମ୍‌କୁ । ଭାବିଲୁ ଗୋଟିଏ ଭଲ ଭାରତୀୟ ହୋଟେଲ୍ ନ ମିଳିବା ପର୍ଯ୍ୟନ୍ତ ରୁମ୍‌ରେ ହିଁ ମାଇକ୍ରୋଓଭେନ୍‌ରେ ରନ୍ଧାବଢ଼ା କରି କାମ ଚଳାଇଦେବୁ ।

ହୋଟେଲ୍‌କୁ ଫେରିବା ପରେ , ସବୁ ଅଜବ ଦୃଶ୍ୟ ସବୁ ଦେଖିଲି ସନ୍ଧ୍ୟା ସମୟରେ । ପୁରୁଷଯୁଗଳ ସବୁ ହାତରେ ହାତ ଧରାଧରି ହୋଇ ସନ୍ଧ୍ୟା ଭ୍ରମଣରେ ବାହାରୁଛନ୍ତି ହୋଟେଲ୍‌ରୁ । ଜଣେ ପୁରୁଷ ସ୍ବାମୀ ଭଳି ସୁଟ୍ - ଟାଇ – ବୁଟ୍ ରେ ସଜାଇ ହୋଇଛନ୍ତିତ ଅନ୍ୟ ଜଣେ ପୁରୁଷ ସ୍ତ୍ରୀ ଲୋକଟିଏ ଭଳି ମିନି ସ୍କାର୍ଟ ଓ ଟପ୍‌ଟାଏ ପିନ୍ଧିଛନ୍ତି । ସେ ଓଠରେ ଲିପ୍‌ଷ୍ଟିକ୍, କାନରେ ରିଙ୍ଗ୍ ଓ ଗଳାରେ ମୋତିମାଳରେ ବିଭୂଷିତ ହୋଇ ଗୋଟିଏ ଭ୍ୟାନିଟି ଧରିଛନ୍ତି । ଦୁହେଁ ବିବାହିତ ଦମ୍ପତି ଭଳି ହାତରେ ହାତ ଛନ୍ଦି ଅଣ୍ଟାଭାଙ୍ଗି ଚାଲିଛନ୍ତି । ଅଧିକାଂଶ ଯୁଗଳ ଏହି ଭଳି । ଏ ସବୁ ଦେଖିଲା ପରେ ଗାଁ ଦଣ୍ଡନାଟରେ ପାର୍ଟ ନେଉଥିବା ସ୍ତ୍ରୀ ରୂପି ପୁରୁଷ ମାନଙ୍କ କଥା ମନେପକାଇ ହସୁଥିଲି । ଲାଗୁଥିଲା କି ଏହି ଫେସନ୍ ତ ମୋ ପାଇଁ ବହୁତ ପୁରୁଣା । ଏହିମାନେ ତ ସବୁ ମଣିଷ ବେଶଭୂଷାରେ ରହିଛନ୍ତି, ମୁଁ କିନ୍ତୁ ପୁରୁଷ ମାନଙ୍କୁ ପିଲାଦିନୁ ସୀତା, ତାରା, ସୂର୍ପଣଖା ହେବାର ଦେଖି ଆସିଛି ।

ଏସବୁ ଦେଖି ତାଜୁବ୍ ତ ଲାଗୁଥିଲା, ଆମୋଦ ମଧ୍ୟ । ଭାବୁଥିଲି କିସ ଦେଖାନ ଯାଏ ମହୀରେ !

ଦିନକୁ ଦିନ ଝିଅପିଲାମାନଙ୍କ ଯେପରି ଅଭାବ ପରିଲକ୍ଷିତ ହେଲାଣି , ପାଶ୍ଚାତ୍ୟ ଜଗତରେ ହୁଏତ ଏହାକୁ ସେମାନେ ସମାଧାନ ଭାବି ଆଦରିନେଲେଣି ବୋଧହୁଏ । ପଚାରି ବୁଝିଲି ଯେ ଏହି ଅଞ୍ଚଳରେ ଏମାନଙ୍କର ଗୋଟିଏ କମ୍ୟୁନିଟି ହଲ୍ ଅଛି, ସେଠାରେ ସାରା ଟରୋଣ୍ଟୋର "ଗେ ଦମ୍ପତି" ଏକାଠି ହୁଅନ୍ତି । ଆମୋଦ ପ୍ରମୋଦ ହୁଏ ନାଚଗୀତ ସହ,

ସେଇମାନେ ଝୁମି ଉଠନ୍ତି ଭାବପ୍ରବଣ ହୋଇ । ସେମାନେ କୁଆଡ଼େ ଭାରୀ ଅନୁରାଗୀ ପରସ୍ପର ପ୍ରତି , ସେନେହ ସରାଗରେ ।

ଜାଣେନା ଆମର ରକ୍ଷଣଶୀଳ ସମାଜ ଏହାକୁ କିପରି ଆଦରିପାରିବ ? ଏଇଠି ସୀତା ଓ ଦ୍ରୌପଦୀ ଭଳି ନାରୀ ଙ୍କୁ ବେଜିତ୍ ହେବାକୁ ପଡ଼େ, ଆଉ ଏଭଳି ଆଚରଣକୁ ବରଦାସ୍ତ କରିବାକୁ ହେଲେ ଯେ ସେମାନଙ୍କୁ କେତେ ଅଧୁନାତନ ସଭ୍ୟତା କୁ ଆଦରିବାକୁ ପଡ଼ିବ । ଆମ ଦେଶରେ ଯେ "ଗେ" ନାହାନ୍ତି ତାହା ନିଶ୍ଚିତ ରୂପେ କହିହେବ ନାହିଁ । ପୁଅପିଲା ମାନେ ମଧ୍ୟ ଯୌନ ନିର୍ଯ୍ୟାତନାର ଶିକାର ହେବାଟା ଏବି ଆଖିଦୃଶିଆ ହେଲାଣି । କିନ୍ତୁ , ଭାରତୀୟ ମାନେ ଖୋଲାଖୋଲି ଭାବେ ଏହାକୁ ସ୍ବୀକାର କରିପାରନ୍ତି ନାହିଁ । ଚନ୍ଦ୍ରମାର କଳଙ୍କ ଭଳି ଆମ ସମାଜର ମଧ୍ୟ ଏକ ଅନ୍ଧକାର ଭାଗ ରହିଅଛି । ଲୁଚେଇ ଛପେଇ, ନିରବ ରହିଗଲେ ଯେ ଏହା ର ଅସ୍ତିତ୍ବ ନାହିଁ , ଏହି ଭଳି ଭୂଲ କରିବାଟା ହିଁ ମହାମୂର୍ଖାମୀ । ବିଲେଇ ଆଖି ମୁଦି କ୍ଷୀର ପିଇଲା ପରି ଏହି ଭଳି ସଂପର୍କରେ ଲୋକେ ମସ୍‌ଗୁଲ୍ ରହି ଆସିଛନ୍ତି । ବାହାରେ ଏକ ସ୍ତ୍ରୀ ର ସ୍ବାମୀ ବୋଲି ପରିଚୟ ଦେଉଥିବା କେତେଜଣ କାମାନ୍ଧ , ବହୁ ପୁରୁଷଙ୍କ ସହ ଯୌନ ସମ୍ପର୍କରେ ଲିପ୍ତ ରହିଛନ୍ତି । ଏହା ପ୍ରଘଟ ହେଲେ ସେମାନଙ୍କର ସ୍ବାମୀତ୍ବରେ ଆଞ୍ଚ ଆସିପାରେ , ଏହି ଭୟରେ ସେମାନେ ଏହାକୁ ପରିପ୍ରକାଶ କରିପାରିନାହାନ୍ତି ବୋଧହୁଏ ।

ଆସନ୍ତୁ, ଏଠାରେ ମୁଁ ପାଠକମାନଙ୍କ ଅବଗତି ନିମନ୍ତେ "ଟରୋଣ୍ଟୋ" ସହର ବିଷୟରେ କିଛି ପଦେ ଦୁଇପଦ ଲେଖିଦିଏ । ତାପରେ ବୁଲି ବାହାରିବା ଏ ସହରକୁ । ଯାହାବା ମୁଁ ଇଣ୍ଟର୍‌ନେଟ୍‌ରେ ପଢ଼ିଥିଲି ସେ ସବୁ ପ୍ରଥମେ ଲେଖିଦିଏ ।

"ଟରୋଣ୍ଟୋ" ସହର ହେଉଛି କାନାଡ଼ା ଦେଶର , ଓଣ୍ଟାରିଓ ପ୍ରୋଭିନ୍‌ସ୍‌ର ଏକ ପ୍ରସିଦ୍ଧ ସହର । ୫,୫୮୩,୦୬୪ ଜନସଂଖ୍ୟା ବିଶିଷ୍ଟ ଏହି ସହରଟି ୭୧୨୫ ବର୍ଗ କିଲୋମିଟର ଯାଏଁ ପରିବ୍ୟାପ୍ତ । ଏହି ସହରଟି ୬ ଗୋଟି ଜିଲ୍ଲା ସମୂହ ରେ ବିଭକ୍ତ, ଯଥା ଇଷ୍ଟୟର୍କ୍, ଏଟୋବିକୋକ୍, ନର୍ଥୟର୍କ୍, ଓଲ୍‌ଡ୍ ଟରୋଣ୍ଟୋ, ସ୍କାର୍‌ବୋରୋ ଏବଂ ୟର୍କ । ସହର ର ଏରିଆ କୋଡ୍ ୪୧୬ ୬୪୭ ଅଟେ । ଆପଣ ମାନେ ଏହି ସହର ର ବିଶଦ ବିବରଣୀ ଜାଣିବାକୁ ହେଲେ www.toronto.ca କୁ ଯାଇ ଦେଖିପାରିବେ । ଏହି ସହର ହଗ୍ ଟାଉନ୍, ଦି କ୍ବିନ୍‌ସିଟି, ଦି ସିଟି ୱିଦିନ୍ ଏ ପାର୍କ, ପ୍ରଭୃତି ନାମରେ ମଧ୍ୟ ବିଖ୍ୟାତ ।

ଏହି ସହରର ମୁଖ୍ୟ ଆଧାର ହେଲା " ଅନେକତାରେ ଆମର ଶକ୍ତି "।

ଟରୋଣ୍ଟୋ , କାନାଡ଼ାର ସର୍ବବୃହତ୍ ସହର ଏବଂ ଉତ୍ତର ଆମେରିକାର ପଞ୍ଚମ ଜନବହୁଳ ସହର । ପୃଥିବୀର ମହାଶକ୍ତି ମାନଙ୍କ ମଧ୍ୟରେ ଏହାର ସ୍ଥାନ ଦଶମ ଅଟେ । ଏହି

ସହର ସୁଖ ଓ ସ୍ବାଚ୍ଛନ୍ଦ୍ୟର ସହରମାନଙ୍କ ମଧ୍ୟରେ ଅନ୍ୟତମ । ପୃଥିବୀର ସମସ୍ତ ଜାତି – ଧର୍ମ – ବର୍ଣ୍ଣର ଲୋକମାନଙ୍କୁ ଏହି ସହର ନିଜର ବାହୁପ୍ରସାରୀ ଆଦରୀ ନେଇଛି । ଏଠାରେ ଖ୍ରୀଷ୍ଟମାସ୍ ଯେଉଁ ଜାକଯମକରେ ପାଳନ ହୁଏ , ଜଗନ୍ନାଥଙ୍କ ରଥଯାତ୍ରା ମଧ୍ୟ ସେହି ଆଦରରେ ପାଳନ ହୁଏ । "କାନାଡ଼ା ଡ଼େ " ଯେପରି ଭବ୍ୟ ସମାରୋହରେ ଉତ୍ସବ ମୁଖରିତ ହୁଏ, ଠିକ୍ ସେହିପରି ଭାରତର ସ୍ବାଧିନତା ଉତ୍ସବ ସହରର କେନ୍ଦ୍ରରେ ବହ୍ବାଡ଼ମ୍ବରରେ ପାଳିତ ହୁଏ । ଏହି ସବୁରୁ ହିଁ ଏହି ସହରର ଗୌରବମୟ ଚିନ୍ତା ଓ ଚେତନାର ପରିଚୟ ମିଳେ ।

ଧିରେ ଧିରେ ଏ ସହର ସାଙ୍ଗରେ ମୁଁ ପରିଚୟ ହେବି ଆଉ ବିଭିନ୍ନ ଯାଗାସବୁ ବୁଲିଆସିବି, ବିଭିନ୍ନ ଲୋକଙ୍କ ସହ ମିଶିବି, ନୂଆଁ କଥା ଜାଣିବି ଆଉ କଥାରହିଲା, ଏ ସବୁ ଆପଣଙ୍କ ଆଗରେ ବଖାଣି ବସିବି ।

( କ୍ର ମ ଶଃ )

# ଶେଷ ସମ୍ବାଦ

ବିଗତ ମାସର ଆହ୍ବାନ ପ୍ରକାଶିତ ହେବାପରେ ବହୁତ ସଂଖ୍ୟାରେ ନୂତନ ପାଠକ ସୃଷ୍ଟି କରିବାରେ ଆହ୍ବାନ ସକ୍ଷମ ହୋଇପାରିଥିଲା, ଏହାର ସଦ୍ୟ ଉଦାହରଣ ଚଳିତ ସଂସ୍କରଣ ହୋଇପାରେ। ଏହି ସଂସ୍କରଣରେ ପ୍ରକାଶନ ହେତୁ ସର୍ବାଧିକ କୃତୀ ପ୍ରଥମ ଥର ପାଇଁ ଆହ୍ବାନକୁ ଲେଖା ଦେଉଥିବା ଲେଖକ ଲେଖିକା ମାନଙ୍କର ସଂଗ୍ରହ ହୋଇଥିଲା। ଦିନକୁ ଦିନ ଓଡ଼ିଆ ସାହିତ୍ୟ ପତ୍ରିକା କ୍ଷେତ୍ରରେ ନୂତନ ଉଦାହରଣ ସୃଷ୍ଟି କରି ଚାଲୁଥିବା ଆହ୍ବାନର ଉତ୍ତରୋତ୍ତର ଉନ୍ନତି କାମନା କରି ଅନେକ ବନ୍ଧୁ ଶୁଭେଚ୍ଛାବାର୍ତ୍ତା ମାନ ଆମ ଫେସବୁକ୍ ଗ୍ରୁପରେ ଏବଂ ସମ୍ପାଦକଙ୍କୁ ବ୍ୟକ୍ତିଗତ ଭାବରେ ଇ-ମେଲ୍ ଦ୍ବାରା ଜଣାଇଛନ୍ତି। ସେହି ବନ୍ଧୁମାନଙ୍କୁ ଧନ୍ୟବାଦ ଜଣାଉଛି। ଚଳିତ ସଂସ୍କରଣକୁ ବ୍ୟଙ୍ଗ ସାହିତ୍ୟ ପାଇଁ ସମର୍ପିତ କରାଯାଇଛି। ଏଥିରେ ସର୍ବାଧିକ ବ୍ୟଙ୍ଗ କଥା ହିଁ ପ୍ରକାଶ ପାଇଛି। ଆଶା କରୁଛି ଆପଣ ମାନଙ୍କୁ ଭଲ ଲାଗିଥିବ।

ଯେଉଁ ବନ୍ଧୁମାନଙ୍କ କଥା କିମ୍ବା କବିତା ଚଳିତ ସଂସ୍କରଣରେ ସ୍ଥାନ ପାଇନାହିଁ ସେମାନେ ଦୟାକରି ହତୋତ୍ସାହିତ ହୁଅନ୍ତୁ ନାହିଁ। ଆମ ପତ୍ରିକାର ଆଗାମୀ ସଂସ୍କରଣ ମାନଙ୍କରେ ଆପଣ ମାନଙ୍କ କଥା ଓ କବିତା ନିଶ୍ଚୟ ସ୍ଥାନ ପାଇବ। ଯେଉଁମାନେ ତଥାପି ଭାବୁଛନ୍ତି ଯେ କୌଣସି ପ୍ରକାର ଭୁଲ ହୋଇଛି, ସେମାନେ ସମ୍ପାଦକଙ୍କ ସହ ଇ-ପତ୍ରାଳାପ (by email - **aahwaan@gmail.com**) କରି ନିଜର ସମସ୍ତ ପ୍ରଶ୍ନର ଉତ୍ତର ପାଇ ପାରିବେ।

ଚଳିତ ସଂସ୍କରଣ ପାଇଁ କୌଣସି କବିତା ଫେସ୍‌ବୁକ୍‌ର କୌଣସି ଗ୍ରୁପରୁ ନିଆଯାଇନାହିଁ। ଯେଉଁ ବନ୍ଧୁମାନେ ଆମ ସମ୍ପାଦକଙ୍କ ନିକଟକୁ ଇ-ମେଲ୍ ଦ୍ବାରା ଲେଖାପଠାଇଛନ୍ତି କେବଳ ସେମାନଙ୍କ ଲେଖା ହିଁ ପ୍ରକାଶିତ ହୋଇଛି। ବିଗତ ସଂସ୍କରଣ ତୁଳନାରେ ଚଳିତ ସଂସ୍କରଣରେ ଅଧିକ ପରିମାଣର ଗଳ୍ପ ଓ ପ୍ରବନ୍ଧ, ଭ୍ରମଣ କାହାଣୀ ତଥା ଅନୁଭୂତି କଥା ଆଦି ସ୍ଥାନ ପାଇଛି।

ଆଗାମୀ ସଂସ୍କରଣ ସେପ୍ଟେମ୍ବର ମାସର ପ୍ରଥମ ସପ୍ତାହ ସୁଦ୍ଧା ପ୍ରକାଶିତ ହେବ, ତେଣୁ ନିଜ ନିଜେ ଲେଖା ଖୁବ୍ ଶୀଘ୍ର ସମ୍ପାଦକଙ୍କୁ ପଠାଇବାର ବ୍ୟବସ୍ଥା କରନ୍ତୁ।

# ବିଶେଷ ସୂଚନା

ଆହ୍ବାନ ଇ-ପତ୍ରିକାର ଏକ ମୁଦ୍ରିତ ପୁସ୍ତିକା ଖୁବ୍ ଶୀଘ୍ର ପ୍ରକାଶିତ ହେବ। ଏକ ବିଶେଷ ସଂସ୍କରଣ ଭାବରେ ଏହାକୁ କେବଳ ଆହ୍ବାନ ପତ୍ରିକାର ବିମୁଗ୍ଧ ପାଠକ ପାଠିକାଙ୍କ ପାଇଁ ବିକ୍ରୟ ହେତୁ ପ୍ରକାଶିତ କରାଯିବ। ଏଥିରେ ଓଡ଼ିଆରେ ଲିଖିତ ସମ୍ପୂର୍ଣ୍ଣ ମୌଳିକ ଲେଖା (ଯାହା ଆଗରୁ କୌଣସି ସ୍ଥାନରେ ପ୍ରକାଶିତ ହୋଇ ନଥିବ / ଫେସ୍‌ବୁକ୍‌ରେ ପ୍ରକାଶିତ ହୋଇନଥିବ) ଆମ ନିକଟକୁ ପଠାନ୍ତୁ। ଏଥି ନିମନ୍ତେ ପ୍ରବନ୍ଧ, ଗଳ୍ପ, କ୍ଷୁଦ୍ରଗଳ୍ପ, ଭ୍ରମଣ କାହାଣୀ, ବ୍ୟଙ୍ଗ କାହାଣୀ, ଅନୁଭବ ଓ ଅନୁଭୂତିର କାହାଣୀ, ଜୀବନଚର୍ଯ୍ୟା, ସଂସ୍କୃତି, ସାମାଜିକ ଚଳଣି, ରୋଷେଇ, ପରିବାରଚର୍ଚ୍ଚା, କବିତା, ବ୍ୟଙ୍ଗ କବିତା ଆଦି ବିଷୟ ସମ୍ବଳିତ ଲେଖା ଏଥିରେ ସ୍ଥାନ ପାଇବ। ଏହା ବ୍ୟତିତ ଭିନ୍ନ ଭିନ୍ନ ସ୍ବାଦର ଅନେକ କାହାଣୀ ଏଥିରେ ସ୍ଥାନ ପାଇବ। ଉଚ୍ଚକୋଟୀର ଲେଖା ତଥା ଗବେଷଣାତ୍ମକ ଲେଖାମାନଙ୍କୁ ପ୍ରାଧାନ୍ୟ ଦିଆଯିବ। ଅଧିକ ସୂଚନା ନିମନ୍ତେ ସମ୍ପାଦକଙ୍କ ସହ ଯୋଗାଯୋଗ କରନ୍ତୁ ।

(aahwaan@gmail.com / 9040985463)

ଆମେ ଆମର ସମସ୍ତ ପାଠକ ପାଠିକା ମାନଙ୍କୁ ଜଣାଇ ଦେଉଛୁ ଯେ ଏହି ପତ୍ରିକା ସହ ଜଡ଼ିତ ଲେଖକ, ଲେଖିକା, ସମ୍ପାଦକ ଏବଂ ଅନ୍ୟ ସମସ୍ତ ବ୍ୟକ୍ତି ନିଜକୁ ଓଡ଼ିଆ ବୋଲି ପରିଚୟ ଦେବାରେ ଗୌରବ ପ୍ରାପ୍ତ କରନ୍ତି କିନ୍ତୁ ନିଜକୁ ଓଡ଼ିଆରେ ଜ୍ଞାନୀ କିମ୍ବା ପଣ୍ଡିତ ବୋଲି ଜଣାନ୍ତି ନାହିଁ। ତେଣୁ ଏଠାରେ ସ୍ଥଳ ବିଶେଷରେ ବିଭିନ୍ନ ଛୋଟବଡ଼ ଭୁଲ ରହିଥିବା ସ୍ବାଭାବିକ, ସେହି ସବୁ ଭୁଲକୁ ଅଣଦେଖା କରି ଏହି ପତ୍ରିକାର ଆନନ୍ଦ ନିଅନ୍ତୁ।




ଆହ୍ବାନ ଇ-ପତ୍ରିକାର ଚଳିତ ସଂସ୍କରଣକୁ

ଡ଼ାଉନଲୋଡ୍ କରିବା ଏବଂ ପଢ଼ିବା ପାଇଁ ଆମେ

ଆପଣଙ୍କୁ ଧନ୍ୟବାଦ ଦେଉଛୁ ...

Please like us on Facebook at
http://www.facebook.com/odiaparibar
http://www.facebook.com/groups/aahwaan
http://www.facebook.com/groups/kathaokabita
http://www.facebook.com/groups/premakabita
http://www.facebook.com/groups/aamapiladina
http://www.facebook.com/jyoti.pattnaik

Please forward your comments and compliments to our Editor at

**aahwaan@gmail.com**

or call him on

**9040985463 / 9861962160**